CMYK

• Vol.- 46, Issue No. 162
• Friday, 11 September 2026
• ଶୁକ୍ରବାର, ୧୧ ସେପ୍ଟେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







## ଦୁବାଇରେ ନିବେଶକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଓଡ଼ିଶାକୁ ଆସିବ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ



- ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବାକୁ ପ୍ରୟାସ
- ନିବେଶ ନୀତିକୁ ବିଦେଶୀ ଶିଳ୍ପପତିମାନଙ୍କ ପ୍ରଶଂସା
- ନୂଆ ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା
- ୧୪ ପ୍ରକଳ୍ପ ପାଇଁ ୨ ଲକ୍ଷ ୧୦ ହଜାର କୋଟିର ପ୍ରସ୍ତାବ

ଆବୁଧାବି/ଭୁବନେଶ୍ୱର, ୧୦।୯: ଓଡ଼ିଶାରେ ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବାକୁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତ ସମୟରେ ଦୁବାଇରେ ଆୟୋଜିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡଟେବୁଲ୍ ବୈଠକ । ଓଡ଼ିଶାରେ ଷ୍ଟେନଲେସ୍ ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଶିଳ୍ପରେ ନିବେଶ ପାଇଁ ବିଦେଶୀ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ହୋଇଥିବା ଏହି ବୈଠକରେ ପିଜିଏଲ୍ ଗ୍ରୁପ୍, ଏମଟିସି ଗ୍ରୁପ୍, ହିଦାୟତ ଗ୍ରୁପ୍, ଝିରା ଗ୍ରୁପ୍ ଏବଂ ପିଟିସିଏଲ୍ ଇନଫ୍ରା ଭଳି ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ସାମିଲ ହୋଇଥିଲେ । ବୈଠକରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାକୃତିକ ସମ୍ପଦର ଉପଯୋଗ ସହ ରାଜ୍ୟରେ ଅଧିକ ମୂଲ୍ୟ ସଂଯୋଜନ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଶିଳ୍ପପତିଙ୍କୁ ଅବଗତ କରାଇଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ନିବେଶ ଅନୁକୂଳ ପରିବେଶର ଶକ୍ତିଶାଳୀ ସମନ୍ୱୟ ରହିଛି ବୋଲି ସେ କହିଛନ୍ତି। ଶିଳ୍ପ ବିକାଶ ଓ ମୂଲ୍ୟ ସଂଯୋଜନର ଏହି ଯାତ୍ରାରେ ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ରାଜ୍ୟର ନିବେଶ ନୀତିକୁ ବିଦେଶୀ ଶିଳ୍ପପତିମାନେ ପ୍ରଶଂସା କରିଛନ୍ତି । ଓଡ଼ିଶାରେ ନିବେଶର ସମ୍ଭାବନା ଅନୁଧାନ କରିବାକୁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବା ସହ ଆଗାମୀ ଦିନରେ ରାଜ୍ୟର ସୁଯୋଗକୁ ପରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ୟୁଏଇର ଅର୍ଥନୀତି ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଓ ୟୁଏଇ ମଧ୍ୟରେ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ନୂଆ ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା ହୋଇଛି । ଏଥିସହ ଓଡ଼ିଶାର ଅନୁକୂଳ ବ୍ୟବସାୟିକ ପରିବେଶ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ୟୁଏଇ ନିବେଶକଙ୍କୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ନିବେଶ ପାଇଁ ୟୁଏଇର ଶିଳ୍ପପତିଙ୍କୁ ଆମନ୍ତ୍ରଣ ମଧ୍ୟ ଜଣାଇଛନ୍ତି । ଏଥିସହ ୧୪ ପ୍ରକଳ୍ପ ପାଇଁ ୨ ଲକ୍ଷ ୧୦ ହଜାର କୋଟିର ପ୍ରସ୍ତାବ। ୟୁଏଇ ଗସ୍ତର ପ୍ରଥମ ଦିନରେ ଓଡ଼ିଶା ପାଇଁ ଆସିଛି ବଡ଼ ପୁଞ୍ଜିନିବେଶ ପ୍ରସ୍ତାବ। ୧୪ଟି ନୂଆ ପ୍ରକଳ୍ପ ପାଇଁ ପ୍ରାୟ ୨ ଲକ୍ଷ ୧୦ ହଜାର ୫୦୦ କୋଟି ଟଙ୍କା ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି । ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ପ୍ରାୟ ୮ ଲକ୍ଷ ୬୮ ହଜାର ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ ବା ଓଏଚ୍ଚ ଏବଂ ଆଦାନୀ ଗ୍ରୁପ୍ ସହ ଏହି ୧୪ଟି ପ୍ରକଳ୍ପକୁ ନେଇ ଓଡ଼ିଶା ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି।

### ଶିଶୁ ଓରାଙ୍ଗଉଟାନ ଉଦ୍ଧାର ଘଟଣା


# ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୯: ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ଏସଟିଏଫ ଜୋରଦାର ତଦନ୍ତ ଚଳାଇଛି । ଏହାର ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓଡ଼ିଶାରେ ପାଞ୍ଚଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଏହା ସହିତ ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେଉଁ ପରିସ୍ଥିତିରେ ଏହି ପ୍ରାଣୀ ଗୁଡ଼ିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କ'ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ, ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆହୁରି ମଧ୍ୟ ଏହି ବିରଳ ପ୍ରଜାତିର ପ୍ରାଣୀଗୁଡ଼ିକ କେଉଁ ମାର୍ଗ ଦେଇ ଓଡ଼ିଶାକୁ ଅଣାଯାଇଥିଲା ? ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ ? ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଏବଂ



କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା ? ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନଗୁଡ଼ିକୁ ପ୍ରଚଳିତ ବନ୍ୟପ୍ରାଣୀ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଉପଯୁକ୍ତ ଚିକିତ୍ସା ସେବା, ସୁରକ୍ଷା ଓ ଆବଶ୍ୟକ ଯତ୍ନ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

# ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ମାମଲା ଖାରଜ




କଟକ, ୧୦।୯: ଓଡ଼ିଶାରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ଦାୟରର ଆଧାର ଭ୍ରମାତ୍ମକ ବୋଲି ହାଇକୋର୍ଟ କହିଛନ୍ତି। ଏଭଳି ଅଯଥା ଜନସ୍ୱାର୍ଥ ମାମଲା ଦାୟର ନ କରିବାକୁ ହାଇକୋର୍ଟ ତାଗିଦ କରିଛନ୍ତି। ଆବେଦନକାରୀ ଜଣେ ଆଇନଜୀବୀ ହୋଇଥିବା ବେଳେ ଆଗକୁ ମୌଳିକ, ସାମ୍ବିଧାନିକ ଅଧିକାର ଉଲ୍ଲଂଘନ ହୋଇଥିବା ତଥା ବଞ୍ଚିତ ବ୍ୟକ୍ତିଙ୍କ ସେ ବାସ୍ତବ ଦାବି ଉଠାଇବେ ଓ ଏପରି ଅଯଥା ମୋକଦ୍ଦମାରେ ସଂପୃକ୍ତ ହେବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଲିନା ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

# ଭାରତ ଆସିବେ ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ

## ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବେ

ନୂଆଦିଲ୍ଲୀ, ୧୦।୯: ୭ ବର୍ଷ ପରେ ଭାରତ ଆସୁଛନ୍ତି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ । ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ଆଲୋଚନାର ସମ୍ଭାବନା ରହିଛି। ୧୨ ଓ ୧୩ ରେ ନୂଆଦିଲ୍ଲୀରେ ହେଉଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତା ପରସ୍ପରକୁ ଭେଟିବେ।



୨୦୨୦ର ଗଲୱାନ ସଂଘର୍ଷ ପରେ ଭାରତ ମାଟିରେ ଏହା ମୋଦି ଓ ଜିନପିଙ୍ଗଙ୍କ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ୨୦୨୦ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ୍ ସେନା ମଧ୍ୟରେ ହୋଇଥିଲା ରକ୍ତାକ୍ତ ସଂଘର୍ଷ। ଏଥିରେ କର୍ଣ୍ଣେଲ୍ ବି. ସନ୍ତୋଷ ବାବୁଙ୍କ ସମେତ ୨୦ ଭାରତୀୟ ଯବାନ ସହିଦ ହୋଇଥିଲେ। ଏହି ଘଟଣା ପରେ ଦୁଇ ଦେଶ ଭାରତ-ଚୀନ ସମ୍ପର୍କ ଦଶନ୍ଧିର ସବୁଠାରୁ ଖରାପ ସ୍ତରକୁ ଖସିଯାଇଥିଲା। ସୀମାରେ ବିପୁଳ ସେନା ମୁତୟନ ସହ ଦୁଇ ପକ୍ଷ ମଧ୍ୟରେ ଅବିଶ୍ୱାସ ବଢ଼ିଥିଲା। ତେଣୁ ଦିଲ୍ଲୀର ମୋଦି-ଜିନପିଙ୍ଗ ଭେଟକୁ କେବଳ ଏକ ଔପଚାରିକ ବୈଠକ ଭାବେ ଦେଖାଯାଉନାହିଁ। ୨୦୨୪ରେ ସୀମାରେ ପାଟ୍ରୋଲିଂ ଓ ସେନା ପ୍ରତ୍ୟାହାରକୁ ନେଇ ହୋଇଥିବା ବୁଝାମଣା ପରେ ସମ୍ପର୍କରେ ଧୀରେ ଧୀରେ ସୁଧୁରିଛି।

# ଲଘୁଚାପ ପ୍ରଭାବ: ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦।୯ : ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି । ଏହାସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୯.୪ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିବା ସହ ଦକ୍ଷିଣ ପଶ୍ଚିମ ଦିଗକୁ ଢଳିକି ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ବା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା , ଘଡ଼ଘଡ଼ି, ବିଜୁଳି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ ବର୍ଷା ସମ୍ଭାବନାକୁ ନେଇ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଂଜାମ ଓ ଗଜପତି ଏହି ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥି ସହ ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡା,ଭଦ୍ରକ, ଜଗତସିଂହପୁର,ବୌଦ୍ଧ, ବଲାଙ୍ଗୀର, ନୂଆପଡା, ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଏହି ୧୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ଉଡ଼ିବ ବିମାନ

## ଅକ୍ଟୋବର ୨ରୁ ଆରମ୍ଭ ହେବ ସେବା



ଭୁବନେଶ୍ୱର, ୧୦।୯: ରାଜଧାନୀ ଭୁବନେଶ୍ୱରରୁ ଥାଇଲାଣ୍ଡର ବ୍ୟାଙ୍କକ୍‌କୁ ପୁଣି ଆରମ୍ଭ ହେବ ବିମାନ ସେବା। ଆସନ୍ତା ଅକ୍ଟୋବର ୨ରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରସନ୍ନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ବ୍ୟାଙ୍କକ୍‌କୁ ଏହି ବିମାନ ସେବା ସପ୍ତାହକୁ ଦୁଇଥର ଚାଲିବ। କିଛି କାରଣରୁ ପୂର୍ବରୁ ଏହି ରୁଟ୍‌ରେ ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏବେ ପୁଣି ଏହି ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ ହେବା ନେଇ ଯାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ ହେଲେ ଓଡ଼ିଶାରୁ ଥାଇଲାଣ୍ଡ ଯାତାୟାତ ଅଧିକ ସୁବିଧାଜନକ ହେବ। ବିଶେଷକରି ପର୍ଯ୍ୟଟକ, ବ୍ୟବସାୟୀ ଓ ଅନ୍ତର୍ଜାତୀୟ ଯାତ୍ରୀମାନେ ଏଥିରୁ ଲାଭ ପାଇବେ। ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ଏକ ଅନ୍ତର୍ଜାତୀୟ ରୁଟ୍‌ରେ ସେବା ପୁନଃ ଆରମ୍ଭ ହେବା ରାଜ୍ୟର ବିମାନ ଯୋଗାଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରିବ।

# ଓଡ଼ିଶାରେ ଜମିଜମା ସେବା ହେବ ସହଜ

ଭୁବନେଶ୍ୱର, ୧୦।୯: ରାଜସ୍ୱ ବିଭାଗରେ ଜମିଜମା ସମ୍ପର୍କିତ ସେବା ପ୍ରଦାନ ବ୍ୟବସ୍ଥାରେ ଆହୁରି ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ ମଡର୍ନାଇଜେସନ୍ ପ୍ରୋଗ୍ରାମ୍‌ର ତୃତୀୟ ସଂସ୍କରଣର ଶୁଭାରମ୍ଭ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହି ତୃତୀୟ ସଂସ୍କରଣର ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ସମସ୍ତ ରାଜ୍ୟର ରାଜସ୍ୱ ବିଭାଗ ମନ୍ତ୍ରୀ, ସଚିବ ଓ ବରିଷ୍ଠ ଅଧିକାରୀ ଭିଡିଓ କନଫରେସିଂ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ଅବସରରେ ଦ୍ୱିତୀୟ ସଂସ୍କରଣରେ ଯେଉଁ ମାନଦଣ୍ଡ ଓ ଆବଶ୍ୟକତା ପୂରଣ କରିବାକୁ ନିର୍ଦ୍ଦେଶ ରହିଥିଲା । ସେହି ଅନୁଯାୟୀ ଜମି ରେକର୍ଡର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଓଡ଼ିଶା ରାଜସ୍ୱ ବିଭାଗ ପ୍ରାୟ ଶତପ୍ରତିଶତ ସଫଳତା ହାସଲ କରିଛି ବୋଲି କହିଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ରାଜ୍ୟରେ ମୋଟ ୨ କୋଟି ୨୩ ଲକ୍ଷ ୩୫୯ଟି ଆରଓଆର ମଧ୍ୟରୁ ପ୍ରାୟ ୧ କୋଟି ୯୯ ଲକ୍ଷ ୮୬ହଜାର ୪୮୭ଟି ଆରଓଆରର କମ୍ପ୍ୟୁଟରୀକରଣ କାର୍ଯ୍ୟ ସମାପ୍ତ ହୋଇଛି । ଏହା ସହିତ ରାଜ୍ୟର ୬ଟି ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟ ମଧ୍ୟ ଚାଲିଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ ଗଞ୍ଜାମ। ଆଧୁନିକ ପ୍ରଯୁକ୍ତିରେ ଜମିର ସର୍ଭେ କରି ଜମିର ସଠିକ୍ ତଥ୍ୟ ଓ ନକ୍ସା ପ୍ରସ୍ତୁତ କରାଯାଉଛି । ସେହିପରି 'ନକ୍ସା' ଯୋଜନା ଅନୁଯାୟୀ ରାଜ୍ୟର ବିଭିନ୍ନ ସହରରେ ସହରାଞ୍ଚଳ ଜମିର ବନ୍ଦୋବସ୍ତ ଓ ଡିଜିଟାଲ ମ୍ୟାପ୍ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ଅନେକ ସ୍ଥାନରେ ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହାଛଡ଼ା 'ସ୍ୱାମୀତ୍ୱ' ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ଜମି ଓ ଜମି ଉପରେ ଥିବା ସମ୍ପତ୍ତିର ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ସହିତ ଜମି ଓ ସମ୍ପତ୍ତିର ଅଧିକାର ପ୍ରମାଣପତ୍ର ବା ପ୍ରପର୍ଟି କାର୍ଡ ପ୍ରଦାନ ମଧ୍ୟ ଆରମ୍ଭ କରାଯାଇଛି, ଓଡ଼ିଶାରେ ଜମିର ଡିଜିଟାଲ ମ୍ୟାପ୍ ପ୍ରସ୍ତୁତି କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିଛି। ରାଜ୍ୟର ମୋଟ ୫୧ ହଜାର ୮୦୨ଟି ଗାଁ ମଧ୍ୟରୁ ୫୧ ହଜାର ୭୪୨ଟି ଗାଁରେ ଡିଜିଟାଲ ମ୍ୟାପ୍ ପ୍ରସ୍ତୁତି କାର୍ଯ୍ୟ ସମାପ୍ତ ହୋଇଛି। ଏହା ଦ୍ୱାରା ଡିଜିଟାଲ ମ୍ୟାପିଂ କ୍ଷେତ୍ରରେ ପ୍ରାୟ ୯୯.୬ ପ୍ରତିଶତ ସଫଳତା ହାସଲ ହୋଇଛି। ଜମି ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟ ଡିଜିଟାଲ ଓ ସରଳ କରାଯାଉଛି। ଓଡ଼ିଶାର ମୋଟ ୩୨୧ଟି ସବ୍-ରେଜିଷ୍ଟ୍ରାର ଅଫିସ୍ ମଧ୍ୟରୁ ୨୧୩ଟି କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରାଯାଇସାରିଛି। ନିକଟ ଅତୀତରେ ସମସ୍ତ ତହସିଲରେ ଜମି ପଞ୍ଜୀକରଣ ସେବା ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଛି ।



# ପୁଣି ଚମକିଲା ରାଉରକେଲା

ଭୁବନେଶ୍ୱର, ୧୦।୯: ଜାତୀୟସ୍ତରରେ ପୁଣି ଚମକିଲା ରାଉରକେଲା। ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ରାଉରକେଲାକୁ ବଡ଼ ସଫଳତା। ୩ରୁ ୧୦ ଲକ୍ଷ ଜନସଂଖ୍ୟା ବର୍ଗରେ ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ଷ୍ଟିଲ୍ ସିଟି ରାଉରକେଲା। ଏହି ସଫଳତା ପାଇଁ ଜାତୀୟସ୍ତରରେ ରାଉରକେଲାକୁ ସମ୍ମାନିତ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ଓ ବାୟୁର ଗୁଣବତ୍ତା ବୃଦ୍ଧି ଦିଗରେ ରାଉରକେଲାର ଉଦ୍ୟମକୁ ମିଳିଛି ଜାତୀୟ ସ୍ୱୀକୃତି। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ହୋଇଥିବା ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୬ରେ ସାରା ଦେଶରେ ରାଉରକେଲା ହାସଲ କରିଛି ପ୍ରଥମ ସ୍ଥାନ।

CMYK

## ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ବିଜେ








ଆଜି ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ସେଥିପାଇଁ ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁଯାୟୀ ଅଠରନଳା ସ୍ଥିତ ମା ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ଅମାବାସ୍ୟା ତାଡ଼ ବିଜେ କରାଯାଇଛି । ମଧ୍ୟାହ୍ନ ଧୂପ ସରିବା ପରେ କୁମ୍ଭକାରମାନେ ନୂତନ ବସ୍ତ୍ର ପରିଧାନ କରି ସାତପୁରି ଘେନାଣ ନିମନ୍ତେ ଶ୍ରୀମନ୍ଦିରରୁ ଘଣ୍ଟ ଛତା କାହାଳୀ ସହିତ ଅଠରନଳା ସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲେ । ସେଠାରେ ପୂର୍ବରୁ କୁମ୍ଭକାର ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଚାରିଗୋଟି ତାଡ଼ ମାଙ୍କ ନିକଟରେ ରଖା ଯାଇଥିଲା । କୁମ୍ଭକାର ନିଯୋଗର ଇଷ୍ଟଦେବୀ ମା ଅଲାମଚଣ୍ଡିଙ୍କୁ ଶୀତଳଭୋଗ ମଣୋହୀ କରାଯିବା ପରେ କୁମ୍ଭକାର ସେବକମାନେ ମା'ଙ୍କ ନିକଟରେ ଥିବା ଚାରୋଟି ତାଡ଼କୁ ବନ୍ଦାପନା କରିଥିଲେ । ବନ୍ଦାପନା ସମ୍ପନ୍ନ ହେବା ଉତାରେ ବିଜେ କାହାଳୀ ବାଜି ତାଡ଼ ଗୁଡିକ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ଗୋଟିଏ ଲେଖାଏଁ ତାଡ଼ ସହ ଗୋଟିଏ ଅତିରିକ୍ତ ତାଡ଼ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା । କୁମ୍ଭକାର ସେବକମାନେ ମୁହଁରେ ବାଘତୁଣ୍ଡି ଭିଡି ତାଡ଼ ଗୁଡିକୁ ନେଇ ଶ୍ରୀମନ୍ଦିରକୁ ଆସିଥିଲେ । ବେଢ଼ା ଏକ ଥର ବୁଲାଯିବା ପରେ ତାଡ଼ ରୋଷ ବେହରଣଠାରେ ରଖାଯାଇଥିଲା । ସଂଧ୍ୟାଧୂପ ପରେ ଜଣେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ଦକ୍ଷିଣକାଳୀ ମନ୍ଦିରକୁ ଯାଇଥିଲେ । ଦକ୍ଷିଣକାଳୀଙ୍କ ସେବକ ତାଙ୍କଠାରୁ ଆଜ୍ଞାମାଳ ନେଇ ଶ୍ରୀମନ୍ଦିର ଆସି ସିଂହଦ୍ୱାର ଦେଇ ରୋଷଦ୍ୱାର ବାହାର ପାଶେ ଆଜ୍ଞାମାଳ ରୋଷଆଡ଼େ ଦେଇଥିଲେ । ଏହା ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା ।

## ବୁଦ୍ଧଙ୍କ ଶିକ୍ଷା ଏବଂ ବିବାହିତ ଜୀବନ



କୁହାଯାଏ ଯେ ଗୌତମ ବୁଦ୍ଧ ଖ୍ରୀଷ୍ଟପୂର୍ବ ୫୬୩ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଲୁମ୍ବିନୀରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଏହି ସ୍ଥାନ ନେପାଳରେ ଅଛି । ମାତ୍ର ୨୯ ବର୍ଷ ବୟସରେ ବୁଦ୍ଧ ନିଜ ଘର ଛାଡି ଦିବ୍ୟ ଜ୍ଞାନ ଅନ୍ୱେଷଣରେ ବାହାରିଥିଲେ । ବୁଦ୍ଧ ସମଗ୍ର ବିଶ୍ୱରେ ଲୋକଙ୍କ ମଧ୍ୟରେ ଅହିଂସା, ଶାନ୍ତି, ପ୍ରେମ, ଶୁଭେଚ୍ଛା ଏବଂ ବଳିଦାନର ବାର୍ତ୍ତା ଦେଇ ସମାଜରେ ବ୍ୟାପିଥିବା ମନ୍ଦତାକୁ ହଟାଇବାକୁ ଚେଷ୍ଟା କରିଥିଲେ ।

### ମହାତ୍ମା ଗୌତମ ବୁଦ୍ଧ କିଏ ?

ମହାତ୍ମା ବୁଦ୍ଧ ରାଜା ଶୁଦ୍ଧୋଦନଙ୍କ ପୁତ୍ର ଥିଲେ, ଯିଏ ଶାକ୍ୟ ଗଣରାଜ୍ୟର ରାଜା ଥିଲେ । ବୁଦ୍ଧଙ୍କ ମାତାଙ୍କ ନାମ ମାୟାଦେବୀ ଥିଲା । ଜନ୍ମ ସମୟରେ ପିତାମାତା ବୁଦ୍ଧଙ୍କୁ ରାଜକୁମାର ସିଦ୍ଧାର୍ଥ ନାମରେ ନାମିତ କରିଥିଲେ । ବୁଦ୍ଧ ପିଲାଦିନରୁ ଶାନ୍ତ ଏବଂ ଗମ୍ଭୀର ପ୍ରକୃତିର ଥିଲେ । ସେ ଅଧିକାଂଶ ସମୟ ଏକାକୀ ବସି ବସି ଚିନ୍ତା କରୁଥିଲେ । ରାଜକୁମାର ହୋଇଥିଲେ ମଧ୍ୟ ସାଂସାରିକ ଭୋଗ ପ୍ରତି ତାଙ୍କର ଆଗ୍ରହ ନ ଥିଲା । ବୁଦ୍ଧ ବଢିବାକୁ ଲାଗିଲେ, ତାଙ୍କର ସାଂସାରିକ ଆଗ୍ରହ ମଧ୍ୟ ଶେଷ ହେବାକୁ ଲାଗିଲା ।

### ଗୌତମ ବୁଦ୍ଧଙ୍କ ଶିକ୍ଷା

ଗୌତମ ବୁଦ୍ଧଙ୍କ ପ୍ରାରମ୍ଭିକ ଶିକ୍ଷା ନିଜେ ପ୍ରାସାଦରେ ହୋଇଥିଲା । କିନ୍ତୁ ଯେତେବେଳେ ସେ ଟିକିଏ ବଡ ହେଲେ ତାଙ୍କ ପିତା ତାଙ୍କୁ ଶିକ୍ଷା ପାଇଁ ଗୁରୁ ବିଶ୍ୱାମିତ୍ରଙ୍କ ନିକଟକୁ ପଠାଇଲେ । ବୁଦ୍ଧ, ଗୁରୁ ବିଶ୍ୱାମିତ୍ରଙ୍କଠାରୁ ବେଦ ଏବଂ ଉପନିଷଦ ଶିଖିଲେ । ଧୀରେ ଧୀରେ ସେ ଜଣେ ଆଦର୍ଶ ଶିଷ୍ୟ ହେଲେ ।

### ଗୌତମ ବୁଦ୍ଧଙ୍କ ବିବାହ:

କିଛି ସମୟ ପରେ ବୁଦ୍ଧ କୋଲିୟ ରାଜବଂଶର ରାଜା ସୁପବୁଦ୍ଧଙ୍କ ଝିଅ ଯଶୋଧରାଙ୍କୁ ବିବାହ କରିଥିଲେ । ବୁଦ୍ଧ ଏବଂ ଯଶୋଧରାଙ୍କର ମଧ୍ୟ ଏକ ପୁତ୍ର ଥିଲେ, ଯାହାର ନାମ ରାହୁଲ ଥିଲା । କିନ୍ତୁ ବିବାହ ପରେ ମଧ୍ୟ ବୁଦ୍ଧଙ୍କ ବୈରାଗ୍ୟ ଭାବନା ବଢିବାକୁ ଲାଗିଲା ଏବଂ ସାଂସାରିକ ଭୋଗ ପ୍ରତି ତାଙ୍କର ଆଗ୍ରହ କମିଯାଉଥିଲା । ଏହିପରି, ଦିନେ ବୁଦ୍ଧ ନିଜ ପତ୍ନୀ ଏବଂ ପୁଅକୁ ଛାଡି ଚୁପଚାପ୍ ଜଙ୍ଗଲ ଆଡକୁ ଗଲେ । ବୁଦ୍ଧ ତାଙ୍କ ଆତ୍ମା ସହିତ ଯୋଡି ହେବାକୁ ଚାହୁଁଥିଲେ । ସେ ଦିବ୍ୟ ଜ୍ଞାନର ସନ୍ଧାନରେ ଥିଲେ । ସେଥିପାଇଁ ତାଙ୍କର ଘର, ପରିବାର, ସମ୍ପତ୍ତି କିମ୍ବା ଅନ୍ୟ କୌଣସି ସମ୍ପର୍କ ନ ଥିଲା । କାରଣ ସେ ଏହି ଜିନିଷଗୁଡ଼ିକରେ ଆଧ୍ୟାତ୍ମିକ ଆନନ୍ଦ ପାଉନଥିଲେ । ତାଙ୍କ ମନରେ ଚାଲିଥିବା ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ବୁଦ୍ଧ ବୋଧି ଗଛ ତଳେ ବସି ତପସ୍ୟା କରିବା ଆରମ୍ଭ କଲେ ଏବଂ ୬ ବର୍ଷ ପରେ ସେ ସମ୍ପୂର୍ଣ୍ଣ ଏବଂ ଦିବ୍ୟଜ୍ଞାନ ହାସଲ କଲେ ।




## ନୃସିଂହନାଥ ମନ୍ଦିର


ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ବୈଷ୍ଣବ ମନ୍ଦିରଟି ବରଗଡ଼ ଜିଲ୍ଲାର ପଦ୍ମପୁର ସବଡ଼ିଭିଜନର ଗନ୍ଧମାର୍ଦ୍ଦନ ପର୍ବତରେ ଅବସ୍ଥିତ । ଭଗବାନ ନରସିଂହ, ବିରାଡ଼ି ବା ମାର୍ଜାର ରୂପେ ପୂଜା ପାଉଛନ୍ତି । ଐତିହାସିକ ଓ ପଣ୍ଡିତମାନଙ୍କ ସୂଚନାରୁ ଜଣାପଡ଼େ ଯେ, ପାଟଣାଗଡ଼ର ରାଜା ବୈଦଳ ସିଂହ ଦେବ, ସୁପୁତ୍ର ପ୍ରାପ୍ତି ନିମନ୍ତେ ଏହାକୁ ନିର୍ମାଣ କରାଇଥିଲେ । ଏହାର ଉଚ୍ଚତା ୪୫ ଫୁଟ । ଏହାର ଦୁଇଟି ଭାଗ । ପ୍ରଥମଟିରେ ନୃସିଂହନାଥଙ୍କ ବିଗ୍ରହ ପୂଜା ପାଉଥିବା ବେଳେ ଅନ୍ୟଟିରେ ଜଗମୋହନ ପୂଜା ପାଆନ୍ତି । ମନ୍ଦିରର ଦ୍ୱାର କଳା ମୁଗୁନି ପଥରରେ ନିର୍ମାଣ କରାଯାଇଛି । ଏଥିରେ ଥିବା ନର୍ତ୍ତକୀ, ନୃତ୍ୟକାରୀ, ଗଜଲକ୍ଷ୍ମୀ, ଶିବ, ଗଙ୍ଗା, ଯମୁନା, ବନଦୁର୍ଗା ଓ ଭୈରବୀମାନଙ୍କ ଦେହରେ ସୂକ୍ଷ୍ମ ଶିଳ୍ପ କଳାର ବୈଭବ ଫୁଟି ଉଠିଥିବାର ଦେଖିବାକୁ ମିଳେ । ମନ୍ଦିରର ପୂର୍ବ ଦ୍ୱାରରେ ନବଗ୍ରହ ମୂର୍ତ୍ତି ଏବଂ ଏହି ଦ୍ୱାରର ଅଳ୍ପ ଦୂରରେ ଖଡ୍ଗହସ୍ତ ବୀର ସୈନିକର ମୂର୍ତ୍ତି ରହିଚି । ଏହାବ୍ୟତୀତ ଏହି କ୍ଷେତ୍ରର ବିଭିନ୍ନ ସ୍ଥଳରେ ଲକ୍ଷ୍ମୀ, ବାମନ, କାଳୀ, ବରାହ, ଶିବ, ନନ୍ଦୀ, ଗୋପାଳ, ଭୀମ, ଦୁର୍ଗା, ଗଣେଶ ଓ ପାଣ୍ଡବ ମାନଙ୍କର ପଥର ଖୋଦେଇ ମୂର୍ତ୍ତିମାନ ଦେଖିବାକୁ ମିଳେ ।








## ଉପଲବ୍ଧି



ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଦୀପଙ୍କରଙ୍କ ବହୁତ ଯଶ, ସମ୍ମାନ ଥିଲା । ଅଧ୍ୟୟନ-ଅଧ୍ୟାପନା ହିଁ ତାଙ୍କ ଜୀବନର ସର୍ବସ୍ୱ ଥିଲା । ଦିନେ ରାତିରେ ଦୀପାଲୋକରେ ଅଧ୍ୟୟନ କରୁଥିବା ସମୟରେ କେତେବେଳେ ତାଙ୍କର ଆଖିପତା ଲାଗିଯାଇଥିଲା ଜାଣି ପାରିନଥିଲେ । ନିଦ୍ରିତ ଅବସ୍ଥାରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ- ସମ୍ମୁଖରେ ଅତି ଆକର୍ଷଣୀୟ ମୁଦ୍ରାରେ ତଥାଗତ ଉପବେଶନ କରିଛନ୍ତି । ନେତ୍ର କରୁଣାରେ ପରିପୂର୍ଣ୍ଣ । ଅଧରରେ ଲାଗି ରହିଥିଲା ସ୍ମିତହସ । ତଥାଗତଙ୍କୁ ଦେଖି ଦୀପଙ୍କର ବାରମ୍ବାର ତାଙ୍କର ପାଦତଳେ ପଡ଼ି ନିଜକୁ କୃତାର୍ଥ ମଣିଲେ । ତଥାଗତ ହସିହସି ପଚାରିଥିଲେ 'ଦୀପଙ୍କର ! ଏତେ ରାତିରେ ତୁମେ କ'ଣ କରୁଛ ?' 'ଭଗବାନ ! ମୁଁ ଧର୍ମ, ତତ୍ତ୍ୱମୀମାଂସା, ଦର୍ଶନ- ଏହି ସବୁ ପଢୁଛି ।' 'ସେ ସବୁ କ'ଣ ତୁମେ ବୁଝିପାରୁଛ ନା ଖାଲି ପଢୁଛ ?' 'ଅବଶ୍ୟ ପାରୁଛି ଭଗବାନ'- ଦୀପଙ୍କର ଦୃଢ଼ ଆତ୍ମବିଶ୍ୱାସ ସହକାରେ କହିଥିଲେ । କିଛିକ୍ଷଣ ନୀରବ ରହି ତଥାଗତ ପଚାରିଥିଲେ – 'ତୁମେ ଖାଲି ଶବ୍ଦାର୍ଥ ବୁଝୁଛ ନା ସେସବୁ ଉପଲବ୍ଧି କରୁଛ ?' ଜ୍ଞାନୀ ଦୀପଙ୍କରଙ୍କ ପାଇଁ ଏଭଳି ଏକ ପ୍ରଶ୍ନ ସମ୍ପୂର୍ଣ୍ଣ ନୂଆ ଥିଲା । ବର୍ଷବର୍ଷ ଧରି ନାଳନ୍ଦା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପାଠ ପଢ଼ାଇଛନ୍ତି । ଅନେକ ବିଦ୍ୱାନଙ୍କ ସହ ଶାସ୍ତ୍ରାର୍ଥ ଆଲୋଚନା କରିଛନ୍ତି । ବହୁ ବିଦ୍ୱାନଙ୍କୁ ଶାସ୍ତ୍ରାର୍ଥ ଆଲୋଚନାରେ ପରାଜିତ କରିଛନ୍ତି । ହେଲେ ଏଭଳି ପ୍ରଶ୍ନ ପୂର୍ବରୁ ତାଙ୍କୁ କେହି ପଚାରି ନଥିଲେ । ହଜାର ହଜାର ବିଦ୍ୟାର୍ଥୀଙ୍କ ଜିଜ୍ଞାସା ସମାଧାନ କରିଥିବା ଦୀପଙ୍କର ଏହି ପ୍ରଶ୍ନରେ ନିଜକୁ ଅପ୍ରତିଭ ମନେ କଲେ । ଅସହାୟ ଭାବରେ ଦୀପଙ୍କର ତଥାଗତଙ୍କ ଆଡ଼କୁ ଅନାଇ କହିଥିଲେ – 'ଭଗବାନ ! ମୁଁ ବୁଝି କେବଳ ଶବ୍ଦାର୍ଥ ହିଁ ବୁଝି ପାରୁଛି । ଉପଲବ୍ଧି କରିବା ଶକ୍ତି ମୋଠାରେ ନାହିଁ ।' ଆଚାର୍ଯ୍ୟ ଦୀପଙ୍କରଙ୍କ ଏଭଳି ନିର୍ଭୀକ, ସ୍ପଷ୍ଟ ଉତ୍ତରରେ ତଥାଗତ ଆଶୀର୍ବାଦପୂର୍ବକ ତାଙ୍କ ମଥା ଉପରେ ହାତ ରଖିଥିଲେ । ହଠାତ୍ ସ୍ୱପ୍ନ ତୁଟିଗଲା । ଦୀପଙ୍କର ନିଦ ଭାଙ୍ଗିଲା । ଜାଣିପାରିଲେ ସେ ପଢୁଥିବାବେଳେ ଶୋଇଯାଇଛନ୍ତି । ସ୍ୱପ୍ନକଥା ଚିନ୍ତା କରି ଶୟନ କକ୍ଷରେ ଅସ୍ଥିର ଭାବରେ ପଦଚାରଣା କରିବାକୁ ଲାଗିଲେ । ଜୀବନରେ ପ୍ରଥମଥର ପାଇଁ ଶବ୍ଦଜ୍ଞାନ ତାଙ୍କୁ ନିରର୍ଥକ ବୋଧ ହେଲା । ମନେମନେ ଭାବିବାକୁ ଲାଗିଲେ ଏତେକାଳ ହେଲା ବିଦ୍ୟାଭ୍ରମରେ ଅବିଦ୍ୟା ହିଁ ଅର୍ଜନ କରିଛି । ଆଖି ଆଗରେ ନାଚି ଉଠିଲା ବୋଧହୁଏ ଏଇଥିପାଇଁ (ଅବିଦ୍ୟାର ଭ୍ରମ ଓ ଅନିତ୍ୟ ସଂସାରରୁ ଦୂରରେ ରହିବାକୁ ।) ତଥାଗତ ରାଜ୍ୟ, କ୍ଷମତା ଅନିନ୍ଦ୍ୟସୁନ୍ଦରୀ ପତ୍ନୀ ଗୋପା, ପୁତ୍ର ସନ୍ତାନ, ରାଜୈଶ୍ୱର୍ଯ୍ୟ, ସବୁକିଛି ଉପଲବ୍ଧି କରିବା ପରେ ହିଁ କାମନାର ବିଲୁପ୍ତି ନିମନ୍ତେ ସଂସାର ତ୍ୟାଗ କରିଥିଲେ । ଦୀପଙ୍କର ଦୃଢ଼ ହେଲେ । ବାସ୍, ଢ଼େର୍ ହୋଇଯାଇଛି, ଏବେ ସେହି ଅବିଦ୍ୟାକୁ ବିସର୍ଜନ କରିବା ହିଁ ମୋ ପାଇଁ ଶ୍ରେୟସ୍କର ହେବ ।

## ଓଁ ବିନା ସମସ୍ତ ମନ୍ତ୍ର ପ୍ରାଣ ଶକ୍ତିବିହୀନ

ବିଭିନ୍ନ ମନ୍ତ୍ରର ପ୍ରାରମ୍ଭରେ 'ଓଁ'ର ଉଚ୍ଚାରଣ ହୋଇଥାଏ । 'ଓଁ'କୁ ଏକାକ୍ଷରୀ ମନ୍ତ୍ର ଭାବେ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । 'ଓଁ' ବିନା ସମସ୍ତ ମନ୍ତ୍ର ପ୍ରାଣଶକ୍ତି ବିହୀନ ବୋଲି କୁହାଯାଏ । ତେବେ ଓଁର ନିୟମିତ ଜପ ଆମ ଶରୀର ପାଇଁ ଉପକାରୀ ହୋଇଥାଏ । ନିୟମିତ ସକାଳୁ ଓ ସଂଧ୍ୟାରେ ପଦ୍ମାସନରେ ବସି ଧୀରେ ଧୀରେ ପ୍ରାଣବାୟୁରେ ସମନ୍ୱୟ ଆଣି ଏହି 'ଓଁ' ମହାମନ୍ତ୍ର ଜପ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏହାକୁ ଧୀଶକ୍ତି ବୃଦ୍ଧି କରିବା ସହିତ ମନରେ ଏକାଗ୍ରତା ଆଣିଥାଏ । ଓଁ ମହାମନ୍ତ୍ର ୧୦୮ଥମର ଜପ କରିବା ଦ୍ୱାରା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ । ଏହାର ଜପଦ୍ୱାରା ମନରେ କୌଣସି ଖରାପ ଚିନ୍ତା ଉଦ୍ରେକ ହୋଇ ନଥାଏ । ଏହାର ପ୍ରଭାବରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଏହି ମହାମନ୍ତ୍ର ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ବିଶ୍ୱାସ କରାଯାଏ । 'ଓଁ' ମନ୍ତ୍ର ଜପକଲେ ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ।



## ଶରୀରରେ ଲୁଣର ଅଭାବ ଆଣିଥାଏ ଅନେକ ସମସ୍ୟା

ପ୍ରାୟତଃ ଲୋକମାନେ ଧାର୍ମିକ ଉପବାସ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଲୁଣ ଖାଇବା ଛାଡ଼ିଥାନ୍ତି । କେବେ ଭାବିଛନ୍ତି କି, ଯଦି ଏକ ମାସ ପର୍ଯ୍ୟନ୍ତ ଲୁଣ ନ ଖାଆନ୍ତି ତେବେ ଏହା ଆପଣଙ୍କ ଶରୀରରେ କି ପ୍ରଭାବ ପକାଇବ ? ଲୁଣ ଛାଡ଼ିବା ଦ୍ୱାର ଶରୀରରେ ସୋଡ଼ିୟମ୍ ଅଭାବ ହୋଇପାରେ, ଯାହା ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା, ଦୁର୍ବଳତା ଓ ଥକ୍କାପଣ ଭଳି ସମସ୍ୟା ସୃଷ୍ଟି କରିପାରେ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଲୁଣ ଛାଡ଼ିବା ଆପଣଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇପାରେ, କାରଣ ସଠିକ ଭାବେ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ସଠିକ୍ ସୋଡ଼ିୟମ ସ୍ତର ଜରୁରୀ ହୋଇଥାଏ ।

ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ କିଛି ନିର୍ଦ୍ଦିଷ୍ଟ ପରିମାଣରେ ଲୁଣ ଖାଇବା ଆବଶ୍ୟକ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୪ ଗ୍ରାମ୍‌ରୁ ଅଧିକ ଲୁଣ ଖାଇବା ଉଚିତ ନୁହଁ ।

ତେବେ ଜାଣିବା ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ଏହା ଆପଣଙ୍କ ଶରୀରରେ କ'ଣ ପ୍ରଭାବ ପକାଇବ –

**ଓଜନ ହ୍ରାସ ହେବା :** ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ତେବେ ଶରୀରରେ ଏହାର ପ୍ରଥମ ପ୍ରଭାବ ଓଜନ ହ୍ରାସ ଭାବେ ଦେଖାଯାଇଥାଏ । ଲୁଣର ଅଭାବରେ ଶରୀରରେ ଜଳର ପରିମାଣ ହ୍ରାସ ପାଇଥାଏ, ଯାହାଦ୍ୱାରା ପେଟ ଓ ଅଣ୍ଟାର ଚର୍ବି କମିଥାଏ । ଯଦି ଓଜନ ଅସାଧାରଣ ଭାବେ ହ୍ରାସ ପାଉଥାଏ, ତେବେ ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ ।


**ହଜମ ପ୍ରକ୍ରିୟାରେ ସମସ୍ୟା :** ଲୁଣର ଅଭାବ ଶରୀର ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ, ଯାହା ପେଟରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ହଜମ ପ୍ରକ୍ରିୟକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଶରୀର ଏକ ନିର୍ଦ୍ଦିଷ୍ଟ ପରିମାଣର ଲୁଣ ଆବଶ୍ୟକ କରେ ।

**ମାନସିକ ସ୍ୱାସ୍ଥ୍ୟ ସମସ୍ୟା :** ଲୁଣ ଠାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରଖିବା, ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଲୁଣର ଅଭାବ ଦୁଃଖ,ଚାପ ଓ ଚିନ୍ତା ଭଳି ସମସ୍ୟା ସୃଷ୍ଟି କରିପାରେ । ତେଣୁ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପ୍ରତିଦିନ ସୀମିତ ପରିମାଣରେ ଲୁଣ ଖାଇବା ଆବଶ୍ୟକ । ଏବେ ନିଶ୍ଚୟ ବୁଝିଯାଇଥିବେ ଯେ ଏକ ମାସ ପର୍ଯ୍ୟନ୍ତ ଲୁଣକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ିବା ସ୍ୱାସ୍ଥ୍ୟ ପାଇଁ କିପରି କ୍ଷତିକାରକ ହୋଇପାରେ । ତେଣୁ, ଏଭଳି ପଦକ୍ଷେପ ନେବା ପୂର୍ବରୁ ଡାକ୍ତର କିମ୍ବା ଡାଏଟିସିଆନ୍‌ଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।



## ସାଗର ପୁତ୍ରଙ୍କ ମୁକ୍ତି

ଭଗୀରଥ ଗଙ୍ଗାଦେବୀଙ୍କୁ ବନ୍ଦନାକରି ପ୍ରଣାମ କରି କହିଲେ, ମାତା ଏହି ମହାମୁନି କପିଳଙ୍କ ଆଶ୍ରମ କିପରି ଲଙ୍ଘନ କରି ଯିବା ? ଗଙ୍ଗାଦେବୀ କହିଲେ ବତ୍ସ ! ତୁ ଆଗରେ ଅଛୁ । ତୁ ଯେଉଁ ପଥ ଦେଇଯିବୁ ମୁଁ ତୋର ଅନୁଗମନ କରିବି । ଭଗୀରଥ କହିଲେ ମାତା ! ଦେଖ ସମ୍ମୁଖରେ କିପରି ଅଗ୍ନିରେ ମୋର ପ୍ରପିତାମହମାନେ କଲବଲ ହେଉଛନ୍ତି । ହେ ମାତା ! ଉପାୟ ବତାଇ ଦିଅ । ଗଙ୍ଗା ପୁନର୍ବାର କହିଲେ ତୁ ଆଗରେ ଚାଲ୍, ମୁଁ ପଛରେ ଯିବି । ଭଗୀରଥ କହିଲେ ହେ ମାତା ! ଅଯୋଧ୍ୟାରେ ମୋର ମାତାଦ୍ୱୟଙ୍କୁ ବଚନ ଦେଇ ଆସିଛି । ମୁଁ ପିତୃଙ୍କୁ ଉଦ୍ଧାର କରି ତୁମ୍ଭର ଚରଣ ବନ୍ଦନା କରିବି । ଏବେ ଅଗ୍ନିରେ ଝାସ ଦେଲେ ମୁଁ କିପରି ବର୍ତ୍ତିବି ? ମାତାଙ୍କୁ ଦେଇଥିବା ବଚନ ବୃଥା ହେବ । ଗଙ୍ଗା କହିଲେ ତୁ ପ୍ରଥମେ ଅଗ୍ନିମଧ୍ୟକୁ ଯା' ଦେଖିବୁ ପରେ କ'ଣ ହେବ । ଭଗୀରଥ କପିଳ ମୁନିଙ୍କ ଆଶ୍ରମ ଚାରିପାଖରେ ତିନିଥର ପରିକ୍ରମା କଲେ । ଗଙ୍ଗାଦେବୀ ସେହିପରି ଆଶ୍ରମ ଚାରିପଟେ ଘୂରିଲେ । ଭଗୀରଥ ଗଙ୍ଗାଦେବୀଙ୍କୁ ପ୍ରଣାମ କରି ରଥ ସହ ଶଙ୍ଖନାଦ କରି ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟରେ ପ୍ରବେଶ କଲେ । ଗଙ୍ଗାଦେବୀ ଭଗୀରଥଙ୍କୁ ଅଗ୍ନିରେ ପ୍ରବେଶ କରିବା ଦେଖି ଆହା ପୁତ୍ର ବୋଲି କହି ଶତଧାର ହୋଇ ଅଗ୍ନିମଧ୍ୟକୁ ବହିଗଲେ । ସଗର ପୁତ୍ରମାନେ ଯୁଗ ଯୁଗ ଧରି କପିଳମୁନିଙ୍କ କ୍ରୋଧାଗ୍ନିରେ ଅହରହ ଦଗ୍ଧ ହେଉଥିଲେ । ଏବେ ଗଙ୍ଗାଜଳ ସ୍ପର୍ଶ କରି ଶାନ୍ତିପାଇଁ ମୁକ୍ତିଲାଭ କରି ସ୍ୱର୍ଗପ୍ରାପ୍ତି ହେଲେ । ଗଙ୍ଗାଦେବୀ ଭଗୀରଥଙ୍କୁ ଉଦ୍ଧାର କରି ନିଜ ରାଜ୍ୟ ଅଯୋଧ୍ୟାକୁ ପ୍ରତ୍ୟାଗମନ କରିବାକୁ ଅନୁମତି ପ୍ରଦାନ କଲେ । ସେହିଠାରୁ ଯାଇ ଗଙ୍ଗାଦେବୀ ସାଗର ସହିତ ମିଳିତ ହେଲେ । ସାଗର ମହାମାୟୀଙ୍କ ନିଜ ସଂଗରେ ମିଶିବାଦେଖି ଅତୀବ ଆନନ୍ଦିତ ହେଲେ ।



## ସ୍ୱାସ୍ଥ୍ୟ ବରିଷ୍ଠ ସହାୟକଙ୍କ ଡେପୁଟେସନ ରଦ୍ଦ ପାଇଁ ଦାବି

ଭାପୁର,(ନିପ୍ର): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ବର୍ଷ ହେଲା କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ ବରିଷ୍ଠ ସହାୟକ ମନୋରଞ୍ଜନ ଦାସଙ୍କୁ ଇତିମଧ୍ୟରେ ଡେପୁଟେସନରେ ଅନ୍ୟତ୍ର ବଦଳି କରାଯାଇଛି । ଯାହାକୁ ନେଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରି ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ କାର୍ଯ୍ୟ ଦକ୍ଷତା ଉପରେ ଆଜି ପର୍ଯ୍ୟନ୍ତ କେହି ପ୍ରଶ୍ନବାଚୀ ସୃଷ୍ଟି କରି ନ ଥିବାବେଳେ ତାଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଇବା ହେଉଛି ସ୍ୱାସ୍ଥ୍ୟକେନ୍ଦ୍ରର ଅବନତି ତେଣୁ, ତାଙ୍କର ଡେପୁଟେସନକୁ ରଦ୍ଦ କରାଯାଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପୁନଃଅବସ୍ଥାପିତ କରାଯାଉ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଦାବି କରିଛନ୍ତି।

## ଜଟଣୀ ବ୍ଲକରେ ଭିବିଜୀରାମଜୀ କାର୍ଯ୍ୟକ୍ରମ : ତଦାରଖ କଲେ ବିଡ଼ିଓ

ଜଟଣୀ,(ନି.ପ୍ର) : ଜଟଣୀ ବ୍ଲକରେ ଭିବିଜୀରାମଜୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁସାରେ ପଞ୍ଚାୟତରେ ଶ୍ରମିକଙ୍କୁ ୧୨୫ ଦିନର କାର୍ଯ୍ୟ ଯୋଗାଇ ଦେବା ଲାଗି ସରକାର ନିଷ୍ପତ୍ତି ନେଇଥିବା



ବେଳେ ଆଜି ଠାରୁ ଜଟଣୀ ବ୍ଲକର ଅଙ୍ଗାରପଡ଼ା ପଞ୍ଚାୟତରେ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି । ସରକାରୀ ନିୟମାନୁସାରେ ସ୍ଥାନୀୟ ବିଡ଼ିଓ,ଏପିଓ,ପିଇଓ ପ୍ରମୁଖ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବା ଏବଂ ଫଟୋଚିତ୍ର ପଠାଇବା ପାଇଁ କୁହାଯାଇଛି । ଫଳରେ ସ୍ଥାନୀୟ ବିଡ଼ିଓ ବସନ୍ତ କୁମାର ହାତୀ,ଏପିଓ ଚନ୍ଦନ ବଳ ପ୍ରମୁଖ ଅଙ୍ଗାରପଡ଼ା ପଞ୍ଚାୟତରେ ଉପସ୍ଥିତ ରହି ଭିବିଜୀରାମଜୀ କାର୍ଯ୍ୟ ତଦାରଖ କରିବା ସହ ବିଭାଗୀୟ ଦପ୍ତରକୁ ଫଟୋ ପଠାଇଥିବା ଜଣାପଡ଼ିଛି ।

## କେନ୍ଦ୍ରାପଡ଼ାରେ ରାଜସ୍ୱ ଜନଶୁଣାଣି ଶିବିର

କେନ୍ଦ୍ରାପଡ଼ା,(ନିପ୍ର): ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଗୁରୁବାର କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ରାଜସ୍ୱ ସମ୍ପର୍କିତ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ମୋଟ ୨୪ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ଏଥିରେ ଅନ୍‌ଲାଇନ୍ ରେକର୍ଡ (ଓଏଲ୍ଆର), ମ୍ୟୁଟେସନ୍, ଜମିର ସୀମା ନିର୍ଦ୍ଧାରଣ, ରେକର୍ଡ କିପର ସମ୍ପର୍କିତ ସମସ୍ୟା, ଜବରଦଖଲ ଓ ଲିଜ୍ ମାମଲା ଆଦି ସାମିଲ ଥିଲା। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ତହସିଲଦାର କୁଇନି ଜେନାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଓ ନିୟମସମ୍ମତ ସମାଧାନ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ଜିଲ୍ଲାପାଳ କହିଥିଲେ।

## ସାଇବର ସୁରକ୍ଷା ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ(ନିପ୍ର): ରାଜ୍ୟ ମିହିଳା ଓ ଶିଶୁ ବିକାଶ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆୟୋଜନରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅବସରରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ସିଡିପିଓ ମନୋରମା ମହାପାତ୍ରଙ୍କ ପୌରାହିତ୍ୟରେ କୃଷ୍ଣପ୍ରସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଚିଲିକା ନୂଆପଡା ଶାଖା ପରିଚାଳକ ହିମାନ୍ଦ୍ରୀ ଭୂଷଣ ସାହୁ, କୃଷ୍ଣପ୍ରସାଦ ଥାନା ସବଇନ୍ସପେକ୍ଟର ପ୍ରଫୁଲ କୁମାର ନାୟକ,ମିଶନ ଶକ୍ତି ଆକାଉଟାଣ୍ଟ ଅମିତାଭ ବିଶ୍ୱାଳ, ସୁପରଭାଇଜର ଲୀନା ମହାପାତ୍ର,ଦୀପ୍ତିରାଣୀ ଦଣ୍ଡପାଟ ପ୍ରମୁଖ ଯୋଗଦେଇ ଡିଜିଟାଲ ସାକ୍ଷରତା, ଆର୍ଥିକ ସାକ୍ଷରତା,ରାଜନୈତିକ ଅଧିକାର, ସାଇବର ସୁରକ୍ଷିତ ରହିବାର ବିଭିନ୍ନ ଉପାୟ ସହିତ ସମସ୍ତେ ସଚେତନ ହେବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ ଅଂଶ ଗ୍ରହଣ କରିଥିଲେ ।

## କଟକ ନାଟ୍ୟୋତ୍ସବ ନିମନ୍ତେ ପ୍ରକ୍ରିୟା ଆରମ୍ଭ

କଟକ(ନିପ୍ର): ଚଳିତ ବର୍ଷର କଟକ ନାଟ୍ୟୋତ୍ସବ ଆୟୋଜନ ନେଇ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ପ୍ରତିଭାମାନଙ୍କୁ ପ୍ରତିଷ୍ଠିତ ମଞ୍ଚରେ ନିଜର କଳା ପରିବେଷଣ କରିବାର ସୁଯୋଗ ପ୍ରଦାନ କରିବା ଏହି ନାଟ୍ୟୋତ୍ସବର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଗୁଡିକ ନାଟ୍ୟୋତ୍ସବରେ ଭାଗ ନେଇପାରିବେ ।

||||||||||||||||| ଅସାମାଜିକଙ୍କ ଆଡ୍ଡା |||||||||||||||||

# ଜରାଜୀର୍ଣ୍ଣ ଅବସ୍ଥାରେ ମୋଚିବାହାଲ ଗ୍ରାମୀଣ ପାର୍କ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଲ ଗ୍ରାମର କାହାଣୀ କିଛି ଏମିତି, ଯାହାକୁ ପଢ଼ିଲେ ଲାଗିବ ସରକାରୀ ଯୋଜନାଗୁଡ଼ିକ କାଗଜପତ୍ରରେ ଯେତିକି ଚକାଚକ, ବାସ୍ତବରେ ସେତିକି କରୁଣ। ଗ୍ରାମାଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମୋଚିବାହାଲ ଗ୍ରାମୀଣ ପାର୍କ ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ସଠିକ୍ ରକ୍ଷଣାବେକ୍ଷଣ ଏବଂ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ପାର୍କଟି ଏବେ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ସୁରକ୍ଷିତ ଆଡ୍ଡାସ୍ଥଳୀ ପାଲଟିଛି। ଏଠାକର କରୁଣ ଚିତ୍ର ଦେଖିଲେ ମନରେ ପ୍ରଶ୍ନ ଆସେ, ଆଜିକାଲି ସରକାରୀ ପ୍ରକଳ୍ପଗୁଡ଼ିକର ନିୟମ କ'ଣ ଏମିତି କି— ପାର୍କ ନିର୍ମାଣ ହେବ, କିଛିଦିନ ପରେ ଗେଟ୍ ଭାଙ୍ଗିବ, ବେଞ୍ଚରେ କଳଙ୍କି ଲାଗିବ, ପାଚେରି ଧୂଳିସାତ୍ ହେବ । ଶେଷରେ ବୋରିଂ ମେସିନ୍ ସୁଦ୍ଧା ଅଦୃଶ୍ୟ ହୋଇଯିବ ! କାମ ସରିବା ମାତ୍ରେ ଠିକାଦାରଙ୍କ ବିଲ୍ ପାସ୍ ହୋଇଯାଏ, ହେଲେ ତଦାରଖ କରିବାକୁ ଥିବା ଅଧିକାରୀଙ୍କ ଆଖିକୁ ଏହି ବରବାଦି କାହିଁକି ଦିଶେ ନାହିଁ ? ନା ସେମାନଙ୍କ ଚଷମାର ନମ୍ବର ଏତେ ଦୁର୍ବଳ ଯେ, ଜଳଜଳ ଦୃଶ୍ୟମାନ ସରକାରୀ ଅର୍ଥର ଅପବ୍ୟୟ ସେମାନଙ୍କୁ ବିକାଶ ଭଳି ଲାଗେ । ପ୍ରାରମ୍ଭିକ ଦିନରେ ଶିଶୁ, ଯୁବକ ଓ ବୃଦ୍ଧବୃଦ୍ଧାଙ୍କ ସକାଳୁଆ ପଦଯାତ୍ରା ଓ



ବ୍ୟାୟାମ ପାଇଁ ପ୍ରାଣଚଞ୍ଚଳ ଥିବା ଏହି ପାର୍କ ଆଜି ଭୂତକୋଠିରେ ପରିଣତ ହୋଇଛି। ଭିତରେ ଥିବା ଦୋଳି, ସ୍ଲାଇଡ଼ ଓ ବେଞ୍ଚଗୁଡ଼ିକ କଳଙ୍କି ଲାଗି ନଷ୍ଟ ହୋଇଗଲାଣି, ଜଙ୍ଗଲ ସଦୃଶ ବୁଦାବଣରେ ପୋତି ହୋଇଗଲାଣି । ଆହୁରି ପରିତାପର ବିଷୟ, ପାର୍କରେ ପାଣି ଯୋଗାଉଥିବା ବୋରିଂ ମେସିନ୍ ମଧ୍ୟ ଚୋରି ହୋଇଯାଇଛି। ସନ୍ଧ୍ୟା ହେଲେ ଆଲୋକୀକରଣ ଅଭାବରୁ ଏହା ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡୁଛି। ଅସାମାଜିକ ଯୁବକଙ୍କ ଏଠାରେ ଦିନ ରାତି ଆଡ୍ଡାସ୍ଥଳୀ ପାଲଟି ଗଲାଣି । ଫଳରେ ସେହି ବାଟ ଦେଇ ଯିବାଆସିବା କରୁଥିବା କଲେଜ ଓ ସ୍କୁଲର ଛାତ୍ରୀମାନେ ନାହିଁନଥିବା ଅସୁବିଧା ଓ ଭୟର ସମ୍ମୁଖୀନ ହେଉଛନ୍ତି। ସରକାରୀ ପାଣ୍ଠିର ଏଭଳି ବ୍ୟାପକ ଅପବ୍ୟୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଏହା କେବଳ ଠିକାସଂସ୍ଥା ଓ କିଛି ଭ୍ରଷ୍ଟ ଅଧିକାରୀଙ୍କ ପକେଟ୍ ଗରମ୍ କରିବାର ଏକ ଜରିଆ ଥିଲା କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଜରାଜୀର୍ଣ୍ଣ ଗ୍ରାମୀଣ ପାର୍କକୁ ଯଥାଶୀଘ୍ର ପୁନଃରୁଦ୍ଧାର କରିବା ପାଇଁ ଗ୍ରାମର ସମାଜସେବୀ ଶ୍ରୀକାନ୍ତ ପ୍ରଧାନ, ପ୍ରସନ୍ନ ଭୋଇ, ମନୋଜ ଝାଙ୍କର, ଆଶିଷ ଦୀପ ଏବଂ ସମସ୍ତ ଗ୍ରାମବାସୀ ପ୍ରଶାସନ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ପ୍ରଶାସନର ନିଦ୍ରା କେବେ ଭାଙ୍ଗିବ ଏବଂ କେବେ ପୁଣି ଥରେ ଏହି ପାର୍କରେ ପିଲାଙ୍କ ହସରୋଳ ଶୁଭିବ, ତାହାକୁ ଅପେକ୍ଷା ।

# ଆଗକୁ ଗଣେଶ ପୂଜା : ବଢ଼ିବ ଭିଡ଼, ମୁକୁଳା ପଡ଼ିଛି ଟ୍ରାଫିକ ପୋଷ୍ଟ

ଜଟଣୀ,(ନି.ପ୍ର) : ଆଉ ୪ ଦିନ ପରେ ପ୍ରସିଦ୍ଧ ଗଣେଶ ପୂଜା । ସଜେଇ ହେଉଛି ଜଟଣୀ ସହର । ସହରରେ ବିଭିନ୍ନ ପୂଜା ମଣ୍ଡପ ଓ ତୋରଣ ନିର୍ମାଣ ଚାଲିଥିବା ବେଳେ ଶରତ ପାଇକରାୟ ଷ୍ଟାଡ଼ିୟମରେ ମୀନାବଜାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସହରରେ ଭିଡ଼ ଜମୁଛି । ଗହଳି ଚହଳି ଆରମ୍ଭ ହୋଇଯାଇଛି । ଫଳରେ ସହରରେ ଟ୍ରାଫିକ ଭିଡ଼ ପରିଲକ୍ଷିୟ ହେଉଛି । ଜଟଣୀ ସହରରେ ହରିଭାଇନା ଛକରେ ଥିବା ଏକମାତ୍ର ଟ୍ରାଫିକ ପୁଲିସ ପୋଷ୍ଟ ମୁକୁଳା ପଡ଼ିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳି ସୀତାରାମ ଛକ,ଆନ୍ଧ୍ର ବ୍ୟାଙ୍କ ଛକ,ହନୁମାନ ବାଟିକା ଛକରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ ହୋଇଛି । ଜଟଣୀ ସହରରେ ଅଣ ଓସାରିଆ ରାସ୍ତା ସାଙ୍ଗକୁ ଉଠାଦୋକାନ ସମସ୍ୟା ଟ୍ରାଫିକ ବ୍ୟବସ୍ଥାକୁ ଆହୁରି ଅଧିକ ବିପର୍ଯ୍ୟସ୍ତ କରି ଦେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ସନ୍ଧ୍ୟା ହେଲେ ଜନଗହଳି ଛକ ଏବଂ ବଜାର ରାସ୍ତା ଭିଡ଼ ହୋଇଯାଉଛି । ଲୋକେ ଦିର୍ଘ ସମୟ ଧରି ଭିଡ଼ ଭିତରେ ଫସି ରହୁଥିବା ଅଭିଯୋଗ ହୋଇଛି ।

ଜଟଣୀରେ ୧୧ ଦିନ ଧରି ଗଣେଶ ପୂଜା ଚାଲିବ । ମୀନାବଜାର ଓ ଅପେରା ଖେଳିବ । ପ୍ରତି ବର୍ଷ ପରି ହଜାର ହଜାର ଲୋକଙ୍କ ସମାଗମ ହେବ । ଯାନବାହନ ଚଳାଚଳ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ । ଗଣେଶ ପୂଜା ସମୟରେ ଜଟଣୀ ସହରରେ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ସ୍ଥାନରେ ଟ୍ରାଫିକ ପୁଲିସ ବ୍ୟବସ୍ଥା କରିବା ଲାଗି କମିସନରେଟ ପୁଲିସ ଦ୍ୱାରା ଆୟୋଜିତ ପୂଜା କମିଟି ବୈଠକରେ ବିଭିନ୍ନ ବଜାର ଓ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । କମିସନରେଟ ପୁଲିସ ଏଥିରେ ସହମତି ପ୍ରକାଶ କରିଥିଲା । ପୂଜା ସମୟରେ ଜଟଣୀ ସହରରେ ବିଭିନ୍ନ ଛକରେ ଟ୍ରାଫିକ ପୁଲିସ ମୁତୟନ କରା ଯିବ ବୋଲି ଥାନାଧିକାରୀ ସୂଚନା ଦେଇଥିଲେ । ସବୁ ଠାରୁ ଗହଳି ଶରତ ପାଇକରାୟ ଷ୍ଟାଡ଼ିୟମରେ ଟ୍ରାଫିକ ନିୟନ୍ତ୍ର ନିମନ୍ତେ ବିଶେଷ ବ୍ୟବସ୍ଥା କରା ଯିବ ଏବଂ ଏ ସମ୍ପର୍କରେ ଟ୍ରାଫିକ ପୁଲିସ ଥାନା - ୨କୁ ଅନୁରୋଧ କରା ଯାଇଥିବା କମିସନରେଟ ପୁଲିସ ସୂଚନା ଦେଇଥିଲା। ସଂପ୍ରସାରିତ ନଗର,ବର୍ଦ୍ଧିତ ଜନସଙ୍ଖ୍ୟା ଏବଂ ଦିନକୁ ଦିନ ଅଧିକ ଯାନବାହାନ ଚଳାଚଳ କରୁଥିବା ରାଜଧାନୀ ସହରତଳି ଜଟଣୀରେ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଜଟଣୀର ବିଭିନ୍ନ ଜନଗହଳି ଛକରେ ଟ୍ରାଫିକ ପୁଲିସ ପୋଷ୍ଟ ପ୍ରତିଷ୍ଠା ଏବଂ ଟ୍ରାଫିକ ପୁଲିସ ମୁତୟନ କରିବାକୁ ବିଭିନ୍ନ ମହଲରେ କମିସନରେଟ ପୁଲିସକୁ ଅନୁରୋଧ କରାଯାଇଛି ।

# ବିଶ୍ୱ ଆୟୁର୍ବେଦ କଂଗ୍ରେସର ପାଣ୍ଡୁଲିପି ବିଜ୍ଞାନ ଉପରେ କର୍ମଶାଳା



ଭୁବନେଶ୍ୱର(ନିପ୍ର): ଦକ୍ଷିଣ-ପୂର୍ବ ଏସିଆ ସଂଗଠନ ଦେଶମାନଙ୍କର ତଥା ଆୟୁର୍ବେଦ କଂଗ୍ରେସ ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନ୍ତର୍ଗତ ପାଣ୍ଡୁଲିପି ବିଜ୍ଞାନ' ବିଷୟକ ଶୀର୍ଷକ ଉପରେ ଦୁଇ ଦିନିଆ କର୍ମଶାଳା କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ସଂସ୍ଥାନ, ଭରତପୁର, ଭୁବନେଶ୍ୱରରେ ହାଇବ୍ରିଡ ମାଧ୍ୟମରେ ଆଜି ଶୁଭାରମ୍ଭ ହୋଇଛି। ଏହି କର୍ମଶାଳା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ(ସିଏଆରଆଇ), ଭୁବନେଶ୍ୱର ଏବଂ ଡବ୍ଲୁଏଚଓ-ସିସି ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ହେରିଟେଜ(ଏନଆଇଏମଏଚ), ହାଇଦ୍ରାବାଦର ମିଳିତ ଆୟୋଜନରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି। ପ୍ରାଚୀନ ଚିକିତ୍ସା ପାଣ୍ଡୁଲିପି ଏବଂ ପାରମ୍ପରିକ ଚିକିତ୍ସା ଜ୍ଞାନର ସଂରକ୍ଷଣ, ସଂବର୍ଦ୍ଧନ ଓ ଦଲିଲୀକରଣ ଏହାର ପ୍ରମୁଖ ଉଦ୍ଦେଶ୍ୟ। କର୍ମଶାଳାର ଉଦଘାଟନ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା କରାଯାଇଥିଲା। ତାଙ୍କ ଉଦ୍‌ବୋଧନରେ ସେ ପ୍ରାଚୀନ ଚିକିତ୍ସାବିଜ୍ଞାନ ଓ ପାଣ୍ଡୁଲିପିରେ ନିହିତ ମୂଲ୍ୟବାନ ପାରମ୍ପରିକ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖିବାର ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାଗତ ଭାଷଣ ପ୍ରଫେସର ଡ. ଏମ.ଏମ ରାଓ, ନିର୍ଦ୍ଦେଶକ ସିସିଆରଏଏସ-ସିଏଆରଆଇ, ଭୁବନେଶ୍ୱର ପ୍ରଦାନ କରିଥିଲେ। କର୍ମଶାଳାର ସଭାପତିତ୍ୱ ଭାଷଣ ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟ, ମହାନିର୍ଦ୍ଦେଶକ, ସିସିଆରଏଏସ, ନୂଆଦିଲ୍ଲୀ ପ୍ରଦାନ ପରାଯାଇଥିଲା। ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟ, ମହାନିର୍ଦ୍ଦେଶକ , ସିସିଆରଏଏସ ନୂଆଦିଲ୍ଲୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଡ.ଜି.ପି. ପ୍ରସାଦ, ହୁ- ସିସିର ଭାରପ୍ରାପ୍ତ ଅଧିକାରୀ ତଥା ନିର୍ଦ୍ଦେଶକ, ସିସିଆରଏଏସ-ଏନଆଇଏମଏଚ,ଭ ହାଇଦ୍ରାବାଦ, ଡ. ଅଞ୍ଜନା ପଣ୍ଡା, ନିର୍ଦ୍ଦେଶକ, ଆୟୁଷ, ଓଡିଶା ସରକାର, ଏବଂ ଡ. ସାକେତ ରାମ, ଗବେଷଣା ଅଧିକାରୀ ଓ ସଂଯୋଜକ, ସିସିଆରଏଏସ-ଏନଆଇଏମଏଚ, ହାଇଦ୍ରାବାଦ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ପ୍ରାଚୀନ ଚିକିତ୍ସା ପାଣ୍ଡୁଲିପିର ସଂରକ୍ଷଣ ଉପରେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ।

# ଡିବିଟି ଲିଙ୍କ୍ ଅଭାବରୁ ୪୦୬ ଭତ୍ତାଧାରୀଙ୍କ ଖାତାକୁ ଯାଉନି ଟଙ୍କା

ତରଭା,(ନିପ୍ର): ଆଗକୁ ଆସୁଛି ନୂଆଖାଇ ପଶ୍ଚିମ ଓଡିଶାର ମହାନ ପର୍ବ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ। ଏଥି ପାଇଁ ଚାଲିଛି ଘର ଲିପାପୋଛା ସଫା ସୁତୁରା ଓ ସଉଦା କିଣାବିକା। ସମସ୍ତଙ୍କ ମନ ଭିତରେ ଆନନ୍ଦର ଉଲ୍ଲାସ ଥିବା ବେଳେ ଭତ୍ତାରୁ ବଞ୍ଚିତ ଶହ ଶହ ଭତ୍ତାଧାରୀଙ୍କ ମନରେ ଭାରି ଦୁଃଖ। ଏଠାରେ ପ୍ରକାଶ ଥାଉ କି ତରଭା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୭୮୦୭ ଜଣ ନିୟମିତ ନଗଦ ଟଙ୍କା ଆକାରରେ ଭତ୍ତା ପାଉଛନ୍ତି। ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଯୋଜନାରରେ ୬୧୬୭ ଜଣ ଡି ବି ଟି ଲିଙ୍କ ଜରିଆରେ ପେନସନ ପାଉଛନ୍ତି । ସେଥିମଧ୍ୟରୁ ଡି ବି ଟି ଲିଙ୍କ କରି ନ ଥିବା ୪୦୬ ଜଣ ହିତାଧିକାରୀ ଆଜକୁ ୬ ମାସ ହେଲା ତାଙ୍କ ଖାତାକୁ ଟଙ୍କା ଯାଇ ନାହିଁ । ଯେଉଁ ଅକ୍ଷମ ବୃଦ୍ଧବୃଦ୍ଧା ଭିନ୍ନକ୍ଷମମାନେ ସମସ୍ୟାରେ ଅଛନ୍ତି ତାଙ୍କ ଦୁଃଖ କହିଲେ ନ ସରେ । ସେମାନେ ତ ନିଜେ ଏକାକି ଯାଇ ପାରିବେନି ଅନ୍ୟର ସହାୟତାରେ ବ୍ଲକ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନାକେଦମ ହୋଇସାରିଲେଣି।

ଖବର ନେବାରୁ ଜଣାଯାଇଛି ଯେ ୪୦୬ ଜଣ ଗତ ଏପ୍ରିଲ ମାସରୁ ଏମାନେ ଭତ୍ତା ପାଇନାହାନ୍ତି। ସେଥିମଧ୍ୟରୁ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ୮୦୭ ଜଣ ହିତାଧିକାରୀଙ୍କ ମଧ୍ୟରୁ ୫୧୦ ଜଣ ନଗଦ ଟଙ୍କା ପାଉଥିବା ଥିବା ବେଳେ ୨୯୭ ଜଣ ଆକଉଣ୍ଟ ମାଧ୍ୟମରେ , ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ୩୯୦ ଜଣ ମଧ୍ୟରୁ ୧୭୦ ଜଣ ହିତାଧିକାରୀ ମଧ୍ୟ ନଗଦ ଟଙ୍କା ଆକାରରେ ଓ ୨୨୦ ଜଣ ଆକଉଣ୍ଟରେ ପେନସନ ପାଉଛନ୍ତି । ଏଠାରେ ସମସ୍ୟା ରହିଲା ବାକି ଯେଉଁମାନଙ୍କ ଆକଉଣ୍ଟ ପେମେଣ୍ଟ ଡିବିଟି ସମସ୍ୟା ରହିଛି ସେମାନେ ଉପରୋକ୍ତ ୪୦୬ ଜଣ ଭିତରେ ଅଛନ୍ତି ଯେକି ଆଜି ପର୍ଯ୍ୟନ୍ତ ପେନସନ ପାଇନାହାନ୍ତି। ଏପରିକି ଏଥିମଧ୍ୟରେ ତରଭା ବ୍ଲକରୁ ଭତ୍ତା ପାଇଁ ୮୯୨ଆବେଦନ କରିସାରିଛନ୍ତି । ସେଥିମଧ୍ୟରୁ ମଧୁବାବୁରେ ୮୧୧ ଜଣ ଆବେଦନକାରୀ ଥିବାବେଳେ ଜାତୀୟ ସାମାଜିକରେ ୧୮୦ ଜଣ ଅଛନ୍ତି। ଯେଉଁମାନେ କି ଚାତକ ପରି ଭତ୍ତା କେବେ ଅନୁମୋଦନ ହେବ କେବେ ପାଇବେ ବାଟ ଚାହିଁ ରହିଛନ୍ତି।

# ଚମ୍ପୁଆରେ ବିଶ୍ୱ ମେରୁଦଣ୍ଡ ଆଘାତ ଦିବସ

ଚମ୍ପୁଆ,(ନିପ୍ର): ଚମ୍ପୁଆ କୈରାଳୀ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଫିଜିଓ ଥେରାପି ବିଭାଗ ତରଫରୁ ବିଶ୍ୱ ମେରୁଦଣ୍ଡ ଦିବସ ଅବସରରେ ଏକ ସଚେତନା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା 'ଫ୍ରମ ଟେନ ଇଅରସ ଆଡ଼ଭାନସିଙ୍ଗ ଏସ. ସି.



ଯେ ପ୍ରିଭେନସନ' ଉପରେ ଆଧାରିତ କାର୍ଯ୍ୟକ୍ରମରେ ମେରୁଦଣ୍ଡ ଆଘାତର ପ୍ରତିରୋଧ, ଚିକିତ୍ସା, ପୁନର୍ବାସ, ସମାବେଶ ତଥା ଆତ୍ମ ନିର୍ଭରଶୀଳତା ଉପରେ ଆଲୋକପାତ କରା ଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୁଦ୍ର ନାରାୟଣ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ବିକ୍ରମଦିତ୍ୟ ଜେନା ଯୋଗ ଦେଇଥିଲେ। ଉଭୟ ଏହି ଅବସରରେ ଦିବ୍ୟାଙ୍ଗ କ୍ରୀଡ଼ାବିତ ଭାବେ ନିଜ ଜୀବନର ସଂଘର୍ଷ ପରର ସଫଳତା ଏବଂ ଆତ୍ମ ବିଶ୍ୱାସରୁ ପ୍ରେରଣା ନେଇ ଆଗାମୀ ଭବିଷ୍ୟତ ଗଢ଼ା ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ଉମା ରାଜମହନ ଉଦ୍‌ଘାଟନ କରିଥିବା ବେଳେ , ଅନୁଷ୍ଠାର ଚେୟାରମ୍ୟାନ ପି. ଏସ. ରାଜମୋହନ, ତଥା ଇନ୍‌ଷ୍ଟିଚ୍ୟୁଟର ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଏହି କର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଫିଜିଓ ଥେରାପି ବିଭାଗର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପାରିବେଷିତ ମେରୁଦଣ୍ଡ ଆଘାତ ଜନିତ ରୋଲ ପ୍ଲେ, ଯାହା ମେରୁଦଣ୍ଡ ଆଘାତର କାରଣ ଏବଂ ଏହାର ସୁରକ୍ଷା ମୂଳକ ପଦକ୍ଷେପ ବିଷୟରେ ବର୍ଣିତ। ଡା. ମୋନାଲିସା ନାୟକଙ୍କ ଦ୍ୱାରା ମେରୁଦଣ୍ଡ ଜନିତ ଆଘାତ ତଥା ଏହାର ନିରାକରଣ ନିମନ୍ତେ ଏକ ସଚେତନତା ବିବରଣୀ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇନ୍‌ଷ୍ଟିଚ୍ୟୁଟ ର ମ୍ୟାନେଜେର ଦୈତାରୀ ସାହୁ ସୁଚାରୁରୂପେ ସମାପନ କରିଥିଲେ।

# ସଂସ୍କୃତ ଭାଷା ଭାରତର ସଂସ୍କୃତି ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଛି



ଭୁବନେଶ୍ୱର(ନିପ୍ର): ସଂସ୍କୃତ ଭାଷା କେବଳ ମାତ୍ର ଏକ ଭାଷା ନୁହେଁ, ବରଂ ଏହା ଭାରତୀୟ ସମାଜ ଓ ସଂସ୍କୃତିକୁ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ବେଦ, ଉପନିଷଦର ମନ୍ତ୍ର ଆମ ଜାତୀୟ ଜୀବନକୁ ଗଠନ କରିବା ସହ ଆମ ପରମ୍ପରା ଓ ଚଳଣିକୁ ସମୃଦ୍ଧ କରିଛି । ଭାରତୀୟ ପରମ୍ପରା ଈଶ୍ୱର ବିଶ୍ୱାସୀ । ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଂସ୍କୃତର ମନ୍ତ୍ର ଜୀବବତ୍ କାର୍ଯ୍ୟକରେ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ବାଗ୍ମୀ ଡ. ଗୋପାଳପ୍ରସାଦ ମହାପାତ୍ର ମନ୍ତବ୍ୟ ଦେଇଛନ୍ତି । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପୌରୋହିତ୍ୟ କରି ଭାରତୀୟ ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି କ୍ଷେତ୍ରରେ ସଂସ୍କୃତ ଭାଷା କିପରି ଅବଦାନ ରଖିଛି ତାହା ଉଲ୍ଲେଖ କରିଥିଲେ । ପ୍ରଫେସର ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ପ୍ରାଚୀନ ସାହିତ୍ୟ ଓ ବୈଦିକ ସାହିତ୍ୟ ଭାରତୀୟ ସଂସ୍କୃତିର ଯେପରି ଗୌରବ ବୃଦ୍ଧି କରିଥିଲେ ଏବଂ ସେଥିରେ ସଂସ୍କୃତ ଭାଷାର ମହତ୍ୱ କିପରି ଫୁଟି ଉଠିଥିଲା, ତାହାର ସୂଚନା ଦେଇଥିଲେ । ଓଡ଼ିଆ ବିଭାଗର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ ଓ ଅଷ୍ଟମୀ ଶବର ପ୍ରାରମ୍ଭରେ ଶ୍ଳୋକ ପଠନ କରିଥିବା ବେଳେ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପାଲଟିଛି ଭୂତ କୋଠି

ମାର୍ଶାଘାଇ,(ନି.ପ୍ର): ଦଶିପୁର ପଞ୍ଚାୟତ ପଳାସପୁରରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣକୁ ୭ ବର୍ଷ ବତିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ।୨୦୨୧ରେ ମାର୍ଶାଘାଇ ବ୍ଲକ ପଳାସପୁରରେ ନବନିର୍ମିତ କାର୍ଯ୍ୟାଳୟ ଗୃହ କାନ୍ଥରେ ଫାଟ ସୃଷ୍ଟି ହେବା ଓ ପାଚେରୀ ଭୁଶୁଡିବା ଫଳରେ ଏହାର ମରାମତି ମଧ୍ୟ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ହେଲା ମରାମତି ସରିଥିଲେ ମଧ୍ୟ ଅଦ୍ୟାବଧି ବିଦ୍ୟୁତ ଯୋଗାଣ ଓ ପାନୀୟ ଜଳ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାନୁଯାୟୀ ୩୫ ଲକ୍ଷ ଟଙ୍କା ବ୍ୟୟବରାଦରେ ନବନିର୍ମିତ କାର୍ଯ୍ୟାଳୟ ଅସମ୍ପୂର୍ଣ୍ଣ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଚେରୀ ଭୁଶୁଡିବା ଓ କାନ୍ଥରେ ଫାଟ ସୃଷ୍ଟି ହେବାରୁ ତତ୍‌କାଳୀନ ତହସିଲଦାର




ରାଜସ୍ୱ କାର୍ଯ୍ୟାଳୟର ମରାମତି ଦାବି କରି ଅସମ୍ପୂର୍ଣ୍ଣ କାର୍ଯ୍ୟାଳୟ ଗ୍ରହଣ କରି ନ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ୫ ଲକ୍ଷ ବ୍ୟୟବରାଦରେ ପାଚେରୀ, ଝରକା,କବାଟ ମରାମତି କରାଯାଇଥିଲା।୨୦୨୧ ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବିଦ୍ୟୁତ ସଂଯୋଗ ଓ ସାନିଟେସନ କାର୍ଯ୍ୟ ଶେଷ ନକରି କିପରି ତରବରିଆ ଭାବେ ତହସିଲକୁ ଗ୍ରାମ୍ୟଉନ୍ନୟନ ବିଭାଗ ରାଜସ୍ୱ କାର୍ଯ୍ୟାଳୟ ହସ୍ତାନ୍ତର କରିଥିଲା। ତେବେ ଏହି ସବୁ କାର୍ଯ୍ୟ ସରି ନଥିବାରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟାକ୍ଷମ ନହୋଇ ଭୂତ କୋଠିରେ ପରିଣତ ହେବାକୁ ବସିଛି। ଦଶିପୁର, ଦୁମୁକା ପଞ୍ଚାୟତ ଓ ମହାକାଳପଡ଼ା ବ୍ଲକର କରଞ୍ଜ, ଦହି ମାଛର ସାଧାରଣ ଲୋକଙ୍କୁ ହାତ ପାହାନ୍ତାରେ ରାଜସ୍ୱ ସେବା ଉପଲବ୍ଧ କରିବାକୁ ଏହି କାର୍ଯ୍ୟାଳୟର ଗୃହ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘ ଦିନ ହେବ ଦୁଇ ମହଲା ବିଶିଷ୍ଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟାକ୍ଷମ ନହେବାରୁ ସାଧାରଣ ଲୋକେ ଜମିଜମା ସମ୍ବନ୍ଧୀୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏବଂ ନୂତନ କାର୍ଯ୍ୟାଳୟ କାର୍ଯ୍ୟାକ୍ଷମ ନହେବା ଫଳରେ ତାହା ଏବେ ଅସାମାଜିକଙ୍କ ଆଡ୍ଡା ସ୍ଥଳୀରେ ପରିଣତ ହୋଇଛି। ଏହି କିଛି ଦିନ ହେବ କାର୍ଯ୍ୟାଳୟର ବାମ ପାର୍ଶ୍ୱ ପାଚେରୀ ଭୁଶୁଡ଼ି ଧାନ ଚାଷ ଜମି ରେ ପଡ଼ି ରହିଥିବା ଫଳରେ ଚାଷୀଙ୍କ ଧାନ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ତିଥି :(ଅମାବାସ୍ୟା): (ପୂର୍ବାଫା ସିଂହ)
ଅମୃତ ବେଳା: ରାତ୍ରୀ ଘ ୭ ।୧୨ ମଧ୍ୟେ ଘ୮ ।୦ ଗତେ

## ଆଜିର ଅନୁଚିନ୍ତନ

ମୁଁ ଅଜୟ ଓ ଅବିନାଶୀସ୍ୱରୂପ ହୋଇଥିଲେ ମଧ୍ୟ ତଥା ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ନିଜର ଯୋଗମାୟା ବଳରେ ପ୍ରକଟ ହୁଏ । - ଶ୍ରୀମଦ୍ ଭଗବଦ୍ ଗୀତା

# ଧ୍ୟାନ ଦେବା ଜରୁରୀ

ଗ୍ଲାସିଆଲ୍ ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ଏବଂ ହିମସ୍ଖଳନ ବିପର୍ଯ୍ୟୟ ମାନବୀୟ ମୁକାବିଲା ବାହାରେ । କୁହାଯାଇପାରେ ପ୍ରକୃତି ବିରୋଧରେ କେଉଁଠି ନା କେଉଁଠି ଗଲେ ତାହାର ପରିଣାମ ଅବଶ୍ୟମ୍ଭାବୀ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ସିକିମ, ଅରୁଣାଚଳ ପ୍ରଦେଶ ଏବଂ ଜାମ୍ମୁ ଓ କାଶ୍ମୀରର ବରିଷ୍ଠ ଅଧିକାରୀମାନେ ନିକଟରେ ଆୟୋଜିତ ଏକ ବୈଠକରେ ବିଶେଷକରି ପ୍ରାରମ୍ଭିକ ଚେତାବନୀ, ଦୁର୍ବଳ ହିମାଳୟ ହ୍ରଦ ଏବଂ ହିମସ୍ଖଳନ ଅଞ୍ଚଳଗୁଡିକର ତଦାରଖ, ଉଚ୍ଚ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ, ପ୍ରବାହ ପଥ, ସତର୍କତାର ସମୟୋଚିତ ପ୍ରସାରଣ, ସ୍ଥାନାନ୍ତର ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିବା ଆଶ୍ୱାସନାର ବିଷୟ।
ଏଥିରେ ଦ୍ୱିଧା ନାହିଁ ଯେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିଜ ନିଜ ପ୍ରସ୍ତୁତି ଯେପରି ରହିଛି ପ୍ରଶମନ ରଣନୀତି ମଧ୍ୟ ସେପରି ରହିଛି। ଦୁର୍ବଳ ହିମବାହୀ ହ୍ରଦଗୁଡ଼ିକ ଉପରେ ନଜର ରଖିବା, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶେଷ ମାଇଲ ସତର୍କତା ପ୍ରସାରଣରେ ଉନ୍ନତି ଆଣିବା, ପ୍ରବାହ ପଥ ଯୋଜନା, ସାମୁଦାୟିକ ପ୍ରସ୍ତୁତି ଏବଂ ଦୁର୍ବଳ ଅଞ୍ଚଳରେ ପ୍ରତିକ୍ରିୟା ସମ୍ବଳର ନିୟୋଜନ ଖୁବ୍ ଗୁରୁତ୍ୱ ରଖେ । ବିଶେଷକରି ବୃଦ୍ଧି ପାଉଥିବା ବିପଦ ସମୟରେ ଦୁର୍ବଳ ହିମବାହୀ ହ୍ରଦ ଏବଂ ହିମସ୍ଖଳନ ପ୍ରବଣ ଅଞ୍ଚଳଗୁଡ଼ିକର ନିରନ୍ତର ଏବଂ ସକ୍ରିୟ ତଦାରଖର ଆବଶ୍ୟକତା ମହତ୍ୱପୂର୍ଣ୍ଣ। ବିପଦ-ସୂଚିତ ଯୋଜନା, ପ୍ରତିରୋଧକ ପ୍ରଶମନ ଏବଂ ସାମୁଦାୟିକ-ସ୍ତରୀୟ ପ୍ରସ୍ତୁତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ନିୟମିତ ଭାବରେ କରିବା ଦରକାର । ସେମାନଙ୍କର ପ୍ରସ୍ତୁତି ଯୋଜନା ସମୀକ୍ଷା କରିବା, ପ୍ରାରମ୍ଭିକ ଚେତାବନୀ ଏବଂ ସ୍ଥାନାନ୍ତର ବ୍ୟବସ୍ଥାରେ ବ୍ୟବଧାନ ଚିହ୍ନଟ କରିବା ଏବଂ ଯେକୌଣସି ଚରମ ଘଟଣା ପୂର୍ବରୁ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବା ଏକ ସାମୂହିକ ଦାୟିତ୍ୱ। ବିପଦଗ୍ରସ୍ତ ହିମାଳୟ ଅଞ୍ଚଳରେ ଜୀବନ ଏବଂ ସମ୍ପତ୍ତିର କ୍ଷତିକୁ କମ୍ କରିବା ପାଇଁ ନିରନ୍ତର ଆନ୍ତଃ-ଏଜେନ୍ସି ସମନ୍ୱୟ, ବିପଦ ସୂଚନାର ନିୟମିତ ଆଦାନପ୍ରଦାନ ଏବଂ ପ୍ରାରମ୍ଭିକ ଚେତାବନୀ ତଥା ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ତ ପ୍ରାଧାନ୍ୟ ରଖେ ,ତେବେ ସବୁଠୁ ଗୁରୁତ୍ୱ ରଖେ ଏ ବାବଦରେ ନିରନ୍ତର ଗବେଷଣା । ଏହି ଗବେଷଣା ଲାଗି ଭିନ୍ନ ଭିନ୍ନ ବିଶେଷଜ୍ଞମାନଙ୍କ ଭାବ ଆଦାନପ୍ରଦାନ , ଗବେଷଣା ତଥା ଅନୁଧ୍ୟାନ ଉପରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନେ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବା ଜରୁରୀ ।

# ସୋସିଆଲ ଇମେଜ୍

**ମନସିଜ୍ ଦାସ**

ଏଣୁ ତେଣୁ କଥା ହେବା ଆଉ ବ୍ୟକ୍ତିଗତ କଥା କହିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ। ଏକଥା ହୃଦୟଙ୍ଗମ କରିବା ଦରକାର। ସମସ୍ତଙ୍କୁ ସବୁକଥା କହିଦେଲେ ବେଳେବେଳେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୁଏ, ଫଳରେ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ। ତେଣୁ ଓଭର ସେୟାରିଂ ପ୍ରକୃତିକୁ ନିୟନ୍ତ୍ରଣ କରିବା ଦରକାର। ଅଫିସରେ ହେଉ କି ଘରେ କିଛି ଲୋକଙ୍କର ଯେପରି ପେଟ ଭିତରେ କଥା କିଛି ରହିନଥାଏ ଅର୍ଥାତ୍ ଅନେକ କିଛି କଥା କହିଦିଅନ୍ତି। କିନ୍ତୁ କେତେକଙ୍କର ଓଭର ସେୟାରିଂ ଗୁଣ ପାଇଁ ଭବିଷ୍ୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ହୁଏତ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ।

କହୁ କହୁ ଅନେକ କଥା ମନକୁ ବାହାରିଆସେ। ବେଳେ ବେଳେ କଥାବର୍ତ୍ତା ହେବା ସମୟରେ ଆମେ ଏମିତି ସବୁ କଥା କହିଦେଉ ଯାହା ବାହାର ଲୋକଙ୍କ ଆଗରେ କହିବା ଠିକ ନୁହେଁ। କିନ୍ତୁ ଥରେ କଥା ବାହାରିଗଲେ ଆଉ ଫେରେନାହିଁ। କଥାରେ ନାହିଁ - 'ମୁହଁରୁ ବାହାରିଥିବା ଶବ୍ଦ ଆଉ ତୁଣିରୁ ବାହାରିଥିବା ଶର' । ତେଣୁ ଶୁଣିବା ଲୋକେ କେଉଁ କଥାକୁ କେମିତି ଗ୍ରହଣ କରିବେ ସେକଥା ଜାଣିବା ନିହାତି ଦରକାର। ସେଥିପାଇଁ ତ ସମସ୍ତଙ୍କ ସହ କଥା ହେବା ସମୟରେ ନିଜ ବିଷୟରେ ସବୁ କଥା କହିବା ଠିକ ନୁହେଁ। ଅନେକଙ୍କର ଭ୍ରାନ୍ତଧାରଣା ରହିଥାଏ କି ଏଭଳି ଗୁଣ ଥିଲେ ସୋସିଆଲ ଇମେଜ ଭଲ ରହିବ ଓ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଲୋକେ ଅଧିକରୁ ଅଧିକ ଭଲ ପାଇବେ। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଏହି ଗୁଣ ଯୋଗୁଁ ବ୍ୟକ୍ତିତ୍ୱ ହରାଇବା ଆଶଙ୍କା ରହିଥାଏ। ତେଣୁ ଲୋକଙ୍କୁ ବୁଝିବା ଓ ସମ୍ପର୍କ ବଜାୟ ରଖିବା ନିମନ୍ତେ ମନଖୋଲା କଥାବାର୍ତ୍ତା ବଦଳରେ କାହା ସହିତ କିଭଳି କଥା ହେବାକୁ ପଡ଼ିବ ଜାଣିବା ଦରକାର।

ଏକ ପ୍ରକାର ନିଜ ଆଚାର ବ୍ୟବହାରରେ ସ୍ୱଳ୍ପକାଳୀନ ସମୟ ପାଇଁ ହେଉ 'ବ୍ରେକ୍' ରଖନ୍ତୁ। କଥାବାର୍ତ୍ତା ସମୟରେ ଯେତେ ବେଳେ ବି ଅନୁଭବ କରୁଛନ୍ତି କି ଅଧିକ ହୋଇଯାଉଛି ସେହି ସମୟରେ ହିଁ ବ୍ରେକ କରିବା ଦରକାର। ବେଳେ ବେଳେ ମନର ବି ଏକ ଲଗାମ ରହିଥାଏ। ତେଣୁ କିଛି ସମୟ ଗପିବା ପରେ ହୃଦବୋଧ ହୋଇଥାଏ କି ଏସବୁ କଥା ବାହାରେ ଗପିବା ଠିକ ନୁହେଁ। ପ୍ରତ୍ୟେକଙ୍କ କିଛି ଏକାନ୍ତ ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ରହିଥାଏ ଯାହାକୁ ସାର୍ବଜନୀନ କରିହୁଏ ନାହିଁ। ତେଣୁ ଏସବୁ ବିଷୟରେ ସମସ୍ତଙ୍କ ଆଗରେ କହିବାବେଳେ ମନକୁ ଯଦି ଠିକ ଲାଗୁ ନଥାଏ ସେହି ମୁହୂର୍ତ୍ତରେ କହିବା ବନ୍ଦ କରି ଦିଅନ୍ତୁ। ଏହାବାଦ ଯଦି ଭୁଲରେ କିଛି କଥା ପାଟିରୁ ବାହାରି ଯାଇଛି, ତେବେ ତୁରନ୍ତ କଥା ବଦଳାଇ ଅନ୍ୟମନସ୍କ କରାଇ ଦିଅନ୍ତୁ।

ସୋସିଆଲ ଇମେଜ ବ୍ୟବସ୍ଥାରେ ଭଲ ଭାବେ ଜଣେ ଲୋକଙ୍କୁ ଚିହ୍ନନ୍ତୁ। ସମାଜରେ ବିଭିନ୍ନ ପ୍ରକାର ଲୋକ ରହିଥାନ୍ତି। ସେମାନଙ୍କ ମଧ୍ୟରୁ ସମସ୍ତେ ଆମ ପାଇଁ ଭରସାଯୋଗ୍ୟ ହୋଇପାରିବେ ନାହିଁ। ତେଣୁ ଲୋକଙ୍କୁ ଚିହ୍ନି ସେମାନଙ୍କ ସହ ମିଶିବା ଦରକାର। କାହିଁକି ନା କେତେକ ଆପଣଙ୍କ କଥାର ଭୁଲ ପ୍ରୟୋଗକରି ଅସୁବିଧା ସୃଷ୍ଟି କରିବା ପାଇଁ ଚାହିଁଥାନ୍ତି। କେହି କେହି ନିଜ ସ୍ୱାର୍ଥ ସାଧନ ପାଇଁ ବା ଅନ୍ୟ ମାନଙ୍କ ସ୍ୱାର୍ଥ ପରିପୂରଣ ପାଇଁ ଆପଣଙ୍କ ସହିତ ଛଳନାପୂର୍ଣ୍ଣ ସମ୍ପର୍କ ଆରମ୍ଭ କରିପାରନ୍ତି। ତେଣୁ ଯେଉଁମାନେ ଆପଣଙ୍କର ଭରସାଯୋଗ୍ୟ ହୋଇଥିବେ ସେହି ମାନଙ୍କ ଆଗରେ ବ୍ୟକ୍ତିଗତ କଥା କହି ଆପଣ ନିଜ ସମସ୍ୟାକୁ ସେୟାର କରିପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୀମା ସ୍ଥିର କରନ୍ତୁ। ଆମେ ସମସ୍ତେ ଆମ ନିଜ ପାଇଁ ଏକ ବ୍ୟକ୍ତିଗତ ପରିସୀମା ସୃଷ୍ଟି କରିବା ଦରକାର। ସେହି ଅନୁସାରେ କେଉଁ ସବୁ କଥା ବିଷୟରେ ଆଦୌ ବାହାର ଲୋକଙ୍କ ସହ ଶେୟାର କରିବେ ନାହିଁ ସେକଥା ବିଚାର କରନ୍ତୁ। ଆପଣ ଚାହୁଁ ନଥିବା ପ୍ରସଙ୍ଗରେ ଆଦୌ ଆଲୋଚନା କରନ୍ତୁ ନାହିଁ। କେହି ସେନେଇ କିଛି କଥା ହେବାକୁ ଚାହିଁଲେ ବି ଚତୁରତାର ସହ ଆଡ଼େଇ ଯିବାକୁ ହେବ। ସର୍ବପ୍ରଥମେ ପ୍ରତିକ୍ରିୟା ବୁଝନ୍ତୁ । ଆପଣ କଥା ହେବା ସମୟରେ ଶୁଣୁଥିବା ଲୋକଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରନ୍ତୁ। ସେମାନଙ୍କ କଥା ଓ ବ୍ୟବହାରରୁ ହିଁ ଆପଣ ସବୁ କଥା ବୁଝିପାରିବେ। ବେଳେ ବେଳେ ଲୋକେ ହଠାତ୍ କିଛି ନକହି ପରେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ସେଭଳି ଲୋକଙ୍କ ସହ ଯଥାସମ୍ଭବ କମ୍ କଥା ହୁଅନ୍ତୁ। ତେଣୁ ଅନ୍ୟମାନଙ୍କ କଥାରୁ ଯଦି ଆପଣ କିଛି ନକାରାତ୍ମକ ମନୋଭାବର ଆଭାସ ପାଇବେ ତାହେଲେ ସତର୍କ ହୋଇଯାଆନ୍ତୁ। ନିଜେ ତେଣୁ ମାପିଚୁପି କଥା ହୁଅନ୍ତୁ। ଫଳରେ କୌଣସି ସମ୍ପର୍କ ନଷ୍ଟ ହେବନାହିଁ କିମ୍ବା ଭାବମୂର୍ତ୍ତି ବି ଖରାପ ହେବନାହିଁ। ବର୍ତ୍ତମାନର ଯୁଗ ଏଆଇର ସମୟରେ ପହଞ୍ଚିଲାଣି। ବର୍ତ୍ତମାନର ସମୟ ବି ଯାହା ନିଜ ଇମେଜକୁ ନେଇ ସତର୍କ ଓ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଚାଲି ଚଳନ ଠାରୁ କଥାବାର୍ତ୍ତା, ପୋଷାକ ପତ୍ର ଠାରୁ ଖାଦ୍ୟପେୟ ଏସବୁକୁ ଦୃଷ୍ଟି ଦେବା ଜରୁରୀ। କଥାବାର୍ତ୍ତାରୁ ଜଣଙ୍କ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ। ତେବେ ଅତ୍ୟଧିକ ଭାବପ୍ରବଣତା ଓ ଗପିବା ସ୍ୱଭାବ ସହ ସବୁ କଥା ସେୟାର କରିବା ଅନେକ କ୍ଷେତ୍ରରେ କ୍ଷତିକାରକ ଓ ବିବାଦୀୟ ହୋଇଥାଏ। କମ କଥା କହିବା ଓ ଅଧିକ ଶୁଣିବା ଏକ ଭଲ ଅଭ୍ୟାସ। ଘର ହେଉ କି ବାହାର ସମ୍ପର୍କର ଏକ ସୀମା ନିର୍ଦ୍ଧାରଣ କରନ୍ତୁ। ସମୟ ପାଇଲେ ପ୍ରକୃତି କୋଳରେ ନିଜ ପରିବାର ଲୋକଙ୍କୁ ନେଇ କିମ୍ବା ଏକାନ୍ତରେ କିଛି ନିରୋଳା ଉପଲବ୍ଧି ଓ ଅନୁଭବକୁ କିଛି ପଚାରନ୍ତୁ ଆଉ କିଛି ଶୁଣନ୍ତୁ। ଆପଣ ନିଜ ସୋସିଆଲ ଇମେଜର ସବୁ ପ୍ରଶ୍ନ ଓ ଉତ୍ତର ସେଇଠି ହିଁ ପାଇଯିବେ।

**ଗୁରୁଗ୍ରାମ, ହରିୟାନା**

# ଜବରଦଖଲ ସମସ୍ୟା ଓ ବୁଲଡୋଜର ନ୍ୟାୟ

**ଅଧ୍ୟାପକ ଗୋପବନ୍ଧୁ**

> “ପ୍ରଥମରେ ଯେଉଁମାନେ ନିଜ ଘର ପରିମିତ ଜାଗା ପରିବର୍ତ୍ତେ ଅଧିକ ସରକାରୀ ଜାଗା ମାଡି ବସିଛନ୍ତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସେହି ଜମିକୁ ଜବରଦଖଲ ମୁକ୍ତ କରାଯାଉ। କିଛି ଜମି ମାଫିଆ ବିଭିନ୍ନ ସହରରେ ମାତିବାର ଦେଖାଯାଇଛି। ଏମାନେ ଏକର ଏକର ସରକାରୀ ଜାଗାକୁ ନିଜ କବଜାକୁ ନେଇ ପ୍ଲଟକରି ବିକିଛନ୍ତି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏପରି ଅନେକ ଜାଗା ନିଜ କବଜାରେ ଏବେବି ରଖିଛନ୍ତି। ଏହା ସ୍ଥାନୀୟ ଅଧିକାରୀଙ୍କ ଅଜାଣତରେ ହେଉଛି ବୋଲି କହିହେବ ନାହିଁ। ଏପରି ଅନେକ ଅଛନ୍ତି ଯେଉଁମାନେ ସରକାରୀ ଜମିରେ ଘରକରି ଭଡାରେ ଲଗାଇଛନ୍ତି। ଏହି ପ୍ରକାର ଜବରଦଖଲ ଉଚ୍ଛେଦ ହେଉ।

ଦେଶରେ ତଥା ରାଜ୍ୟରେ ଜବରଦଖଲକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପରିଲକ୍ଷିତ ହେଉଛି। ଯେଉଁମାନେ ସରକାରୀ ଜମିକୁ ମାଡ଼ିବସି ଘର କରିଛନ୍ତି ଅଥବା ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି, ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଏମାନଙ୍କ ଭିତରେ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣରୂପେ ସରକାରୀ ଜମିକୁ ମାଡ଼ି ବସିଛନ୍ତି, ଯେଉଁମାନେ ଅତିକ୍ରମଣ କରିଛନ୍ତି ଅଥବା କେତେକ ସ୍ଥଳରେ ଯେଉଁମାନେ ସହରମାନଙ୍କରେ ଗୃହ ନକ୍ସା ପାଶ୍ ନ କରାଇ ଘର କରିଛନ୍ତି କିମ୍ବା ନକ୍ସା ମୁତାବକ ଘର କରିନାହାଁନ୍ତି। ସ୍ୱଳ୍ପକାଳୀନ ନୋଟିସରେ ଏହିପ୍ରକାର ଘର ବା ପ୍ରତିଷ୍ଠାନ ଗୁଡିକୁ ବୁଲଡୋଜର ଲଗାଇ ପ୍ରଶାସନ ଜରିଆରେ ଭଙ୍ଗା ଯାଉଛି। ଉଚ୍ଚ ନ୍ୟାୟାଳୟ ମଧ ଏହା ଉପରେ ମୋହର ଲଗାଇଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କେତେକ ଏହା ଏକ ଉଚିତ ପଦକ୍ଷେପ ବୋଲି କହୁଥିବା ବେଳେ ଅନେକେ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ ଏହା ଅନୁଚିତ କର୍ଯ୍ୟବୋଲି ଅବିହିତ କରୁଛନ୍ତି। ଉଭୟ ମତର ଯଥାର୍ଥତା ରହିଛି। ତେବେ ଉଚ୍ଛେଦ ପଦକ୍ଷେପ କେତେ ବାସ୍ତବମୁଖୀ ତାହାର ଅନୁଶୀଳନ ଜରୁରୀ।

ଦେଶରେ ତଥା ରାଜ୍ୟରେ ଅର୍ଦ୍ଧେକରୁ ଅଧିକ ଘର ଜବରଦଖଲ ଜାଗାରେ କିମ୍ବା ଅତିକ୍ରମଣ ଭାବେ ଅଥବା ଗୃହ ନକ୍ସା ପାଶ୍ ବିନା ତିଆରି ହୋଇଛି। ଏ ସମସ୍ତ ଘରକୁ ଭାଙ୍ଗିଦେଲେ ଭାରତବର୍ଷର ଚିତ୍ର ଯୁଦ୍ଧବିଧ୍ୱସ୍ତ ରାଷ୍ଟ୍ରପରି ଦେଖାଯିବ। ଏହିପ୍ରକାର ନିର୍ମାଣ ପାଇଁ କେବଳ ଅଧିବାସୀଙ୍କ ଘରଭାଙ୍ଗି ଦଣ୍ଡିତ କରିବା ସମ୍ପୂର୍ଣ୍ଣ ନ୍ୟାୟ ନୁହେଁ। ସେ ସମୟରେ ଦଣ୍ଡିତ ହେବା ଉଚିତ୍, ଯେଉଁମାନଙ୍କ କୋହଳ ମନୋଭାବ ଯୋଗୁଁ ଏପରି ନିର୍ମାଣ କାର୍ଯ୍ୟ ପରିବ୍ୟାପ୍ତ ହୋଇଛି। ପ୍ରଶାସନର ନୀରବତା ସାଧାରଣ ଲୋକଙ୍କୁ ପ୍ରତ୍ସାହିତ କରିଛି ଅବୈଧ ନିର୍ମାଣ କରିବା ପାଇଁ। ଏଥିରେ ସରକାରଙ୍କ ଦୋଷ ଅଧିକ ରହିଛି ସାଧାରଣ ଜନତାଙ୍କ ଅପେକ୍ଷା। ପୂର୍ବ ସରକାର ଓ ପ୍ରଶାସନିକ ଅଧିକାରୀ ଏ ଦିଗରେ ଆଖିବୁଜି ଦେଇଥିଲେ କାହିଁକି ? ପ୍ରାରମ୍ଭରୁ ରୋକିଥିଲେ ଆଜିର ଏ ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା। ଏବେର ସରକାର ଓ ପ୍ରଶାସନ ପ୍ରତିଶୋଧ ପରାୟଣ ନ ହୋଇ ଉପାଦେୟ ଓ ଯୁକ୍ତି ସଙ୍ଗତ ଢଙ୍ଗରେ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ୍। ଗୋଟିଏ ଘର ନିର୍ମାଣ ପାଇଁ ଗୋଟିଏ ପରିବାରର ଜୀବନ ସାରାର ଆୟ ବିନିଯୋଗ ହୋଇଥାଏ। ଏହାକୁ ବୁଲଡୋଜର ଲଗାଇ ଅଳ୍ପ ସମୟରେ ଭାଙ୍ଗି ଦିଆଯାଏ। ଯେଉଁ ଘର ସହିତ ଗୋଟିଏ ପରିବାରର ମାୟାମମତା ଜଡିତ ହୋଇ ରହିଥାଏ। ଏହା ଏକ ସ୍ପର୍ଶକାତର ବିଷୟ।

ଏ ସମ୍ବନ୍ଧରେ ସାଧାରଣ ଲୋକମାନେ ଦେଉଥିବା ମତାମତ ନିମ୍ନମତେ ବିଚାରଯୋଗ୍ୟ। ପ୍ରଥମରେ ଯେଉଁମାନେ ନିଜ ଘର ପରିମିତ ଜାଗା ପରିବର୍ତ୍ତେ ଅଧିକ ସରକାରୀ ଜାଗା ମାଡି ବସିଛନ୍ତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସେହି ଜମିକୁ ଜବରଦଖଲ ମୁକ୍ତ କରାଯାଉ। କିଛି ଜମି ମାଫିଆ ବିଭିନ୍ନ ସହରରେ ମାତିବାର ଦେଖାଯାଇଛି। ଏମାନେ ଏକର ଏକର ସରକାରୀ ଜାଗାକୁ ନିଜ କବଜାକୁ ନେଇ ପ୍ଲଟକରି ବିକିଛନ୍ତି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏପରି ଅନେକ ଜାଗା ନିଜ କବଜାରେ ଏବେବି ରଖିଛନ୍ତି। ଏହା ସ୍ଥାନୀୟ ଅଧିକାରୀଙ୍କ ଅଜାଣତରେ ହେଉଛି ବୋଲି କହିହେବ ନାହିଁ। ଏପରି ଅନେକ ଅଛନ୍ତି ଯେଉଁମାନେ ସରକାରୀ ଜମିରେ ଘରକରି ଭଡାରେ ଲଗାଇଛନ୍ତି। ଏହି ପ୍ରକାର ଜବରଦଖଲ ଉଚ୍ଛେଦ ହେଉ। ଦ୍ୱିତୀୟରେ ଆଉ କେତେକ ଅଛନ୍ତି ଯେଉଁମାନେ ଡାକ୍ତରଖାନା, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ, ଜାତୀୟ ରାଜପଥ ଓ ରେଳବାଇ ଇତ୍ୟାଦି ଜାଗାରେ ଘର କରି ରହିଛନ୍ତି ତାଙ୍କୁ ମଧ ପ୍ରଶାସନ ତରଫରୁ ରୋକାଯାଇ ନାହିଁ। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଉଚ୍ଛେଦ କରାଯାଉ, କିନ୍ତୁ ଗରୀବ ଓ ଭୂମିହୀନଙ୍କୁ ବିକଳ୍ପ ଜାଗାଦେଇ ଥଇଥାନ କରାଯାଉ।

ତୃତୀୟରେ ଯେଉଁମାନେ ନିଜ ପଟ୍ଟା ଜାଗାରେ ଘର କରିଛନ୍ତି, କିନ୍ତୁ ରାସ୍ତା ଉପରକୁ କିମ୍ବା ସରକାରୀ ଅନୁଷ୍ଠାନର ଜାଗାକୁ ଅତିକ୍ରମ କରିଛନ୍ତି ତାଙ୍କୁ ଅତିକ୍ରମିତ ଜାଗାରୁ ଉଚ୍ଛେଦ କରାଯାଉ। ରାସ୍ତାର ପ୍ରଶସ୍ତୀକରଣ ଅତ୍ୟାବଶ୍ୟକ ବିଷୟ ଅଟେ। ଚତୁର୍ଥରେ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରି ସର୍ବକ୍ଷମା ନୀତି ପ୍ରଣୟନ କରନ୍ତୁ। ଯେଉଁମାନେ ଉକ୍ତ ତାରିଖ ପୂର୍ବରୁ ଗୃହନକ୍ସା ପାଶ ନ କରାଇ ଘର କରିଛନ୍ତି ତାଙ୍କୁ କ୍ଷମା ଦେବା ଓ ଯେଉଁମାନେ ନିର୍ବିବାଦୀୟ ସରକାରୀ ଜମିରେ ଘରକରି ଅଛନ୍ତି ତାଙ୍କୁ ମଧ କ୍ଷମା ଦେବା ଏହାର ଅନ୍ତର୍ଗତ ହେଉ। ଏମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ଅଧିକ ପରିମାଣ ଜମି ପାଇଁ ରିହାତି ହାରରେ ଦେୟ ଦେବାର କିମ୍ବା ଜମି ବଦଳରେ ଜମି ଦେବାର ବ୍ୟବସ୍ଥା କରାଯାଉ। ଏହାର ଏକ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇ ସେଟେଲମେଣ୍ଟ କରାଯାଉ। ଅତିକ୍ରମଣ ଜାଗା ଉପରେ ସ୍ଥାୟୀ ନିର୍ମାଣ ଥିଲେ ତା ଉପରେ ମଧ୍ୟ ଦେୟ କିମ୍ବା ବଦଳ ଜାଗା ଦେବାର ବ୍ୟବସ୍ଥା ହେଉ। ଏହାଦ୍ୱାରା ବହୁ ମୂଲ୍ୟବାନ କୋଠା ଓ ପ୍ରତିଷ୍ଠାନକୁ ରକ୍ଷା କରାଯାଇପାରିବ। ଏ ସମସ୍ତ ରାଷ୍ଟ୍ରୀୟ ବିକାଶର ଗୋଟିଏ ଗୋଟିଏ କଡ଼ି।

ଓଡିଶାରେ ୨୦୧୭ ମସିହାରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମିତ୍ତ ଏକ ଆଇନ୍ ପ୍ରଣୟନ କରାଯାଇଛି। ଯାହା ଓଡ଼ିଶା ଲେଣ୍ଡ ରାଇଟ୍ସ ଟୁ ସ୍ଲମ୍ ଡୁଏଲାର୍ସ ଏକ୍ଟ- ୨୦୧୭ ବା ବସ୍ତି ବାସିନ୍ଦା ଆଇନ୍- ୨୦୧୭ ଭାବେ ପରିଚିତ। ଏହି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ସହରର ବସ୍ତିରେ ୨୦୧୭ ମସିହା ପୂର୍ବରୁ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ସେମାନେ ବସବାସ କରୁଥିବା ଜାଗାର ମାଲିକାନା ସତ୍ତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହାରି ଆଧାରରେ ବସ୍ତିବାସିନ୍ଦାମାନେ ବାସସ୍ଥାନ ପ୍ରମାଣ ପତ୍ର ସହିତ ସମସ୍ତ ପ୍ରକାରର ସରକାରୀ ସୁବିଧା ସୁଯୋଗ ପାଇପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୁତାବକ ସେମାନେ ପକ୍କାଘର ତିଆରି ପାଇଁ ଅର୍ଥ ପାଇବାକୁ ମଧ୍ୟ ଯୋଗ୍ୟ ହୋଇଯିବେ। ତେବେ ଏ କାର୍ଯ୍ୟ ପୂର୍ବ ସରକାର ସମୟରେ ଅଧାପନ୍ତରିଆ ହୋଇ ରହିଗଲା। ସମସ୍ତ ପଟ୍ଟାବିହୀନଙ୍କ ସର୍ଭେ ହୋଇ ପାରିଲା ନାହିଁ କି ଜମି ଅଧିକାର ପ୍ରମାଣ ପତ୍ର ଦିଆଯାଇ ପାରିଲା ନାହିଁ। ବର୍ତ୍ତମାନର ସରକାର ଏହି ଆଇନ ଉପରେ ଗୁରୁତ୍ୱ ଦେବାପରି ମନେ ହେଉନାହିଁ। ଏହି ନିୟମ ମୁତାବକ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନିତ ହେବା ଜରୁରୀ।

ସହରାଞ୍ଚଳରେ ପଟ୍ଟାବିହୀନଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଗାଁ ଗହଳିରେ କର୍ମ ନିଯୁକ୍ତିର ଘୋର ଅଭାବ ରହିଛି। ଜନସଂଖ୍ୟା ବଢୁଛି। ଅନେକ କୁଶଳୀ, ଅର୍ଦ୍ଧକୁଶଳୀ, ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ସହରକୁ ପଳାଇ ଆସିଛନ୍ତି କର୍ମସଂସ୍ଥାନ ପାଇବା ଆଶାରେ। ଏମାନେ ସହରକୁ ଆସି ପ୍ରଥମେ ବେସରକାରୀ ସଂସ୍ଥାରେ ଛୋଟମୋଟ ଚାକିରି କରନ୍ତି ଓ କେତେକେ ଛୋଟକାଟିଆ ବ୍ୟବସାୟ ଆରମ୍ଭ କରନ୍ତି। ଏମାନେ କେଉଁ ନାଳ କଡରେ, କେନାଲ କଡରେ, ନଦୀ ପଠାରେ, ରାସ୍ତା କଡରେ, ଟ୍ରେନ ଲାଇନ କଡରେ ଅଥବା ସହର ତଳି ଲଟାଝଟା ସ୍ଥାନରେ ଝୁପୁଡି ଘରଟିଏ କରିରହନ୍ତି। ସମୟକ୍ରମେ ଏହି ଝୁପୁଡି ଘର ଆଜବେଷ୍ଟସ ଘରକୁ ଓ ପରେ ଛୋଟ ପକ୍କା ଘରକୁ ରୂପାନ୍ତରିତ ହୁଏ। କେତେକ ଗଡ଼ଜାତିଆ ସହରରେ ବହୁ ପୁରାତନ ପଟ୍ଟାବିହୀନ ବାସିନ୍ଦାଙ୍କୁ ଦେଖିବାକୁ ମିଳେ। ଏମାନଙ୍କ ଭିତରୁ କିଛି ଅଛନ୍ତି ଯେଉଁମାନେ ସ୍ୱାଧୀନତା ପୂର୍ବରୁ ସରକାରୀ ଜମିରେ ଘରକରି ରହିଛନ୍ତି। ଚାଲାକମାନେ କଳେବଳେ କୌଶଳେ ନିଜ ନାମରେ ପଟ୍ଟା କରି ନେଇଛନ୍ତି। ସରଳ ଓ ନିରୀହମାନେ ସେହିପରି ପଡି ରହିଛନ୍ତି। କୌଣସି ଲୋକକୁ ବାସହୀନ କରିବା ମାନବିକତା ବିରୋଧୀ କାର୍ଯ୍ୟ। ପଟ୍ଟାବିହୀନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ହେଉଛି ଯେ ସରକାର ଶିଳ୍ପାୟନ ନାମରେ ଘରୋଇ କମ୍ପାନୀମାନଙ୍କୁ ହଜାର ହଜାର ଏକର ଜମି ଦେଉଥିବା ବେଳେ ପ୍ରଗତିର ମୂଳଦୁଆ ସାଜିଥିବା ଏହି ଲୋକମାନଙ୍କୁ ଦୁଇଚାରି ଡେସିମିଲ୍ ଜମି ଦେଇ ଥଇଥାନ କରି ପାରିବେ ନାହିଁ କାହିଁକି ?

ବସ୍ତିବାସିନ୍ଦା ନିୟମ-୨୦୧୭ ଅନୁଯାୟୀ ପ୍ରତ୍ୟେକ ପଟ୍ଟାବିହିନ ବାସିନ୍ଦା ପୌରାଞ୍ଚଳରେ ୪୫ ବର୍ଗମିଟର ଓ ଏନଏସିରେ ୬୦ ବର୍ଗମିଟର ଜାଗା ପାଇବେ। ଏହାଠାରୁ କମ୍ ଥିଲେ ଯେତିକି ଥିବ ସେତିକି ପାଇବେ। ଅଧିକ ଥିଲେ ବଳକା ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବେ। ଯେଉଁ ଜମି ମାଲିକାନା ଦିଆଯାଉଛି ତାହାକୁ ପ୍ରଥମେ ଜମିଅଧିକାର ପ୍ରମାଣ ପତ୍ର ବା ଏଲ୍.ଆରସି. ବୋଲି କୁହାଯାଉଛି। ପରେ ଏହାକୁ ବଦଳାଇ ପଟ୍ଟା ପ୍ରଦାନ କରାଯାଉଛି। ଏହାରି ଆଧାରରେ ଅନେକ ଲୋକ ପଟ୍ଟା ପାଇ ସାରିଲେଣି। ଆହୁରି ଅନକେ ପାଇବା ଅପେକ୍ଷାରେ ଅଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଅନେକଙ୍କ ସର୍ଭେ ହୋଇପାରି ନଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ ହେବ ବୋଲି ଶୁଣାଯାଉଛି। କେତେକ ସହରରେ ସମସ୍ୟା ହେଉଛି ଜଙ୍ଗଲ ଜମି କିସମକୁ ନେଇ। ଅନେକ ବସ୍ତି ଜଙ୍ଗଲ ଜମି ଉପରେ ଗଢିଉଠିଛି। କିସମ ବଦଳାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ା। ତେଣୁ ଏମାନଙ୍କୁ ଏଲ୍.ଆରସି. ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ତାଙ୍କୁ ଜମି ଯୋଗ୍ୟତା ପ୍ରମାଣ ପତ୍ର ବା ଏଲ୍.ଇ.ସି. ପ୍ରଦାନ କରିଛନ୍ତି। ଆବଶ୍ୟକ ସ୍ଥଳେ ଏମାନଙ୍କୁ ଆଉ କୋଉ ଯାଗାରେ ଜମି ଦିଆଯାଇ ପରିବ। ଏବେ ସହର ମଧ୍ୟରେ ଆଉ ଜଙ୍ଗଲ ନାହିଁ। ତେଣୁ ଜମି କିସମ ବଦଳିବା ଜରୁରୀ। ଜମି କିସମ ପରିବର୍ତ୍ତନ ହୋଇ ପାରିଲେ, ଏମାନେ ମଧ୍ୟ ଏଲ୍.ଆର.ସି. ପାଇପାରିବେ ଓ ପଟ୍ଟା ମଧ୍ୟ ପାଇବେ।

ନିୟମ ମୁତାବକ ଦେୟମୁକ୍ତ ଜାଗା ବାଦେ ୪୫ ଡେସିମିଲ ପର୍ଯ୍ୟନ୍ତ ଅଥବା ଯେତିକି ଜାଗା ଉପରେ ଘର କରିଛନ୍ତି ସେତିକିକୁ ଦେୟଯୁକ୍ତ ଭାବେ ପ୍ରଦାନ ପାଇଁ ଯୋଜନାର ଅନ୍ତର୍ଭୁକ୍ତ କଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା। ଦେୟଯୁକ୍ତ ଯୋଜନା ମାଧ୍ୟମରେ ଏପରି ପଟ୍ଟାବିହୀନଙ୍କ ଥଇଥାନ ଉପଯୋଗୀ ପରି ମନେହୁଏ। ଏହାଦ୍ୱାରା ଜବରଦଖଲରେ ଥିବ ସରକାରୀ ଜମିର ସୁବନ୍ଦୋବସ୍ତ ହେବା ସହିତ ରାଜ୍ୟ ରାଜକୋଷ ପାଇଁ ଭଲ ପରିମାଣର ଅର୍ଥ ସଂଗ୍ରହ କରାଯାଇ ପାରିବ। ଯେଉଁ ଅର୍ଥ ରାଜ୍ୟର ଅନ୍ୟ କୌଣସି ବିକାଶ କାର୍ଯ୍ୟରେ ଲାଗିପାରିବ। ଭାରତବର୍ଷ ପରି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ବୁଲଡୋଜର ନ୍ୟାୟ ନୁହେଁ ମାନବିକତା ଆଧାରରେ ନ୍ୟାୟ ଜରୁରୀ।

ମୋ. ୯୪୩୮୨୪୮୮୫୪

# ଜିଡିପି ବୃଦ୍ଧି ଓ ଲୋକଙ୍କ ସ୍ୱଚ୍ଛଳତା

**ସୁବାସ ଷଡଙ୍ଗୀ**

> “ଜିଡିପିର ପ୍ରବକ୍ତା କୃଜନେସ ୧୯୨୪ ମସିହାରେ କହିଥିଲେ, ଗୋଟାଏ ଜାତିର ଆୟ ବା ଜିଡିପି ନେଇ ସେଇ ଜାତିର ସାମଗ୍ରିକ କଲ୍ୟାଣକୁ ମପା ଯାଇପାରେନା। ଏଣୁ ଅନେକ ଦେଶରେ ଏବେ ସୂଚକ କାର୍ଯ୍ୟକାରି କରାଯାଉଛି। ସୂଚକ ବା ସାମାଜିକ ଅଗ୍ରଗତିର ସୂଚନା। ଗୋଟାଏ ଦେଶର ଉତ୍ପାଦନ ବଢିଲେ ଯେ ତାର ନାଗରିକମାନେ ଭଲରେ ରହୁଛନ୍ତି ବୋଲି ମନେ କରାଯିବ, ତାହା ନୁହେଁ। ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ପୁଷ୍ଟି, କର୍ମସଂସ୍ଥାନ ଭଳି ଅନେକ କ୍ଷେତ୍ର ରହିଛି, ଯାହାର ସିଧାସଳଖ ପ୍ରଭାବ ଲୋକଙ୍କ ଅର୍ଥନୀତି ଉପରେ ପଡୁଛି। କିନ୍ତୁ ଏସବୁ କିଛି ଜିଡିପି ପରିମାପର ବାହାରେ।

ନିକଟରେ ଭାରତ ସରକାର ଦେଶର ପ୍ରଥମ ତ୍ରୈମାସିକ ଜିଡିପି ବୃଦ୍ଧିର ହାର ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଆଶା ଥିଲା, ଏଇ ସମୟ ଭିତରେ ଦେଶର ଅର୍ଥନୈତିକ ବୃଦ୍ଧି ହେବ ସାତ ଶତାଂଶ। ସେଇ ଆଶା ପୂରଣ ହୋଇଛି। ଘୋଷଣା ହୋଇଛି ବୃଦ୍ଧିର ହାର ୭.୮ ଶତାଂଶ। କିନ୍ତୁ ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି।

ମୋଦି ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି, ଏଇ ତଥ୍ୟ ଠିକ ନୁହେଁ। ତାଙ୍କର ଯୁକ୍ତି ହେଉଛି, ବିଗତ ଅର୍ଥିକବର୍ଷର ପ୍ରଥମ ତିନି ମାସରେ ମୋଟ ଜିଡିପି ପ୍ରାୟ ଛଅଲକ୍ଷ କୋଟି ଟଙ୍କା କମେଇ ଦିଆଯାଇଛି। ( ୮୬ ଲକ୍ଷରୁ କମେଇ ୮୦ ଲକ୍ଷ ଟଙ୍କା କରାଯାଇଛି) ଯଦି ତାହା କରାଯାଇ ନଥାନ୍ତା, ତେବେ ନମିନାଲ ଜିଡିପି କ୍ଷେତ୍ରରେ ବୃଦ୍ଧିହାର ୨.୬ ଶତାଂଶରେ ସୀମିତ ରହିଥାନ୍ତା। ଆଉ ପ୍ରକୃତ ଜିଡିପି କ୍ଷେତ୍ରରେ ତାହା ଶୂନ୍ୟ ହୋଇଥାନ୍ତା। ଅପରପକ୍ଷରେ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ କହିଛନ୍ତି, ' ଏହା ହେଲା ଆପେଲ ସହିତ କମଳା ଲେମ୍ବୁର ତୁଳନା। କାରଣ, ଦୁଇଟି ସିରିଜ ପୁରାପୁରି ଅଲଗା। ପ୍ରଶ୍ନ ହେଲା ଜିଡିପି କଣ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଦେଶରେ କେତେ ପଣ୍ୟ ଓ ପରିସେବା ଉତ୍ପାଦିତ ହୋଇଛି, ଏବଂ ତାର ଆର୍ଥିକ ମୂଲ୍ୟ କେତେ କହିପାରିବ ? ଉତ୍ପାଦନର ସୁଫଳ କାହା ପାଖକୁ ଗଲା, ତାହା ବୁଝିବାର ଉପାୟ ନାହିଁ। କର୍ମ ସଂସ୍ଥାନ ସୃଷ୍ଟି ହେଲା କି ନାହିଁ ? ପ୍ରକୃତରେ ମଜୁରି ହାର କେତେ ବଢିଲା ? ସମାଜର ବିଭିନ୍ନ ଶ୍ରେଣୀ ମଧ୍ୟରେ ସମ୍ପଦ ବଂଟନର ବୈଷମ୍ୟ ହଟିଲା କି ନାହିଁ ?

ମୂଲ୍ୟବୃଦ୍ଧି ବାଦଦେଲେ, ଯେଉଁ ଜିଡିପି ମିଳେ, ତାହାକୁ ପ୍ରକୃତ ଜିଡିପି କୁହାଯାଏ। ଧରାଯାଉ ଗୋଟିଏ ବର୍ଷରେ ଜିଡିପି ଥିଲା ଶହେ କୋଟି। ତହିଁ ପରବର୍ଷ ତାହାହେଲା ୧୧୦ କୋଟି। ତାହାହେଲେ ନମିନାଲ ଜିଡିପି ବଢିବ ଦଶ ଶତାଂଶ। କିନ୍ତୁ ଧରାଯାଉ, ଏଇ ସମୟରେ ମୂଲ୍ୟବୃଦ୍ଧି ହୋଇଛି ପାଞ୍ଚ ଶତାଂଶ। ତାହାହେଲେ ପ୍ରକୃତ ଜିଡିପି କମିଯିବ। କାରଣ, ଏଠାରେ ନମିନାଲ ଜିଡିପିକୁ ମୂଲ୍ୟବୃଦ୍ଧି ଦେଇ ଭାଗ କରିବାକୁ ହେବ। ଭାରତରେ ଏହାକୁ ଗୁରୁତ୍ୱ ଦେଇ ହିସାବ କରାଯାଏ। ମଲ୍ୟୁବୃଦ୍ଧିର ହିସାବ ଯଦି କମ ରଖାଯାଏ, ତାହାହେଲେ ରିଏଲ ଜିଡିପି ବଢିଯିବ। ଆମର ଏଠାରେ ଡବଲ ଡିଫ୍ଲେଟର ବ୍ୟବହାର କରାଯାଏ। ମାନେ ଇନପୁଟ ଓ ଆଉଟପୁଟର ମୂଲ୍ୟ ଅଲଗା। ଆଉ ଏକ କଥା ହେଉଛି, ବିଭିନ୍ନ କାରଣରୁ ପ୍ରତି ବର୍ଷ ପରିବର୍ତ୍ତନ ହେଉଛି। ସରକାରୀ ହିସାବରେ ଅନେକ ତାରତମ୍ୟ ରହିଛି। ପରିବର୍ତ୍ତନ ମଧ୍ୟ ହେଉଛି ଜିଡିପିର ୭.୮ ଶତାଂଶ ବୃଦ୍ଧିକୁ ସାଧାରଣ ଲୋକ ଠିକ ଭାବରେ ଅନୁଭବ କରିପାରୁ ନାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶ ହେଉଛି। ଯୁବ ସମାଜର କେତେ ଅଂଶ ଚାକିରି ପାଇଲେ, ସେମାନଙ୍କର ଆୟ କେତେ ବଢିଲା, ସେ ବିଷୟରେ କିଛି କୁହାଯାଉ ନାହିଁ। ଗ୍ରାମୀଣ ଭାରତରେ ବାସ କରୁଥିବା ଲୋକମାନଙ୍କର କ୍ରୟ କ୍ଷମତା କେତେ ବଢିଲା, ସେ ବିଷୟରେ ଆଲୋଚନା ହେଉ ନାହିଁ। ଆମ ଦେଶରେ ସବୁଠାରୁ ବେଶୀ ହେଉଛି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ। ସେମାନଙ୍କର ବିକାଶ କେତେ ହୋଇଛି ? ଶ୍ରମିକ ମାନଙ୍କର ମଜୁରି କେତେ ବଢିଛି ? ଜିଡିପି ବୃଦ୍ଧିର ପରିସଂଖ୍ୟାନ ସହିତ ଏ ସବୁର କିଛି ସମ୍ପର୍କ ଅଛି କି ?



ଜିଡିପି ସମ୍ପର୍କରେ କିଛି ପ୍ରଶ୍ନ କରିଛନ୍ତି ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ରଘୁରାମ ରାଜନ। ତାଙ୍କ ପ୍ରଶ୍ନର କଟାକ୍ଷ କରିଛନ୍ତି, ପିୟୁଷ ଗୋଏଲ। ରାଜନଙ୍କର ପ୍ରଶ୍ନ ହେଲା, ଅର୍ଥନୈତିକ ଅଭିବୃଦ୍ଧି ଯଦି ଏତେ ଅଧିକ ହେଉଛି,ତେବେ ଏହାର ପ୍ରଭାବ ଶିଳ୍ପ କ୍ଷେତ୍ରରେ ଦେଖାଯାଆନ୍ତା। ଆମ ଦେଶରେ ପ୍ରତ୍ୟକ୍ଷ ବିଦେଶୀ ବିନିଯୋଗ କମିବାରେ ଲାଗିଛି। ବିଦେଶୀ ବିନିଯୋଗକାରୀମାନେ ସେମାନଙ୍କ ପୁଞ୍ଜି ବାହାର ଦେଶକୁ ନେଇ ଯାଉଛନ୍ତି। ଯୁବ ସମାଜ ବିଶେଷ କରି ଶିକ୍ଷିତ ଯୁବ ସମାଜରେ ବେକାରି ହାର କ୍ରମାଗତ ଭାବେ ବଢିବାରେ ଲାଗିଛି।

ଜିଡିପି ହେଉଛି, ଅର୍ଥନୀତିର ଏକ ଫ୍ୟାକ୍ଟର। କିନ୍ତୁ ଏହାକୁ ଏକମାତ୍ର ସଫଳତା ହିସାବରେ ଗ୍ରହଣ କରାଯାଇପାରିବ ନାହିଁ। ଅକ୍ସଫାମର ରିପୋର୍ଟ କହୁଛି, ଭାରତରେ ମୋଟ ସମ୍ପଦର ଚାଳିଶ ଭାଗରୁ ଅଧିକ ରହିଛି ମାତ୍ର ଏକ ଶତାଂଶ ଲୋକଙ୍କ ହାତରେ। ତଳରୁ ପଚାଶ ଶତାଂଶ ଲୋକଙ୍କ ହାତରେ ରହିଛି ମାତ୍ର ତିନି ଶତାଂଶ ସମ୍ପଦ। ଏବେ ଯଦି ଜିଡିପି ବଢିବ, ତେବେ ଠିକ୍ ଏଇ ପଚାଶ ଭାଗ ଲୋକଙ୍କ ପାଖକୁ ଅଧିକ ସମ୍ପଦ ଯିବ।

ବଜାରରେ ଏବେ ଅସ୍ଥିରତା ଲାଗି ରହିଛି। ଏକ ରିପୋର୍ଟରେ କୁହାଯାଇଛି, ବେଶି ଦାମର ସ୍ମାର୍ଟ ଫୋନ ଆଉ ସେଭଳି ଅଧିକ ବିକ୍ରି ହେଉ ନାହିଁ। ସେହିପରି କମ୍ ଦାମର ସ୍ମାର୍ଟ ଫୋନ ମଧ୍ୟ କମିଛି। ଅପରପକ୍ଷରେ ବିଳାସ ବହୁଳ ଫ୍ଲାଟର ବିକ୍ରି ବଢିଛି।

ଏଣୁ କୁହାଯାଉଛି ମଧ୍ୟବିତ୍ତଙ୍କ ଚାହିଦା କମିଛି। ଏଫଏମସିଜି ପ୍ରଡକ୍ଟର ବିକ୍ରି କିଛି ପରିମାଣରେ କମିଛି। ନୀତି ଆୟୋଗର ଏକ ରିପୋର୍ଟ କୁହେ, ଦଶ ବର୍ଷ ଭିତରେ ଦୁଇ କୋଟିରୁ ଅଧିକ ପିଲା ସରକାରୀ ସ୍କୁଲ ଛାଡିଛନ୍ତି। ସାଧାରଣ ଲୋକମାନଙ୍କର ଆଉ ସରକାରୀ ସ୍କୁଲ ଉପରେ ଭରଷା ନାହିଁ। ଅପରପକ୍ଷରେ ବେସରକାରୀ ସ୍କୁଲର ଫିସ ବଢୁଥିଲେ ମଧ୍ୟ, ସେଠାରେ ପଢାଇବାକୁ ବାପାମାନେ ଚାହାନ୍ତି। ସ୍କୁଲ ଫିସ ଦେବା ପାଇଁ ଏବେ ବାପାମା'ଙ୍କୁ କରଜ କରିବାକୁ ପଡୁଛି।

ନିମ୍ନମଧ୍ୟବିତ ଶ୍ରେଣୀର ଲୋକମାନେ କରିଥିବା ଋଣକୁ ଠିକ୍ ସମୟରେ ଶୁଝିପାରୁ ନାହାନ୍ତି। କିନ୍ତୁ ସରକାର କହୁଛନ୍ତି, ଭିତ୍ତିଭୂମି ଉନ୍ନୟନରେ ସରକାରୀ ଅର୍ଥ ପ୍ରଚୁର ପରିମାଣରେ ଖର୍ଚ୍ଚ ହେଉଛି। କିନ୍ତୁ ଲୋକଙ୍କ ପାଖରେ ଏହାର ସୁଫଳ ଠିକ ଭାବରେ ପହଞ୍ଚି ପାରୁ ନାହିଁ। ନୀତି ଆୟୋଗର ରିପୋର୍ଟ କହୁଛି ଗ୍ରାଜୁଏଟ ବେକାର ସଂଖ୍ୟା, ଶତକଡା ତେର ଭାଗ। ଯେଉଁମାନେ ଚାକିରି କରିଛନ୍ତି,ସେମାନଙ୍କ ବେତନ କମ। ସେଥିପାଇଁ ଏହାକୁ କୁହାଯାଉଛି 'ଜବଲେସ ଗ୍ରୋଥ।'

ଜିଡିପିର ପ୍ରବକ୍ତା କୃଜନେସ ୧୯୨୪ ମସିହାରେ କହିଥିଲେ, ଗୋଟାଏ ଜାତିର ଆୟ ବା ଜିଡିପି ନେଇ ସେଇ ଜାତିର ସାମଗ୍ରିକ କଲ୍ୟାଣକୁ ମପା ଯାଇପାରେନା। ଏଣୁ ଅନେକ ଦେଶରେ ଏବେ ସୂଚକ କାର୍ଯ୍ୟକାରି କରାଯାଉଛି। ସୂଚକ ବା ସାମାଜିକ ଅଗ୍ରଗତିର ସୂଚନା। ଗୋଟାଏ ଦେଶର ଉତ୍ପାଦନ ବଢିଲେ ଯେ ତାର ନାଗରିକମାନେ ଭଲରେ ରହୁଛନ୍ତି ବୋଲି ମନେ କରାଯିବ, ତାହା ନୁହେଁ। ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ପୁଷ୍ଟି, କର୍ମସଂସ୍ଥାନ ଭଳି ଅନେକ କ୍ଷେତ୍ର ରହିଛି, ଯାହାର ସିଧାସଳଖ ପ୍ରଭାବ ଲୋକଙ୍କ ଅର୍ଥନୀତି ଉପରେ ପଡୁଛି। କିନ୍ତୁ ଏସବୁ କିଛି ଜିଡିପି ପରିମାପର ବାହାରେ।

ଭାରତ ଭଳି ବିଶାଳ ଦେଶରେ ପ୍ରକୃତ ଅର୍ଥନୈତିକ ସଫଳତା କିଭଳି ଭାବେ ମାପ କରାଯିବା ଉଚିତ, ସେ ନେଇ ନାନା ମୁନିଙ୍କ ନାନା ମତ। କିନ୍ତୁ ବାସ୍ତବ ସତ ହେଉଛି, ଧନୀମାନେ ଅଧିକ ଧନୀ ହେଉଛନ୍ତି। କୃଷକର ଋଣ ଭାର ବଢି ଚାଲିଛି। ଶିକ୍ଷିତ ଯୁବକମାନେ ଚାକିରି ପାଇପାରୁ ନାହାନ୍ତି। ଉତ୍ପାଦନ ବଢୁଛି, କିନ୍ତୁ ମଜୁରି ବଢୁ ନାହି ? ଏହାହିଁ ହେଉଚି ବିକାଶ।

ମୋ-୯୪୩୯୬୫୨୩୨୨

## କାଞ୍ଚିଆପାଳ ଗ୍ରାମରେ ବାଲି ଓ ମାଟି ମାଫିଆଙ୍କ ଦୌରାତ୍ମ୍ୟ

ଧାମନଗର,୧୦।୯ (ନିପ୍ର): ଧାମନଗର ଅଞ୍ଚଳ ରେ ବୃଦ୍ଧି ପାଇଛି ଚୋରା ମାଟି ଓ ବାଲି କାରବାର। ନଦୀ ପଠା ଓ ସରକାରୀ ଜାଗାରୁ ଦିନକୁ ଦିନ ବେଆଇନ ଭାବେ ମାଟି ଏବଂ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ବୁଧବାର ୪ଟି ଟ୍ରାକ୍ଟର ଏବଂ ଗୋଟିଏ



ଜେସିବି ସାହାଯ୍ୟରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଟ୍ରିପ୍ ମାଟି ଓ ବାଲି ଚୋରା ଚାଲାଣ କରାଯାଉଥିଲା। ଗ୍ରାମବାସୀ ଏହି ବେଆଇନ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ମାଫିଆ ଓ ଗାଡ଼ି ଚାଳକମାନେ ଓଲଟା ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଧମକ ଦେଇଥିଲେ। ପରିସ୍ଥିତି ସମ୍ବେଦନଶୀଳ ହେବାରୁ ଗ୍ରାମବାସୀ ତୁରନ୍ତ ଖଣି ବିଭାଗ ଏବଂ ଧାମନଗର ପୋଲିସକୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଖବର ପାଇ ଖଣି ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ବ୍ୟବହୃତ ଗାଡ଼ିଗୁଡ଼ିକୁ ଜବତ କରି ଧାମନଗର ଥାନାକୁ ଆଣୁଥିଲେ। ମାତ୍ର ବାଟରେ ଦୋବଲ ବଜାର ନିକଟରେ ଗାଡ଼ି ମାଲିକମାନେ ଏହାକୁ ଅଟକାଇ ଉତ୍ତେଜନା ସୃଷ୍ଟି କରିଥିଲେ ଏବଂ ଖଣି ବିଭାଗ ଅଧିକାରୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସ ଓ ଅନ୍ୟ ପୋଲିସ କର୍ମଚାରୀମାନେ ତୁରନ୍ତ ସେଠାରେ ପହଞ୍ଚି ଅଧିକାରୀଙ୍କୁ ଉଦ୍ଧାର କରିଥିଲେ ଏବଂ ସମସ୍ତ ଟ୍ରାକ୍ଟର ଓ ଜେସିବିକୁ ଥାନାକୁ ଆଣିଥିଲେ। ଥାନାରେ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଥିବା ଏବଂ ତଦନ୍ତ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ବିଭାଗ ଓ ପୋଲିସ ପକ୍ଷରୁ ସୂଚନା ମିଳିଛି।

## ରୋଗୀ କଲ୍ୟାଣ ସମିତିର ବୈଠକ

କାଶୀନଗର,୧୦।୯ (ନିପ୍ର): ଜପତି ଜିଲ୍ଲାର କାଶୀନଗର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଏନ ଏ ସି ଅଧ୍ୟକ୍ଷା ଏମ ସୁଦ୍ଧା ରାଣୀ ଓ ସି ଡ଼ି ପି, ଏ ବି ଡ଼ି ଓ ମାନସ ରଞ୍ଜନ ପ୍ରଧାନ ଓ କେ. କୋଟେଶ୍ୱରୀ ମଂଚାସୀନ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟତ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆସୁଥିବା ରୋଗୀ ମାନଙ୍କୁ ଉନ୍ନତ ମାନର ଚିକିତ୍ସା ଦେବା ସହ ଉତ୍ତମ ବ୍ୟବହାର କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏ ସି ଓ ଉପଯୁକ୍ତ ବିଦ୍ୟୁତ ସର୍ବାରହ ବ୍ୟବସ୍ଥା, ସ୍ୱଚ୍ଛତା ରକ୍ଷା ରଖିବା, ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନତା, ବେଡ଼ ଗୁଡିକୁ ସବୁବେଳେ ପରିଷ୍କାର କରିବା, ପ୍ରସୂତି ମହିଳା ମାନଂକୁ ଉପଯୁକ୍ତ ସେବା ଯୋଗେଇବା, ବିଶେଷଜ୍ଞ ଡାକ୍ତର ଷ୍ଟାଫ ନର୍ସ ନିଯୁକ୍ତି ଓ ଏକ୍ସରେ ମେସିନ ସଂଯୋଗୀକରଣ ଓ ଚିକିତ୍ସା ବ୍ୟବସ୍ଥାର ସୁଧାର ଆଣି ଆବଶ୍ୟକ ଭିତ୍ତିଭୂମି ପାଇଁ ବ୍ୟବସ୍ଥା କରିବା ଏମିତି ବହୁତ ବିଷୟରେ ଆଲୋଚନା ହୋଇ ଥିଲା.ମେଡିକାଲ ଅଫିସର ସଂଗ୍ରାମ କେଶରୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରୁଥିବା ବେଳେ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ, ସମାଜସେବୀ, ବରିଷ୍ଠ ନାଗରିକ ଏବଂ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଯୌତୁକ ନିଷେଧ ଆଇନ ଉପରେ ସଚେତନତା

ଭବାନୀପାଟଣା,୧୦।୯(ନିପ୍ର); ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭବାନୀପାଟଣାସ୍ଥିତ ଷ୍ଟାଟିଷ୍ଟିକାଲ୍ ସମ୍ମିଳନୀ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହା ରେନ୍ଦ୍ର ପଣ୍ଡା,ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୂଜିବିନ ନିଶା, ସମାଜ କଲ୍ୟାଣ ଅଧିକାରୀ ନିୟତି ବାଳା ସୋରେନ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ,ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀମତୀ ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମଦାତା ଲକ୍ଷ୍ମୀପ୍ରିୟା ସାହୁ ଯୌତୁକ ନିଷେଧ ଆଇନର ବିଭିନ୍ନ ଦିଗ, ଯୌତୁକ ଦାବି ଓ ଗ୍ରହଣର ଆଇନଗତ ପରିଣାମ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଯୌତୁକ ପ୍ରଥା ବିରୋଧରେ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଡ଼ିପିଓ , ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନ କର୍ମଚାରୀ, ଏନ୍ ଜି ଓ ପ୍ରତିନିଧି, ଏସ ଏଚ ଜି ସଦସ୍ୟ, କାର୍ଯ୍ୟାଳୟ କର୍ମଚାରୀ ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ।

## କଳାହାଣ୍ଡିରେ ନୂତନ ଡିଆଇପିଆରଓଙ୍କ ଯୋଗଦାନ

ଭବାନୀପାଟଣା,୧୦।୯ (ନିପ୍ର); କଳାହାଣ୍ଡି ଜିଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଭାବେ ମନୋଜ କୁମାର ବେହେରା ଯୋଗ ଦେଇଛନ୍ତି। ଭବାନୀପାଟଣା ସ୍ଥିତ ଡିଆଇପିଆରଙ୍କ



କାର୍ଯ୍ୟାଳୟରେ ଭାରପ୍ରାପ୍ତ ଡିଆଇପିଆରଓ ତଥା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଥିଲେ। ଜିଲାର ସାମ୍ବାଦିକମାନଙ୍କ ସହିତ ସୁସମ୍ପର୍କ ରଖି ଜିଲାର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ବିଶେଷ କରି ସରକାରଙ୍କ ସଚେତନତା ମୂଳକ କାର୍ଯ୍ୟକ୍ରମ ଗୁଡିକୁ ଲୋକଲୋଚନକୁ ପହଞ୍ଚାଇବା ପାଇଁ ସାମ୍ବାଦିକ ଜରିଆରେ ପ୍ରୟାସ ଜାରି ରହିବ ବୋଲି ନୂତନ ଡ଼ିଆଇପିଆରଓ ବେହେରା ପ୍ରକାଶ କରିଛନ୍ତି।

# ସାମ୍ବାଦିକ ଖଟିରେ ରାୟଗଡ଼ା ବିଧାୟକ
## ବିଧାନସଭାରେ ଉଠିବ ଜିଲ୍ଲାର ବିକାଶ ଓ ସାମ୍ବାଦିକଙ୍କ ସୁରକ୍ଷା ପ୍ରସଙ୍ଗ

ରାୟଗଡ଼ା,୧୦।୯ (ନିପ୍ର); ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ସାମ୍ବାଦିକଙ୍କ ଅସ୍ଥାୟୀ ଖଟିରେ ଯୋଗଦେଇ ଜିଲ୍ଲାର ବିକାଶ ସମେତ ବିଭିନ୍ନ ଜନସମସ୍ୟା ଉପରେ ସାମ୍ବାଦିକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

ଜିଲ୍ଲାରେ ଅନେକ ସମସ୍ୟା ରହିଥିବା ସତ୍ତ୍ୱେ ସେଗୁଡ଼ିକର ସମାଧାନ କାହିଁକି ହୋଇପାରୁ ନାହିଁ ବୋଲି ସାମ୍ବାଦିକମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଟିରେ ଜିଲ୍ଲାର ଶୋଚନୀୟ ରାସ୍ତାଘାଟ, ଆଶ୍ରମ ଓ ସେବାଶ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସମସ୍ୟା, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ଶିକ୍ଷାର ବିକାଶ ଏବଂ ଉଚ୍ଚଶିକ୍ଷା ନେଇ ଆଲୋଚନା ହୋଇଥିଲା। ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସାମ୍ବାଦିକମାନେ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଏଥିସହ ରାୟଗଡ଼ାରେ ଆୟୁର୍ବେଦ ମେଡିକାଲ କଲେଜ ପରିବର୍ତ୍ତେ ଭେଷଜ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଥିଲା।

ଏନେଇ ଜିଲ୍ଲାର ତିନି ବିଧାୟକ ଓ ସାଂସଦ ମିଳିତ ଭାବେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି



ଦାବି ଉପସ୍ଥାପନ କରିବେ ବୋଲି ବିଧାୟକ କାଡ୍ରାକା ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆଗାମୀ ବିଧାନସଭା ଅଧିବେଶନ ଓ ଜିଲ୍ଲା ପରିଷଦ ବୈଠକରେ ଖଟିରେ ଉଠିଥିବା ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ଉପସ୍ଥାପନ କରିବେ ବୋଲି ବିଧାୟକ କହିଥିଲେ। ସାମ୍ବାଦିକଙ୍କ ସମସ୍ୟା ଓ ସୁରକ୍ଷା ପ୍ରସଙ୍ଗକୁ ମଧ୍ୟ ଆଗାମୀ ବିଧାନସଭାରେ ପୁନର୍ବାର ଉଠାଇବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଖଟିର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ଥିଲା ନଗର ଉନ୍ନୟନ ସଂସ୍ଥା (ଡୁଡା) କାର୍ଯ୍ୟାଳୟରେ ସରକାରୀ ପାଣ୍ଠିରୁ ୧ କୋଟି ୯ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ। ଏହି ଘଟଣା ଆଗାମୀ ବିଧାନସଭା ପ୍ରଶ୍ନକାଳରେ ତାଙ୍କର ମୁଖ୍ୟ ପ୍ରସଙ୍ଗ ରହିବ ବୋଲି ବିଧାୟକ କାଡ୍ରାକା କହିଥିଲେ। ଖଟିରେ ଜିଲ୍ଲାସ୍ତରୀୟ ସାମ୍ବାଦିକ ନିରଞ୍ଜନ ପାଳ, ସନ୍ତୋଷ ପାଣିଗ୍ରାହୀ, ସୁରେଶ ଦାସ, ବୁରିଡି ଭେଙ୍କଟ ରାବଣା, ବିଜୟ ଦାସ, ମାଉଡି ବାରିକ, ମୃତ୍ୟୁଞ୍ଜୟ ନନ୍ଦ, ବି.ଶ୍ରୀନିବାସ, ସୁରେଶ ନାୟକ, କେ କେ ଏମ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସରପଞ୍ଚଙ୍କ ପୁଅ ଗିରଫ

ସାଲେପୁର,୧୦।୯(ନିପ୍ର)ସାଲେପୁର ବ୍ଲକ୍‌ରେ କାର୍ଯ୍ୟରତ ଅତିରିକ୍ତ ମହିଳା ନିର୍ବାହୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କ ପୁତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଦୁର୍ବ୍ୟବହାର କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ସାଲେପୁର ପୁଲିସ ସରପଞ୍ଚଙ୍କ ପୁଅକୁ ଗିରଫ କରି ଜେଲ୍ ହାଜତକୁ ପଠାଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସ୍ଥାନୀୟ ବ୍ଲକ୍‌ର ଗୋପିନାଥପୁର ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ମହାନ୍ତିଙ୍କ ପୁତ୍ର ଶୁଭଙ୍କର ମହାନ୍ତି ଚଳିତ ମାସ ୭ତାରିଖ ଅପରାହ୍ଣ ୪ଟା ସମୟରେ ସାଲେପୁର ବ୍ଲକ୍ କାର୍ଯ୍ୟାଳୟକୁ ଆସି ସେଠାରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବେଳାଭୂମି ସାହୁଙ୍କ ସହିତ କଥାବାର୍ତ୍ତା ସମୟରେ ହଠାତ୍ ଉତ୍ୟକ୍ତ ହୋଇ ତାଙ୍କୁ ଅଶଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରିକି ସରକାରୀ କାର୍ଯ୍ୟରେ ବାଧା ମଧ୍ୟ ସୃଷ୍ଟି କରିଥିଲେ। ଏହାନେଇ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ଲୋପାମୁଦ୍ରା ନାୟକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୫୩୮/୨୬ରେ ଏକ ମାମଲା ରୁଜୁ କରି ଶୁଭଙ୍କରକୁ ଗତକାଲି ରାତିରେ ତାଙ୍କ ଘରୁ ଗିରଫ କରିବା ସହ ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି। ସେଠାରେ ତାଙ୍କର ଜାମିନ୍ ନାମଂଜୁର ହେବାରୁ ଜେଲ୍ ହାଜତକୁ ପଠାଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

## ରାୟଗଡରେ ୧୧୩ କି.ମି.ରୁ ଅଧିକ ୪-ଲେନ୍ ରାସ୍ତା ନିର୍ମାଣକୁ ମଞ୍ଜୁରୀ

ରାୟଗଡ,୧୦।୯ (ନିପ୍ର): ରାୟଗଡ ଜିଲ୍ଲାରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ବିଭିନ୍ନ ପ୍ରମୁଖ ସଡ଼କର ମୋଟ ୧୧୩.୩୮୬ କିଲୋମିଟର ଅଂଶକୁ ୪-ଲେନ୍‌ରେ ଉନ୍ନୀତ କରାଯିବ। ଏଥିପାଇଁ ପ୍ରାୟ ୭୯୫.୯୬ କୋଟି ଟଙ୍କା ବ୍ୟୟ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ୪-ଲେନ୍ ସଡ଼କ ପ୍ରକଳ୍ପ ସମ୍ପର୍କରେ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷ, ରାୟଗଡଠାରେ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ସାମ୍ବାଦିକମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ପ୍ରକଳ୍ପ ଅଧୀନରେ ରାୟଗଡ-କେରେଡା ରୋଡ୍‌ର ୨୫.୧୬୬ କି.ମି. ଅଂଶକୁ ୧୮୬.୧୯ କୋଟି ଟଙ୍କା ବ୍ୟୟରେ ୪-ଲେନ୍ କରାଯିବ। ଏହାଦ୍ୱାରା ୧୭ଟି ଗ୍ରାମ ଓ ୪ଟି ଗ୍ରାମ ପଞ୍ଚାୟତ ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ୪(୧) ବିଜ୍ଞପ୍ତି ଜାରି ହୋଇଥିବା ସହ ସମସ୍ତ ୧୭ଟି ଗ୍ରାମସଭା ସମ୍ପନ୍ନ ହୋଇଛି।ସେହିପରି କୋମ୍ପତାଳପେଟା-ମୁନିଗୁଡା-ତୁମୁଡିବନ୍ଧ ରୋଡ୍‌ର କି.ମି. ୦/୦୦ରୁ ୩୦/୦୦ ପର୍ଯ୍ୟନ୍ତ ୩୦ କି.ମି. ରାସ୍ତା ୨୧୨.୧୧ କୋଟି ଟଙ୍କା ବ୍ୟୟରେ ୪-ଲେନ୍ ହେବ। ଏହାଦ୍ୱାରା ୨୦ଟି ଗ୍ରାମ ଓ ୮ଟି ଗ୍ରାମ ପଞ୍ଚାୟତ ଲାଭାନ୍ୱିତ ହେବେ। ସମସ୍ତ ୨୦ଟି ଗ୍ରାମସଭା ମଧ୍ୟ ଶେଷ ହୋଇଛି।ଏହାଛଡ଼ା କି.ମି. ୩୦/୦୦ରୁ ୪୫/୬୧୫ ଏବଂ କି.ମି. ୫୨/୭୭୦ରୁ ୬୮/୦୫୫ ପର୍ଯ୍ୟନ୍ତ, ବିସମକଟକ ବାଇପାସ୍‌କୁ ବାଦ ଦେଇ, ୩୨.୧୮ କି.ମି. ରାସ୍ତା ୨୦୧.୪୮ କୋଟି ଟଙ୍କା ବ୍ୟୟରେ ୪-ଲେନ୍‌ରେ ଉନ୍ନୀତ ହେବ। ଏଥିରେ ୨୫ଟି ଗ୍ରାମ ଓ ୭ଟି ଗ୍ରାମ ପଞ୍ଚାୟତ ଉପକୃତ ହେବେ। ସମସ୍ତ ଗ୍ରାମରେ ଗ୍ରାମସଭା ସମ୍ପନ୍ନ ହୋଇଛି ଏବଂ ଭୂମି ଅଧିଗ୍ରହଣ ସମ୍ପର୍କିତ ପରବର୍ତ୍ତୀ ପ୍ରକ୍ରିୟା ଜାରି ରହିଛି। ସେହିପରି ଭବାନୀପାଟଣା-ମୁନିଗୁଡା ରୋଡ୍‌ର କି.ମି. ୩୭/୩୪୦ରୁ ୬୩/୬୫୦ ପର୍ଯ୍ୟନ୍ତ, ଅମ୍ବାଦଳା ବାଇପାସ୍‌କୁ ବାଦ ଦେଇ, ୨୬.୦୪ କି.ମି. ରାସ୍ତା ୧୯୬.୧୮ କୋଟି ଟଙ୍କା ବ୍ୟୟରେ ୪-ଲେନ୍ କରାଯିବ। ଏହାଦ୍ୱାରା ୩୦ଟି ଗ୍ରାମ ଓ ୬ଟି ଗ୍ରାମ ପଞ୍ଚାୟତ ଉପକୃତ ହେବେ।ଜିଲ୍ଲାପାଳ କହିଥିଲେ ଯେ, ଏହି ୪-ଲେନ୍ ପ୍ରକଳ୍ପ ରାୟଗଡର ଯୋଗାଯୋଗ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହା ରାୟଗଡକୁ କଳାହାଣ୍ଡି, କନ୍ଧମାଳ ଓ ବିଶାଖାପାଟଣା ସହ ଆନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ଯୋଗାଯୋଗରେ ଅଧିକ ସୁଦୃଢ଼ କରିବ। ଏଥିସହ ରାୟଗଡ, ବିଷମକଟକ, ମୁନିଗୁଡା ଓ ଅମ୍ବାଦଳା ରେଳ ଷ୍ଟେସନ, ଶିଳ୍ପାଞ୍ଚଳ ଏବଂ ବିଶାଖାପାଟଣା ବନ୍ଦର ସହ ଯୋଗାଯୋଗ ଉନ୍ନତ ହେବ। ଉନ୍ନତ ସଡ଼କ ଭିତ୍ତିଭୂମି ଫଳରେ କୃଷିଜାତ ସାମଗ୍ରୀର ଖେତରୁ ବଜାରକୁ ପରିବହନ, ଶିଳ୍ପ ଓ ବାଣିଜ୍ୟର ବିକାଶ, ପର୍ଯ୍ୟଟନର ପ୍ରସାର ଏବଂ ଯାତ୍ରା ସମୟ ହ୍ରାସ ପାଇବ। ଏହି ରାସ୍ତାଗୁଡ଼ିକ ଡିଭାଇଡେଡ୍ ହାଇୱେ ଭାବେ ନିର୍ମାଣ ହେବା ସହ ପ୍ରତ୍ୟେକ କ୍ୟାରେଜୱେର ଚଉଡ଼ା ୭.୫ ମିଟର ରହିବ ଏବଂ ଡିଜାଇନ୍ ସ୍ପିଡ୍ ୮୦ କି.ମି. ପ୍ରତି ଘଣ୍ଟା ରହିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରାୟଗଡ ଜିଲ୍ଲାର ସାମଗ୍ରିକ ବିକାଶକୁ ନୂଆ ଗତି ଦେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ରାୟଗଡ ଜିଲ୍ଲାର ବିକାଶ ପାଇଁ ଏହି ୪-ଲେନ୍ ସଡ଼କ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ରାୟଗଡ ଜିଲ୍ଲାବାସୀଙ୍କ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

## ସାମ୍ବାଦିକ ସହ ପ୍ରଶାସନିକ ଅଧିକାରୀଙ୍କ ବନ୍ଧୁମିଳନ

ତିଗିରିଆ,୧୦।୯ (ନିପ୍ର); ତିଗିରିଆ ,ଆଠଗଡ ବ୍ଲକ ସାମ୍ବାଦିକଙ୍କ ସହ ତିଗିରିଆ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ,ଜନପ୍ରତିନିଧିଙ୍କ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ଓ ଜାଫର ଖାଁଙ୍କ ପୌରୋହିତ୍ୟ ତଥା ବରିଷ୍ଠ ସାମ୍ବାଦିକ ପନିଆ ଖାଁ , ରାଧାମୋହନ ମହାପାତ୍ର, ପ୍ରକାଶ କୁମାର ସାହୁଙ୍କ ସଂଯୋଜନାରେ ବ୍ଲକ ନିଜିଗଡ ପଞ୍ଚାୟତ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ,ଦୁଇ ଜିଲ୍ଲା ପରିଷଦ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ବିଭାଗୀୟ



ଅଧିକାରୀ ଭାବେ ବିଡ଼ିଓ ସଂଗ୍ରାମ କେଶରୀ ଭୋଳ,ବିଇଓ ସିଙ୍ଗୋ ହାଁସଦା,ଦୁଇ ଏବିଇଓ ମାଧବ ଚନ୍ଦ୍ର ଦେହୁରୀ ଓ ସୌଦାମିନୀ ମିଶ୍ର, ବିଭିଓ ଡାକ୍ତର ରାଜେଶ୍ୱରୀ ଦାସ,ଏଲଟି ସୌଭାଗ୍ୟ ରଞ୍ଜନ ପଣ୍ଡା,ପୂର୍ତ୍ତ ବିଭାଗ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ବେହେରା, ଗ୍ରାମ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ଯନ୍ତ୍ରୀ ନଗେଶ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ଓ ସାମ୍ବାଦିକଙ୍କ ମଧ୍ୟରେ ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ଅଧିକାରୀମାନେ ସାମ୍ବାଦିକ ଓ ପ୍ରଶାସନିକ ଅଧିକାରୀ ପରସ୍ପର ପରିପୁରକ ହୋଇଥିବାରୁ ଉଭୟ ମିଳିତ ଭାବେ କାର୍ଯ୍ୟ କଲେ ଅଞ୍ଚଳର ଉନ୍ନତି ସାଧନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ଉପ ସଭାପତି ବିଷ୍ଣୁ ପ୍ରସାଦ ଦାସ,ସମ୍ପାଦକ ବିଭୂତି ଭୂଷଣ ଖଟୁଆଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧି ରଞ୍ଜନ ଦାଶ,ସତ୍ୟ ପ୍ରକାଶ ରଥ, ମନୋରଞ୍ଜନ ମହାପାତ୍ର, ପତିତପାବନ ରାଉତ, ଶୈଳେନ୍ଦ୍ର ପଟ୍ଟନାୟକ, ଅଶୋକ କୁମାର ପ୍ରଧାନ, ଯଶୋବନ୍ତ ବାରିକ, ଚନ୍ଦ୍ରକାନ୍ତ ମିଶ୍ର, ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ହରିପୁର ବୁରୁଡ଼ି ଶୀତଳ ଭଣ୍ଡାରରେ ବିରାଟ ଚାଷୀ ସମାବେଶ

ରମ୍ଭା,୧୦।୯ (ନିପ୍ର): ଋଷିକୁଲ୍ୟା ରୟତ ମହାସଂଘ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଆବାହକତ୍ୱରେ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ହରିପୁର ବୁରୁଡି ଗ୍ରାମ ସ୍ଥିତ ଶିତଳ ଭଣ୍ଡାର ଠାରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାବେଶରେ ସାନ ରାମଚନ୍ଦ୍ରପୁର ,ଝାରେଡି ରାଧା ଗୋବିନ୍ଦପୁର,ସୁବଳୟା,ରାମଗଡ଼,ହୁମ୍ମା, ପାଲିବନ୍ଧ ଗ୍ରାମ ପଞ୍ଚାୟତ ତଥା ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଗ୍ରଣୀ ଚାଷୀମାନେ ଯୋଗଦେଇ ଚାଷୀ ଓ ଚାଷ ଜନିତ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ଉକ୍ତ ସମାବେଶରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଉପ ଜିଲ୍ଲାପାଳ ଡ଼ ଶିବାଶିଷ ବରାଡ଼, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ୍ ଗୋଷ୍ଠୀ କୃଷି ଉନ୍ନୟନ ଅଧିକାରୀ ସଂଗ୍ରାମ ସେନାପତି, ହିଞ୍ଜିଳି କାଟୁ ଆର୍ ଏମ୍ ସି ସମ୍ପାଦକ ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ୨୦୧୦ ମସିହାରେ ଉକ୍ତ ଶୀତଳ ଭଣ୍ଡାରଟି ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ୨୦୨୩ ମସିହାରେ ଏହାକୁ ଶୀତଳ ଭଣ୍ଡାର ବଦଳରେ ଏକ କ୍ଷୁଦ୍ର କୁଲ୍ ଚାମ୍ବର ଭାବେ କାର୍ଯ୍ୟକ୍ଷମ କରା ଯାଇଥିବାରୁ ଚାଷୀ ମାନେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ ।



ଏହି ଅଞ୍ଚଳ ପରିବା ଚାଷ ବିଶେଷତଃ ଟମାଟ ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ପରିତାପର ବିଷୟ ଉକ୍ତ ପନିପରିବା ଉତ୍ପାଦନର ଅଭାବୀ ବିକ୍ରି ଯୋଗୁଁ ଚାଷୀ ମାନେ ଘୋର କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଏତଦ୍ ବ୍ୟତୀତ ଋଷିକୁଲ୍ୟା ନଦୀରେ ମେଗା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଉପର ମୁଣ୍ଡରେ ଅବସ୍ଥିତ ସତ୍ୟଶୋଲ ସ୍ଥିତ ବ୍ରାହ୍ମଣୀ ଦେଇ ଘାଇକୁ ସଂଯୋଗ କରାଗଲେ ଅଞ୍ଚଳର ଅଧିକାଂଶ ଜମି ଜଳସେଚିତ ହୋଇ ପାରିଥାନ୍ତା ବୋଲି ମତ ପ୍ରକାଶ ପାଇଥିଲା । ମଣ୍ଡିରେ କଟଣୀ ଛଟଣି ନାଁ ରେ ମିଲ୍ ମାଲିକ ତଥା କୋଅପରେଟିଭ ସୋସାଇଟି ମାନେ ଧାନ କିଣା ସମୟରେ ଅଧିକ ପାଞ୍ଚ ଛଅ କେଜି ଧାନ ଠକି ନେଉଥିବା ବିଷୟ ବିଧାୟକ ତଥା ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚଳିତ ଖରିଫ ଋତୁରେ ସାର ବିକ୍ରେତା ମାନେ ଚଢ଼ା ଦରରେ ସାର ବିକ୍ରି କରିବା ଓ କ୍ଲଷ୍ଟର ମାଧ୍ୟମରେ ସ୍ଥାପିତ ହୋଇଥିବା ଜଳ ସେଚ ପଏଣ୍ଟ୍ ଗୁଡିକୁ ଦୀର୍ଘ ଦିନ ଧରି ବିଦ୍ୟୁତ୍ ସଂଯୋଗ କରା ଯାଇ ନଥିବାରୁ ଚାଷୀମାନେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ । ଏ ଦିଗରେ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରି ସମସ୍ୟା ଗୁଡିକ ଦୂର କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପ୍ରାରମ୍ଭରେ ବିଜୟ କୁମାର ବିଶ୍ୱାଳ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ଉପସ୍ଥାପିତ କରିଥିବା ବେଳେ ଆଡଭୋକେଟ୍ କୈଳାସ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ନାହାକ, ଅର୍ଜୁନ ମହାକୁଡ଼, ବାନାମ୍ବର ପଲେଇ,ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ସିଦ୍ଧେଶ୍ୱର ନାହାକ,ପ୍ରଭାକର ନାହାକ, ବିଧାୟକ ପ୍ରତିନିଧି ମାନସ ନାହାକ, ନାରାୟଣ ନାହାକ, ଯୋଗୀ ନାହାକ, କାମରାଜ ରେଡ୍ଡୀ, ଜୟସେନ ପ୍ରଧାନ, କେଦାରନାଥ ସ୍ୱାଇଁ, କହ୍ନେଇ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

## ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପୁର୍ନଗଠିତ

ଭଦ୍ରକ,୧୦। ୯ (ନିପ୍ର); ଅଖିଳ ଭାରତୀୟ କଂଗ୍ରେସ କମିଟିର ଅଧିନିୟମ ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ପୂର୍ବ ଜିଲ୍ଲା କଂଗ୍ରେସ କମିଟିକୁ ରଦ୍ଦ କରାଯାଇ ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନକ୍ରମେ ନୂତନ କମିଟି ଗଠନ କରାଯାଇଛି। ନବନିଯୁକ୍ତ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଭାବେ ରଜନୀକାନ୍ତ ଚାନ୍ଦ, ଅଭିଷେକ ରାଉତ, ନିଶିକାନ୍ତ ନାୟକ, ଦେବବ୍ରତ ମହାନ୍ତି, ରମେଶ ଚନ୍ଦ୍ର ନାୟକ ମନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ବାରିକଙ୍କୁ ମନୋନୀତ କରାଯାଇଛି। ସେହିପରି ସାଧାରଣ ସଂପାଦକ ଭାବେ ନାରାୟଣ ଚନ୍ଦ୍ର ବେହେରା, ନିରଂଜନ ପଲେଇ, ସରୋଜ କୁମାର ରାଉଳ, ସଂଜୟ ମିଶ୍ର, ରାଜକିଶୋର ପଣ୍ଡା, ଏନାମୁଲ ହକ୍, ଗୟାଧର ସେଠୀ, ବଦ୍ରିନାଥ ନାୟକ, ଗଣେଶ ପ୍ରସାଦ ମଳିକ, ପ୍ରମିଳା ମାଝୀ, ନିରାକାର ଧଳ, ମହେଶ କୁମାର ମିଶ୍ର, ରଂଜନ କୁମାର ଜେନା ଉକ୍ତ କମିଟିରେ ସ୍ଥାନ ପାଇଛନ୍ତି। ସେହିପରି ସଂପାଦକ ଭାବେ ଜଗନ୍ନାଥ ମିଶ୍ର, ଦିଲ୍ଲୀପ ପୁହାଣ, ପବିତ୍ର ପୃଷ୍ଟି, ରାଜେନ୍ଦ୍ର ଭଳ, ସର୍ବେଶ୍ୱର ବେହେରା, ମନୋଜ କୁମାର ମଲ୍ଲିକ, ସିଦ୍ଧାର୍ଥ ଜେନା, ସୁଶାନ୍ତ ପଲେଇ, ସୁଶାନ୍ତ ମହାକୁଡ଼, ନିତ୍ୟାନନ୍ଦ ବାରିକ, ଦେବଦତ ଜେନା, ପ୍ରଦୀପ୍ତ କିଶୋର ଦାସ, ଶ୍ରୀକାନ୍ତ ପଣ୍ଡା, ଗୁରୁପ୍ରସାଦ ଗିରି, ବିବେକାନନ୍ଦ ମଳିକ, ମହେଶ୍ୱର ଦାସ, ମୀର ସାହାଜନ, ଦୀନବନ୍ଧୁ ଦାସ, ପଦ୍ମଲୋଚନ ବେହେରା, ଅଲେଖ ରାଉତ, ଶିଶିର ଦତ, ମନୋଜ ଭୂୟାଁ, ପ୍ରଫୁଲ୍ଲ ବାରିକ, ସେକ ଫୈଜାନ ଅଲ୍ଲୀ, ଚନ୍ଦନ ଦାସ, ସୁରେନ୍ଦ୍ର ଜେନା, ପ୍ରତାପ ସାମଲ, ଅକ୍ଷୟ ରାଉତ ମନୋନୀତ ହୋଇଛନ୍ତି।

# ଭାଦ୍ରବରେ ଗ୍ରୀଷ୍ମ ତାତିକୁ ନେଇ ଚିନ୍ତାରେ ଚାଷୀ

ରାୟଗଡ଼ା,୧୦।୯ (ନିପ୍ର); ବଦଳୁଛି ପାଣିପାଗ। ଭାଦ୍ରବ ମାସରେ ଗ୍ରୀଷ୍ମର ଅନୁଭୂତି ଲୋକଙ୍କୁ ଅତିଷ୍ଠ କରିଦେଇଛି। ଗତ କିଛିଦିନ ଧରି ରାୟଗଡ଼ା ଜିଲ୍ଲାରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜାରି ରହିଥିବାରୁ ସହରଠାରୁ ଗାଁ ପର୍ଯ୍ୟନ୍ତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏପଟେ ଜମିରେ ଆବଶ୍ୟକ ଆର୍ଦ୍ରତା ରହିଥିଲେ ମଧ୍ୟ ଆଗାମୀ ଦିନରେ ବର୍ଷା ନ ହେଲେ ଧାନ ଫସଲରେ ପାଣି ଅଭାବ ଓ 'ବା' ଫାଟ ଦେଖାଦେବା ଆଶଙ୍କାରେ ଚାଷୀ ଚିନ୍ତାରେ ପଡ଼ିଛି। କୃଷି ବିଭାଗର ସୂଚନା ଅନୁଯାୟୀ, ଚଳିତ କୃଷି ବର୍ଷରେ ବର୍ତ୍ତମାନ ସୁଦ୍ଧା ଆବଶ୍ୟକତାଠାରୁ ପ୍ରାୟ ୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁଲାଇ ମାସରେ ୩୦୪.୯ ମିମି ବର୍ଷା ଆବଶ୍ୟକ ଥିବାବେଳେ ୩୪୪.୦ ମିମି ବର୍ଷା ହୋଇଥିଲା। ଏହାଦ୍ୱାରା ଚାଷକାମ ପ୍ରାୟ ସୁରୁଖୁରୁରେ ଆଗେଇଥିଲା। ସେହିପରି ଅଗଷ୍ଟ ମାସରେ ୩୦୨.୯ ମିମି ବର୍ଷା ଆବଶ୍ୟକ ଥିବାବେଳେ ୩୨୨.୪ ମିମି ବର୍ଷା ହୋଇଥିଲା। ଭଲ ବର୍ଷା ଯୋଗୁଁ ଚାଷୀମାନେ ଧାନ ତଳି ରୋଇବା କାମ ପ୍ରାୟ ଶେଷ କରିପାରିଛନ୍ତି। ତେବେ ଭାଦ୍ରବ ମାସର ପ୍ରଥମାର୍ଦ୍ଧରେ ଚିତ୍ର ବଦଳିଯାଇଛି। ବର୍ଷାର ପରିମାଣ କମିଥିବାବେଳେ ତାତି ବଢ଼ିଛି। ଦିନରେ ପ୍ରଚଣ୍ଡ ଖରା ଓ ରାତିରେ ବର୍ଷା ହେଲେ ଏହା ଧାନ ଚାଷ ପାଇଁ ଅନୁକୂଳ ବୋଲି ଚାଷୀମାନେ କହିଛନ୍ତି। ଚାଷୀ ରଶ୍ମି ରଞ୍ଜନ ଦୋରାଙ୍କ କହିବା ଅନୁଯାୟୀ, ଭାଦ୍ରବ ମାସରେ ଦିନରେ ଖରା ଓ ରାତିରେ ବର୍ଷା ଚାଷ ପାଇଁ ଉପଯୋଗୀ। ଏହି ସମୟରେ ଜମିରେ ରୁଆ ହୋଇଥିବା କଅଁଳିଆ ଧାନ ଗଛର ପତ୍ର ମିଠା ହୋଇଥିବାରୁ ବିଭିନ୍ନ ପ୍ରକାର ପୋକ ଲାଗିବା ଆରମ୍ଭ କରନ୍ତି। ଦିନର ତାତି ଯୋଗୁଁ ଅନେକ ପୋକ ମରିଯାଆନ୍ତି। ପରେ ରାତିରେ ବର୍ଷା ହେଲେ ଗଛରୁ ମୃତ ପୋକଗୁଡ଼ିକ ଝଡ଼ି ପାଣି ସହ



ଭାସିଯାଆନ୍ତି। ତେଣୁ ଭାଦ୍ରବରେ ଖରା ସାଙ୍ଗକୁ ବର୍ଷା ଚାଷୀଙ୍କ ପାଇଁ ନିହାତି ଉପକାରୀ ବୋଲି ସେ କହିଛନ୍ତି। ଚାଷୀ ସୂର୍ଯ୍ୟ କୁମାର ଗୁଲା ମଧ୍ୟ ଭାଦ୍ରବରେ ଖରା ଓ ବର୍ଷାର ସମନ୍ୱୟ ଚାଷ ପାଇଁ ଜରୁରୀ ବୋଲି ପ୍ରକାଶ କରିଛନ୍ତି। ତେବେ ଗତ ତିନିଦିନ ଧରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଖରା ଜାରି ରହିଥିବାରୁ ଚାଷୀ ଏବେ ବର୍ଷାକୁ ଅପେକ୍ଷା କରି ବସିଛି। ବର୍ତ୍ତମାନ କିଛି ଜମିରେ ପାଣି ଜମି ରହିଥିବାବେଳେ ଅନେକ ଜମିରେ ମଧ୍ୟ ଆର୍ଦ୍ରତା ରହିଛି। ଆଉ ୩ରୁ ୪ ଦିନ ପର୍ଯ୍ୟନ୍ତ ଧାନ ଗଛ ପାଇଁ ପାଣିର ବିଶେଷ ଆବଶ୍ୟକତା ନଥିବା କୁହାଯାଉଛି। ହେଲେ ଖରା ଏଭଳି ଜାରି ରହିଲେ ପୋକ ଲାଗିବା ସହ ଜମିରେ ପାଣି ଅଭାବ ଦେଖାଦେବା ନେଇ ଚାଷୀ ଚିନ୍ତାରେ ରହିଛି। ଧାନ ବୁଣା କାର୍ଯ୍ୟ ମଧ୍ୟ ପ୍ରାୟ ଶତପ୍ରତିଶତ ହୋଇଥିବା ଜଣାପଡ଼ିଛି। ତେବେ ଚଳିତ ଭାଦ୍ରବ ମାସର ତାତି ଯୋଗୁଁ ଧାନ ବିଲରେ ପାଣି ଅଭାବ ଦେଖାଦେଲେ ବିହୁଡ଼ା କାମ ବାଧାପ୍ରାପ୍ତ ହୋଇପାରେ ବୋଲି ଚାଷୀ ଆଶଙ୍କା କରୁଛି।

ଏଥିପାଇଁ ଭଲ ବର୍ଷାକୁ ଅପେକ୍ଷା କରିଛି ଚାଷୀ। କୃଷି ବିଭାଗର ସୂଚନା ଅନୁଯାୟୀ, ଆଉ ପ୍ରାୟ ୭ ଦିନ ଯଦି ଏଭଳି ଖରା ଜାରି ରହେ, ତେବେ ଜମିର ଆର୍ଦ୍ରତା ଶୁଖିଯିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜମିକୁ ପାଣି ଯୋଗାଇବା ପାଇଁ କ୍ଷୁଦ୍ର ଓ ବୃହତ୍ ଜଳସେଚନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିବ। ଅନ୍ୟପକ୍ଷରେ, ରାୟଗଡ଼ା ଜିଲ୍ଲାର କ୍ଷୁଦ୍ର ଓ ବୃହତ୍ ଜଳସେଚନ ବିଭାଗ ଚଳିତ ବର୍ଷ ୮୩,୪୩୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଜଳସେଚିତ ଜମିରେ ବା' ଫାଟିବାର ଭୟ ତୁଳନାତ୍ମକ ଭାବେ କମ୍ ଥିବାବେଳେ ଅଣଜଳସେଚିତ ଜମିର ଚାଷୀ ଏହି ସମସ୍ୟାକୁ ନେଇ ଅଧିକ ଚିନ୍ତିତ। ଫଳରେ ବର୍ଷାକୁ ଅନାଇ ବସିଛି ଚାଷୀ। ଭାଦ୍ରବ ମାସରେ ଅସ୍ୱାଭାବିକ ଗ୍ରୀଷ୍ମ ତାତିକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଥିବାବେଳେ ଏହାର ପଛରେ ପରିବେଶୀୟ ପରିବର୍ତ୍ତନର ଭୂମିକା ନେଇ ମଧ୍ୟ ଆଲୋଚନା ହେଉଛି। ରାୟଗଡ଼ା ଜିଲ୍ଲାରେ ୩ଟି ବଡ଼ ଶିଳ୍ପାନୁଷ୍ଠାନ ସମେତ ଅନେକ ଛୋଟ ଛୋଟ ଶିଳ୍ପ ଗଢ଼ିଉଠିଛି। ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବା ଅଭିଯୋଗ ରହିଛି। ଯେଉଁ ଅଞ୍ଚଳରେ ପୂର୍ବରୁ ଘଞ୍ଚ ଜଙ୍ଗଲ ରହିଥିଲା, ସେଠାରେ ଏବେ ଶିଳ୍ପାନୁଷ୍ଠାନ ଗଢ଼ିଉଠିଛି। ବଣ ଜଙ୍ଗଲ ଘେରା ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ଧ୍ୱଂସ ଜାରି ରହିଥିବାବେଳେ ସଦର ଉପଖଣ୍ଡର ଜଙ୍ଗଲ ଘେରା ଅଞ୍ଚଳରେ ମଧ୍ୟ ଅବାଧ ଗଛକଟା ଚାଲିଥିବା ଅଭିଯୋଗ ହେଉଛି। ଜଙ୍ଗଲ ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଅନ୍ୟପକ୍ଷରେ ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ସବୁଜ ବଳୟ ସୃଷ୍ଟି କରିବାରେ ଆବଶ୍ୟକ ଆନ୍ତରିକତା ଦେଖାଉନଥିବା ଅଭିଯୋଗ ହୋଇଆସୁଛି। ଶିଳ୍ପ ପ୍ରତିଷ୍ଠା ପାଇଁ ନଷ୍ଟ ହୋଇଥିବା ଜଙ୍ଗଲର ଭରଣା ନିମନ୍ତେ କ୍ଷତିପୂରକ ବନୀକରଣ ଯୋଜନାରେ କାଗଜପତ୍ରରେ ଯେତିକି ବୃକ୍ଷରୋପଣ ନେଇ ତଥ୍ୟ ଦିଆଯାଉଛି, ବାସ୍ତବ କ୍ଷେତ୍ରରେ ସେହି ଅନୁପାତରେ ବୃକ୍ଷରୋପଣ ହେଉନଥିବା ଅଭିଯୋଗ ରହିଛି। ଏହା ସହ ଶିଳ୍ପ ପ୍ରଦୂଷଣ ମଧ୍ୟ ଦିନକୁ ଦିନ ବଢୁଥିବା ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକାଶ କରୁଛନ୍ତି।

# ଚୀନ୍ ବନ୍ଦରରେ ମାଲବାହୀ ଜାହାଜରେ ନିଆଁ : ୨୦ ମୃତ



ବେଜିଂ, ୧୦।୯ : ଚୀନର ଏକ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ୨୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି। ଜାହାଜଟି ଉତ୍ତର-ପୂର୍ବ ଚୀନ୍ ଉପକୂଳରେ ଥିବା ଏକ ପ୍ରମୁଖ ଜାହାଜ ଚଳାଚଳ କେନ୍ଦ୍ର କ୍ୱିଂଡାଓ ବନ୍ଦରରେ ବେହାଇ ଜାହାଜ ନିର୍ମାଣ କମ୍ପାନିରେ ମରାମତି ପାଇଁ ଡକିଂ କରାଯାଇଥିଲା। ଟ୍ରାକିଂ ୱେବସାଇଟ୍ ଫାଇଣ୍ଡର ଅନୁଯାୟୀ, ସିନହୁଆ ସମାଚାର ଏଜେନ୍ସି ଦ୍ୱାରା ପ୍ରକାଶିତ ଏକ ଫଟୋରେ ଜାହାଜଟି 'ଓସେନ୍ ମେଲୋଡି' ବୋଲି ଚିହ୍ନଟ କରାଯାଇଛି। ଲାଇବେରିଆ ପତାକା ବହନ କରୁଥିବା ଜାହାଜରେ ୪୨ ଜଣ ଲୋକ ଥିବାବେଳେ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୫ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ଅଗ୍ନିକାଣ୍ଡ ସ୍ଥାନୀୟ ସମୟ ଅନୁଯାୟୀ, ସକାଳ ୧୧ଟାରେ ଘଟିଥିଲା ଓ ଅପରାହ୍ଣ ୨ଟା ୩୦ ସୁଦ୍ଧା ନିଆଁକୁ ଆୟତ୍ତକୁ ଅଣାଯାଇଥିଲା। ଜାହାଜରେ ନିଖୋଜ ଲୋକଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ନିର୍ଦ୍ଦେଶ ଜାରି କରିଛନ୍ତି। ଚୀନ୍ ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ କହିଛନ୍ତି।

# ଗୌରବ ଭାଟିଆଙ୍କ ମାନହାନି ମାମଲାରେ ସିଜେପି ନେତାଙ୍କୁ ସମନ

ନୂଆଦିଲ୍ଲୀ, ୧୦।୯ : ବିଜେପିର ଜାତୀୟ ପ୍ରବକ୍ତା ତଥା ବରିଷ୍ଠ ଆଇନଜୀବୀ ଗୌରବ ଭାଟିଆଙ୍କ ଦ୍ୱାରା ଦାଏର ୨ କୋଟି ଟଙ୍କାର ମାନହାନି ମାମଲାରେ ଗୁରୁବାର ଦିଲ୍ଲୀ ହାଇକୋର୍ଟ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଏବଂ ଏହାର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା ଓ ଅଭିଜିତ୍ ଦୀପକେଙ୍କୁ ସମନ ଜାରି କରିଛନ୍ତି। ଜଷ୍ଟିସ୍ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଭାଟିଆଙ୍କ ବିରୋଧରେ ସୋସିଆଲ ମିଡିଆରେ କରାଯାଇଥିବା ବିବାଦୀୟ ପୋଷ୍ଟଗୁଡ଼ିକୁ ୨୪ ଘଣ୍ଟା ମଧ୍ୟରେ ହଟାଇବାକୁ ମଧ୍ୟ କୋର୍ଟ କହିଛନ୍ତି। ମାମଲାଟି ସେପ୍ଟେମ୍ବର ୫ରେ ଏକ୍ସରେ ପ୍ରକାଶିତ ଏକ ଏଆଇ ଦ୍ୱାରା ପ୍ରସ୍ତୁତ ଗ୍ରାଫିକକୁ ନେଇ ହୋଇଛି। ଭାଟିଆଙ୍କ ଅଭିଯୋଗ ଅନୁସାରେ, ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏଭଳି ଏକ ଗ୍ରାଫିକ୍ ପୋଷ୍ଟ କରିଥିଲେ, ଯେଉଁଥିରେ ଭାଟିଆ କେତେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଦର୍ଶାଯାଇଥିଲା। ଭାଟିଆ କହିଥିଲେ ଯେ, ସେ ଏଭଳି କୌଣସି ମନ୍ତବ୍ୟ ଦେଇନାହାନ୍ତି ଏବଂ ଗ୍ରାଫିକ୍ଟି ମିଥ୍ୟା। ପରେ ସୌରଭ ଦାସ ପୋଷ୍ଟଟି ହଟାଇ ଏହା ଏଆଇ ଦ୍ୱାରା ତିଆରି ହୋଇଥିବା ସ୍ପଷ୍ଟ କରିଥିଲେ। ଆଶୁତୋଷ ରାଙ୍କା ମଧ୍ୟ ଏହାକୁ ପୁନଃପୋଷ୍ଟ କରିଥିବା ଅଭିଯୋଗ ରହିଛି। ଭାଟିଆ ତାଙ୍କ ମାନହାନି ମାମଲାରେ ୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିବା ସହ ଏଭଳି ପୋଷ୍ଟ ପ୍ରକାଶ, ପୁନଃପ୍ରକାଶ ଓ ପ୍ରସାରଣ ଉପରେ ସ୍ଥାୟୀ ରୋକ୍ ଲଗାଇବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ତାଙ୍କ କହିବା ଅନୁସାରେ, ସୋସିଆଲ ମିଡିଆରେ ଏହି ପୋଷ୍ଟ ବହୁ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚିଥିବାରୁ ତାଙ୍କ ପ୍ରତିଷ୍ଠା ଓ ବୃତ୍ତିଗତ ମର୍ଯ୍ୟାଦା କ୍ଷତିଗ୍ରସ୍ତ ହୋଇଛି। ଶୁଣାଣି ସମୟରେ କୋର୍ଟ ସିଜେପି ନେତାମାନଙ୍କୁ ବିନା ଯାଞ୍ଚରେ କୌଣସି ପୋଷ୍ଟ ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ବିରୋଧ ପ୍ରଦର୍ଶନ କରିବାର ଅନେକ ଉପାୟ ରହିଛି, ତେଣୁ କୌଣସି ତଥ୍ୟର ସତ୍ୟତା ଯାଞ୍ଚ ନକରି ଏଭଳି ପୋଷ୍ଟ କରିବା ଠିକ୍ ନୁହେଁ ବୋଲି ଜଷ୍ଟିସ୍ ଗେଡେଲା କହିଥିଲେ। ଉଭୟ ପକ୍ଷଙ୍କୁ ବାହାରେ ଆପୋସ ସମାଧାନର ସୁଯୋଗ ଦେବାକୁ ମଧ୍ୟ କୋର୍ଟ ପ୍ରସ୍ତାବ ଦେଇଥିଲେ। ତେବେ ଭାଟିଆ ନିଜ ପ୍ରତିଷ୍ଠାକୁ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଚାହୁଥିବା କହିଥିଲେ। ସିଜେପି ଓ ଏହାର ତିନି ନେତାଙ୍କୁ ସମନ ଜାରି କରି ମାମଲାର ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରଖିଛନ୍ତି ହାଇକୋର୍ଟ।

# ଲଦାଖ ପ୍ରସଙ୍ଗରେ ପୁଣି ଗର୍ଜିଲେ ୱାଙ୍ଗଚୁକ୍ ୧୯ରୁ ୨୪ ଯାଏଁ ଆନ୍ଦୋଳନ ଚେତାବନୀ

ନୂଆଦିଲ୍ଲୀ, ୧୦।୯ : ଲଦାଖର ବିଭିନ୍ନ ଦାବିକୁ ନେଇ ପୁଣି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ସୋନମ୍ ୱାଙ୍ଗଚୁକ୍। ଲଦାଖ ସହ ଜଡ଼ିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକରେ କେନ୍ଦ୍ର ସରକାର ଗୋଟିଏ ସପ୍ତାହ ମଧ୍ୟରେ ଠୋସ୍ ପ୍ରତିଶ୍ରୁତି ନଦେଲେ ସେପ୍ଟେମ୍ବର ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ନୂଆକରି ଆନ୍ଦୋଳନ ଆରମ୍ଭ କରିବେ ବୋଲି ୱାଙ୍ଗଚୁକ୍ କହିଛନ୍ତି। ଲଦାଖର ରାଜ୍ୟ ମାନ୍ୟତା ସମେତ ବିଭିନ୍ନ ଦାବିକୁ ନେଇ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଆସୁଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ଲଦାଖର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଆଶାନୁରୂପ ସମାଧାନ ବାହାରିନଥିବା ଅଭିଯୋଗ କରିଛନ୍ତି ୱାଙ୍ଗଚୁକ୍। ବୁଧବାର ନୂଆଦିଲ୍ଲୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସବ୍-କମିଟି ଓ ଲଦାଖର ପ୍ରମୁଖ ନେତାମାନଙ୍କ ମଧ୍ୟରେ ବୈଠକ ହୋଇଥିଲା। ତେବେ ବୈଠକରେ କୌଣସି ନୂଆ ପ୍ରଗତି ହୋଇନଥିବା ଅଭିଯୋଗ କରି ଏହାକୁ ନେଇ ନିରାଶା ପ୍ରକାଶ କରିଛନ୍ତି ୱାଙ୍ଗଚୁକ୍। ବୈଠକକୁ କଟାକ୍ଷ କରି ସେ ଲୋକପ୍ରିୟ ହାସ୍ୟାଭିନେତା ଜସପାଲ ଭଟ୍ଟିଙ୍କ ଏକ ପୁରୁଣା ଶୋ'ର କ୍ଲିପ୍ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଥିଲେ। ଆଲୋଚନାରେ କୌଣସି ଠୋସ୍ ନିଷ୍ପତ୍ତି ହୋଇନଥିବା ଦର୍ଶାଇବା ପାଇଁ ସେ ଏହି କ୍ଲିପ୍ ବ୍ୟବହାର କରିଥିବା କୁହାଯାଉଛି। ଲଦାଖର ଦାବିକୁ ନେଇ ପୂର୍ବରୁ ମଧ୍ୟ ୱାଙ୍ଗଚୁକ୍ ଆନ୍ଦୋଳନ କରିଛନ୍ତି ।

# ଆପକୁ କଟାକ୍ଷ କଲେ ରାଘବ ଚଡ୍ଡା


ନୂଆଦିଲ୍ଲୀ, ୧୦।୯ : ପଞ୍ଜାବରେ ଡ୍ରଗ୍ସ ସମସ୍ୟା ଓ ସଙ୍ଗରୁର ଆତ୍ମହତ୍ୟା ମାମଲାକୁ ନେଇ ରାଜ୍ୟସଭା ସାଂସଦ ରାଘବ ଚଡ୍ଡା ଆମ୍ ଆଦମୀ ପାର୍ଟି ସରକାରକୁ ତୀବ୍ର ଟାର୍ଗେଟ କରିଛନ୍ତି। ଚଣ୍ଡୀଗଡ଼ରେ ବିଜେପି ବୈଠକ ସମୟରେ ଚଡ୍ଡା ପଞ୍ଜାବରେ ନିଶା ସମସ୍ୟା ଗୁରୁତର ହୋଇଥିବା ଅଭିଯୋଗ କରିବା ସହ ଆପକୁ ମଧ୍ୟ କଟାକ୍ଷ କରିଛନ୍ତି। ଏସଆଇଆର ପ୍ରସଙ୍ଗରେ ଆପ୍ ନିରନ୍ତର ତାଙ୍କ ନାଁ ନେଉଥିବା ନେଇ ଚଡ୍ଡା କହିଛନ୍ତି, ଆପ୍ ତାଙ୍କ ବିଷୟରେ ସ୍ୱପ୍ନ ଦେଖୁଛି। ସେ ଆପକୁ 'ଏକ୍ସ ଗର୍ଲଫ୍ରେଣ୍ଡ' ସହ ତୁଳନା କରି କହିଛନ୍ତି ଯେ ସେ ଆଗକୁ ବଢ଼ିସାରିଛନ୍ତି, କିନ୍ତୁ ଆପ୍ ଏବେ ବି ତାଙ୍କ ନାଁ ନେଉଛି। ପଞ୍ଜାବର ଡ୍ରଗ୍ସ ସ୍ଥିତିକୁ ନେଇ ଚଡ୍ଡା ଦାବି କରିଛନ୍ତି ଯେ ରାଜ୍ୟର ସହରଠାରୁ ଗାଁ ପର୍ଯ୍ୟନ୍ତ ନିଶା ସାମଗ୍ରୀ ବିକ୍ରି ହେଉଛି ଏବଂ ଏହାର ହୋମ୍ ଡେଲିଭରି ମଧ୍ୟ ହେଉଛି।

# ମହାକାଶର ସମ୍ଭାବନା ଅସୀମ, ଆମର ଦାୟିତ୍ୱ ସାମୂହିକ ହେବା ଆବଶ୍ୟକ: ମୋଦି



ନୂଆଦିଲ୍ଲୀ, ୧୦।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଫ୍ରାନ୍ସର ପ୍ୟାରିସରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ତାଙ୍କର ସମୟୋଚିତ ପଦକ୍ଷେପ ଏବଂ ତାଙ୍କର ସଦୟ ନିମନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଧନ୍ୟବାଦ ଜଣାଇଛନ୍ତି । ସେ ଏହି ଐତିହାସିକ ସମ୍ମିଳନୀରେ ଅଂଶଗ୍ରହଣ କରି ଆନନ୍ଦ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ଏହି ପ୍ରଥମ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀରେ ସାମିଲ ହେବା ତାଙ୍କ ପାଇଁ ପ୍ରସନ୍ନତାର ବିଷୟ। ବ୍ରହ୍ମାଣ୍ଡ ପ୍ରତି ମାନବତାର ବିଶେଷ ଆକର୍ଷଣକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମହାକାଶ ଶହ ଶହ ବର୍ଷ ଧରି ମାନବ କଳ୍ପନାକୁ ପ୍ରେରଣା ଦେଇଆସିଛି । ଜଳବାୟୁ ଓ ଫସଲଠାରୁ ଆରମ୍ଭ କରି ସମୁଦ୍ର ଓ ଜନ ସମ୍ପ୍ରଦାୟ ପର୍ଯ୍ୟନ୍ତ, ଏହି ସୀମା ଏବେ ପୃଥିବୀର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରଣ କରୁଛି। ମହାକାଶର ସମ୍ଭାବନା ଅସୀମ ଏବଂ ଏହା ପ୍ରତି ଆମର ସାମୂହିକ ଦାୟିତ୍ୱ ରହିଛି ବୋଲି ମୋଦି କହିଛନ୍ତି। ବ୍ରହ୍ମାଣ୍ଡର ବର୍ଦ୍ଧିତ ଜଟିଳତା ବିଷୟରେ ଉଲ୍ଲେଖ କରି ମୋଦି କହିଥିଲେ, ଗ୍ରହ କକ୍ଷପଥଗୁଡ଼ିକରେ ଭିଡ଼ ବଢୁଛି। ପ୍ରଯୁକ୍ତିବିଦ୍ୟାର ଉନ୍ନତି ସହିତ ଅଧିକ ଲୋକ ଏଥିରେ ସାମିଲ ହେଉଛନ୍ତି । ବିଶ୍ୱ ସହଭାଗୀତା କ୍ଷଣସ୍ଥାୟୀ ଲାଭ ଅପେକ୍ଷା ଦୀର୍ଘକାଳୀନ ସ୍ଥାୟୀତ୍ୱକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଆମର ପସନ୍ଦ ସ୍ପଷ୍ଟ ହେବା ଉଚିତ, ମୁକାବିଲା ପରିବର୍ତ୍ତେ ସହଯୋଗ, କ୍ଷଣସ୍ଥାୟୀ ଲାଭ ପରିବର୍ତ୍ତେ ଦୀର୍ଘସ୍ଥାୟୀତ୍ୱ ଏବଂ ବିଚ୍ଛିନ୍ନତା ପରିବର୍ତ୍ତେ ଅନ୍ତର୍ଭୁକ୍ତିକରଣକୁ ବାଛିବା ଆବଶ୍ୟକ ବୋଲି ଶ୍ରୀ ମୋଦି କହିଥିଲେ। ମହାକାଶ ପ୍ରତି ଭାରତର ଦାର୍ଶନିକ ଦୃଷ୍ଟିକୋଣ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ଆଭିମୁଖ୍ୟ ବସୁଧୈବ କୁଟୁମ୍ବକମ୍ ନୀତି ଉପରେ ଆଧାରିତ । ଏହାର ଅର୍ଥ ହେଉଛି ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ । ପୃଥିବୀ ବାହାରେ ଏକ ସୁରକ୍ଷିତ ମହାକାଶ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଏହି ଏକତାର ଭାବନାକୁ ସେ ସମର୍ଥନ କରିଥିଲେ। ଆମେ ଅନ୍ତର୍ଜାତୀୟ ଆଇନ, ଆଲୋଚନା ଏବଂ ବହୁପାକ୍ଷିକ ସହଯୋଗ ଉପରେ ଆଧାରିତ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ଦୀର୍ଘସ୍ଥାୟୀ ମହାକାଶ କ୍ଷେତ୍ରକୁ ସମର୍ଥନ କରୁ ବୋଲି ମୋଦି କହିଥିଲେ । ସ୍ୱଚ୍ଛ ଗବେଷଣାର ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ବିଶ୍ୱସ୍ତରୀୟ ଯାତ୍ରା ବିଶ୍ୱ କଲ୍ୟାଣର ଦର୍ଶନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ। ବିଶ୍ୱ ପ୍ରଗତି ପାଇଁ ସୂଚନାର ନୈତିକ ଆଦାନପ୍ରଦାନ ସର୍ବୋପରି। ସ୍ୱଚ୍ଛତା ଏବଂ ସତ୍ୟନିଷ୍ଠାର ସହିତ ଜନହିତରେ ବୈଜ୍ଞାନିକ ତଥ୍ୟ ବ୍ୟବହାର କରାଯିବା ଉଚିତ । ମହାକାଶ କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ପାଣିପାଗ ପୂର୍ବାନୁମାନ, ବିପର୍ଯ୍ୟୟ ପରିଚାଳନା ଏବଂ ନୌବହନରେ ଉପଗ୍ରହ ପ୍ରଯୁକ୍ତିର ବ୍ୟବହାରିକ ଲାଭ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ, ଏହି ଉନ୍ନତ କ୍ଷମତାଗୁଡ଼ିକ ଚାଷୀ ଏବଂ ମତ୍ସ୍ୟଜୀବୀମାନଙ୍କ ସମେତ ସାଧାରଣ ଲୋକଙ୍କୁ ସିଧାସଳଖ ଲାଭ ପହଞ୍ଚାଉଛି । ଏହି ଯାତ୍ରାର କେନ୍ଦ୍ରରେ ଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ନିଜର ଉତ୍କର୍ଷ ଏବଂ ମିତବ୍ୟୟୀ ମିଶନ ପାଇଁ ବିଶ୍ୱସ୍ତରୀୟ ପ୍ରଶଂସା ଅର୍ଜନ କରିଛି।

# ସୋସିଆଲ ମିଡିଆରେ ପିଲାଙ୍କ ଆକାଉଣ୍ଟ ତିଆରି କରିବାକୁ ଅନୁମତି ମାମଲା କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ, ୧୦।୯ : ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମରେ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଆକାଉଣ୍ଟ ତିଆରି କରିବାକୁ ଅନୁମତି ନ ଦେବା ପାଇଁ ଦାବି କରାଯାଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନରେ ପିତାମାତା କିମ୍ବା ଆଇନଗତ ଅଭିଭାବକଙ୍କ ସମ୍ମତି ଆବଶ୍ୟକ କରିବା ସହିତ ସୋସିଆଲ ମିଡିଆ ବ୍ୟବହାର ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଆବେଦନରେ କୁହାଯାଇଛି ଯେ ମେଟା ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ କମ୍ପାନିଗୁଡ଼ିକ ପିଲାମାନଙ୍କ ଆକାଉଣ୍ଟ ତିଆରି ପାଇଁ ବୟସ ସୀମା ୧୩ ବର୍ଷ ଧାର୍ଯ୍ୟ କରିଛନ୍ତି, ଯାହା ଆମେରିକୀୟ ଆଇନ ଅନୁଯାୟୀ ରହିଛି। ଏନଜିଓ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ଆଲାଏନ୍ସ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ କୁହାଯାଇଛି ଯେ ଫେସବୁକ୍ ଏବଂ ସ୍ନାପଚ୍ୟାଟ୍ (ଭାରତ) ଭଳି ପ୍ଲାଟଫର୍ମଗୁଡ଼ିକ ୧୩ ବର୍ଷ ବୟସରୁ ଆକାଉଣ୍ଟ ତିଆରି କରିବାକୁ ଅନୁମତି ଦିଅନ୍ତି, ଯେତେବେଳେ ଭାରତୀୟ ଆଇନ ୧୮ ବର୍ଷରୁ କମ୍ ବୟସର ଯେକୌଣସି ବ୍ୟକ୍ତିଙ୍କୁ ନାବାଳକ ବୋଲି ବିବେଚନା କରେ। ଆବେଦନରେ ସୂଚନା ପ୍ରଯୁକ୍ତିବିଦ୍ୟା ମଧ୍ୟସ୍ଥି ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ୍ ମିଡିଆ ନୀତିଶାସ୍ତ୍ର କୋଡ୍ ନିୟମ, ୨୦୨୧ରେ ସଂଶୋଧନ କିମ୍ବା ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ଦାବି କରାଯାଇଛି ଯାହା ଦ୍ୱାରା ନିଶ୍ଚିତ କରାଯାଇପାରିବ ଯେକୌଣସି ଡିଜିଟାଲ୍ ପ୍ଲାଟଫର୍ମ ପିତାମାତା କିମ୍ବା ଆଇନଗତ ଅଭିଭାବକଙ୍କ ସମ୍ମତି ବିନା ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ସହିତ ସୋସିଆଲ ମିଡିଆ ଚୁକ୍ତି କରିପାରିବ ନାହିଁ।

# ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ଗିରଫ

କୋଲକାତା, ୧୦।୯ : ତୃଣମୂଳ କଂଗ୍ରେସ ସାଂସଦ ତଥା ଦଳର ଜାତୀୟ ମହାସଚିବ ଅଭିଷେକ ବାନାର୍ଜୀଙ୍କ ପର୍ସନାଲ ଆସିଷ୍ଟାଣ୍ଟ(ପିଏ) ସୁମିତ ରାୟଙ୍କୁ ଗିରଫ। ଗୁରୁବାର ଅଭିଷେକ ବାନାର୍ଜୀଙ୍କ କାଳିଘାଟ ସ୍ଥିତ ବାସଭବନରେ ସିଆଇଡି ଟିମ୍ ପହଞ୍ଚିଥିଲା । ସେଠାରୁ ସୁମିତ ରାୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ଭବାନୀ ଭବନ ଏବଂ ପରେ ମେଡିକାଲ୍ ଚେକଅପ୍ ପାଇଁ ଏସଏସକେଏମ ହସ୍ପିଟାଲ୍ ନିଆଯାଇଥିଲା। ଗୁରୁବାର ସୁମିତ ରାୟଙ୍କ ଆଣ୍ଟିସିପେଟରୀ ଜାମିନ୍ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିବା ସହିତ ତାଙ୍କୁ ମିଳିଥିବା ପ୍ରୋଟେକ୍ସନ ମଧ୍ୟ ହଟାଇ ଦେଇଥିଲେ। ଏହାପରେ ତାଙ୍କୁ ସିଆଇଡି ଗିରଫ କରିଥିବା ଜଣାପଡ଼ିଛି। ସିଆଇଡି ଟିମ୍ କାଳିଘାଟରେ ପହଞ୍ଚିବା ପରେ ସେଠାରେ ଥିବା ସୁରକ୍ଷାକର୍ମୀଙ୍କ ସହ ପୋଲିସର ହାତାହାତି ହୋଇଥିବା ଖବର ଆସିଛି। ପରେ ସିଆଇଡି ଗେଟ୍ ଖୋଲି ଭିତରକୁ ପ୍ରବେଶ କରି ସୁମିତ ରାୟଙ୍କୁ ନିଜ ହେପାଜତକୁ ନେଇଥିଲା। ସୁମିତ ରାୟଙ୍କ ଗିରଫଦାରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଗୁରୁବାର ବିଧାନସଭାରେ କହିଥିଲେ, 'କୁଖ୍ୟାତ ଟୋଲ୍ କଲେକ୍ଟର ସୁମିତ ରାୟଙ୍କୁ ଗିରଫ କରାଯାଇଛି।

# ଆକାଶ ଆନନ୍ଦଙ୍କୁ ବିଏସ୍‌ପିରୁ ବିଦା କଲେ ମାୟାବତୀ



ଲକ୍ଷ୍ନୌ, ୧୦।୯ : ବହୁଜନ ସମାଜ ପାର୍ଟି (ବିଏସପି) ସୁପ୍ରିମୋ ମାୟାବତୀ ଗୁରୁବାର ନିଜ ପୁତୁରା ଆକାଶ ଆନନ୍ଦଙ୍କୁ ଦଳରୁ ସମ୍ପୂର୍ଣ୍ଣ ଭାବେ ବିଦା କରିଛନ୍ତି। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଦଳରେ ଏହି ବଡ଼ ପରିବର୍ତ୍ତନ ହୋଇଛି। ଗତ ସପ୍ତାହରେ ଆକାଶଙ୍କୁ ବିଏସପିର ଜାତୀୟ ସଂଯୋଜକ ପଦରୁ ହଟାଯାଇଥିଲା। ଏବେ ତାଙ୍କୁ ଦଳର ସଦସ୍ୟତା ଓ ସମସ୍ତ ଦାୟିତ୍ୱରୁ ମଧ୍ୟ ହଟାଇ ଦିଆଯାଇଛି। ଆକାଶଙ୍କ ଶ୍ୱଶୁର ତଥା ବିଏସପିର ପୂର୍ବତନ ରାଜ୍ୟସଭା ସାଂସଦ ଅଶୋକ ସିଦ୍ଧାର୍ଥ ବୁଧବାର ମାୟାବତୀଙ୍କ ପରାମର୍ଶ ପରେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିଥିଲେ। ଆକାଶଙ୍କୁ ଦଳରେ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦେବା ପାଇଁ ଅଶୋକଙ୍କୁ ରାଜନୀତି ଛାଡ଼ିବାକୁ ମାୟାବତୀ ସର୍ତ୍ତ ରଖିଥିଲେ। ଅଶୋକ ଏହି ସର୍ତ୍ତ ମାନିବା ପରେ ଆକାଶଙ୍କୁ ଦଳରେ ପୁଣି ସକ୍ରିୟ କରାଯିବ ବୋଲି ଆଶା କରାଯାଉଥିଲା। ହେଲେ ଏହାର କିଛି ସମୟ ପରେ ମାୟାବତୀ ତାଙ୍କୁ ଦଳରୁ ହିଁ ବିଦା କରି ଦେଇଛନ୍ତି। ମାୟାବତୀ ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦଳର ଲୋକଙ୍କ ମତ ହେଉଛି ଆକାଶଙ୍କୁ ଆଜିଠାରୁ ସମ୍ପୂର୍ଣ୍ଣ ଭାବେ ଦଳରୁ ମୁକ୍ତ କରିଦିଆଯିବା ଉଚିତ। ଏହାପରେ ସେ ନିଜ ଇଚ୍ଛାରେ ସ୍ୱାଧୀନ ଭାବେ ରହିପାରିବେ।

# ପ୍ରତି ଆମେରିକୀୟଙ୍କୁ ମିଳିବ ୫ ହଜାର ଡଲାର: ଟ୍ରମ୍ପ



ନୂଆଦିଲ୍ଲୀ, ୧୦।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ରିପବ୍ଲିକାନ୍ ପାର୍ଟିର ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀର ପ୍ରଥମ ରାତିରେ ସେ ଘୋଷଣା କରିଛନ୍ତି ଯେ ଯଦି ନଭେମ୍ବର ନିର୍ବାଚନରେ ହାଉସ୍ ଅଫ୍ ରିପ୍ରେଜେଣ୍ଟଟିଭସ ଏବଂ ସେନେଟ୍ ଉଭୟ ସଦନରେ ନିଜର ନିୟନ୍ତ୍ରଣ ବଜାୟ ରଖେ, ତେବେ ପ୍ରତ୍ୟେକ ବୟସ୍କ ଆମେରିକୀୟଙ୍କୁ ୫,୦୦୦ ଡଲାର ଲେଖାଏଁ ପ୍ରଦାନ କରାଯିବ । ଡାଲାସ୍ ସହରରେ ଆୟୋଜିତ ଏହି ସମ୍ମିଳନୀକୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି ଯେ ଯଦି ରିପବ୍ଲିକାନମାନେ ବିଜୟୀ ହୁଅନ୍ତି, ତେବେ ଜନସାଧାରଣ ମଧ୍ୟ ଏହି ବିଜୟର ଅଂଶୀଦାର ହେବେ ଏବଂ ସେମାନଙ୍କୁ 'ଟ୍ରମ୍ପ ଡିଭିଡେଣ୍ଡ' ଭାବରେ ଏହି ଅର୍ଥ ମିଳିବ। ଏହି ପ୍ରସ୍ତାବରେ ପ୍ରାୟ ୧ ଟ୍ରିଲିୟନ ଡଲାର୍ ଖର୍ଚ୍ଚ ହେବାର ଆକଳନ କରାଯାଇଛି । ଆର୍ଥିକ ଏବଂ ରାଜନୈତିକ ଉଭୟ ଦୃଷ୍ଟିକୋଣରୁ ଏହାକୁ ଏକ କଠିନ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ତେବେ ଏତେ ବିପୁଳ ପରିମାଣର ଅର୍ଥ କେଉଁଠାରୁ ଆସିବ, ସେ ସମ୍ପର୍କରେ ଟ୍ରମ୍ପ କୌଣସି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ସେ କେବଳ ଦେଶ ବହୁ ପରିମାଣରେ ଟଙ୍କା ରୋଜଗାର କରୁଛି ବୋଲି ଦର୍ଶାଇଛନ୍ତି । ସାମ୍ପ୍ରତିକ ଜନମତ ସର୍ଭେ ଅନୁଯାୟୀ, ଟ୍ରମ୍ପଙ୍କ ଆପ୍ରୁଭାଲ୍ ରେଟିଂ ୩୦ ପ୍ରତିଶତର ନିମ୍ନ ସ୍ତରକୁ ଖସିଆସିଛି । ଦେଶରେ ବୃଦ୍ଧି ପାଉଥିବା ମହଙ୍ଗା ମାଡ଼ ଏବଂ ବର୍ଦ୍ଧିତ ଦରଦାମକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହା ବ୍ୟତୀତ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ନେଇ ମଧ୍ୟ ତାଙ୍କୁ ରାଜନୈତିକ ଚାପର ସମ୍ମୁଖୀନ ହେବାକୁ ପଡୁଛି। ଡେସିସନ୍ ଡେସ୍କ ଏଚକ୍ୟୁର ଆକଳନ ଅନୁଯାୟୀ, ଆଗାମୀ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ପ୍ରତିନିଧି ସଭାରେ ୨୩୦ଟି ଆସନ ଏବଂ ରିପବ୍ଲିକାନ୍ ପାର୍ଟି ୨୦୫ଟି ଆସନ ଜିତିପାରେ । ସିନେଟରେ ମଧ୍ୟ ଡେମୋକ୍ରାଟ୍ ମାନେ ୫୧-୪୯ ବ୍ୟବଧାନରେ ସଂଖ୍ୟା ଗରିଷ୍ଠତା ହାସଲ କରିବାର ଆକଳନ କରାଯାଇଛି। ଭାଷଣ ସମୟରେ ଟ୍ରମ୍ପ ଇରାନ ସହ ଚାଲିଥିବା ଯୁଦ୍ଧର ପକ୍ଷ ନେଇଛନ୍ତି । ସେ କହିଛନ୍ତି ଯେ, ଇରାନ ପରମାଣୁ ଅସ୍ତ୍ର ହାସଲ କରିବାରୁ ମାତ୍ର ଦୁଇ କିମ୍ବା ତିନି ସପ୍ତାହ ଦୂରରେ ଥିଲା, ଯେଉଁଥିପାଇଁ ତାଙ୍କୁ ଏହି ସଂଘର୍ଷ ଆରମ୍ଭ କରିବାକୁ ପଡ଼ିଥିଲା। ଏହି ଯୁଦ୍ଧ ଆମେରିକୀୟ ଅର୍ଥନୀତିକୁ ପ୍ରଭାବିତ କରୁଥିବା ସ୍ୱୀକାର କରି ସେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ 'ହୋର୍ମୁଜ ପ୍ରଣାଳୀ' ର ନାମ ନିଜ ନାମରେ ରଖିବାକୁ ପରାମର୍ଶ ଦେଇଛନ୍ତି ।

# ବିଜେପିର ୭ ମୋର୍ଚ୍ଚା ପାଇଁ ପ୍ରଭାରୀ ନିଯୁକ୍ତ

## ଓବିସି ମୋର୍ଚ୍ଚା ପ୍ରଭାରୀ ବୈଜୟନ୍ତ ପଣ୍ଡା

ନୂଆଦିଲ୍ଲୀ, ୧୦।୯ : ଭାରତୀୟ ଜନତା ପାର୍ଟି (ବିଜେପି) ଗୁରୁବାର ସଂଗଠନର ୭ଟି ମୋର୍ଚ୍ଚା ପାଇଁ ନୂଆ ପ୍ରଭାରୀଙ୍କ ନାମ ଘୋଷଣା କରିଛି। ବସ୍ତିର ଲୋକସଭା ସାଂସଦ ହରିଶ ଦ୍ୱିବେଦୀଙ୍କୁ ଯୁବ ମୋର୍ଚ୍ଚାର ପ୍ରଭାରୀ କରାଯାଇଥିବା ବେଳେ ରାଜସ୍ଥାନର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସତୀଶ ପୁନିଆଙ୍କୁ ଅନୁସୂଚିତ ଜନଜାତି (ଏସଟି) ମୋର୍ଚ୍ଚାର ଦାୟିତ୍ୱ ଦିଆଯାଇଛି। ବିଜେପିର ନୂଆ ସଂଗଠନ ବ୍ୟବସ୍ଥାରେ ବିଭିନ୍ନ ବର୍ଗ ଓ ସମୁଦାୟ ସହ ସମନ୍ୱୟ ପାଇଁ ଏହି ନିଯୁକ୍ତି କରାଯାଇଛି। ଘୋଷିତ ତାଲିକା ଅନୁସାରେ, ଯୁବ ମୋର୍ଚ୍ଚାର ପ୍ରଭାରୀ ହରିଶ ଦ୍ୱିବେଦୀ, ମହିଳା ମୋର୍ଚ୍ଚାର ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ଏସ୍‌ସି ମୋର୍ଚ୍ଚାର ପ୍ରଭାରୀ ସଞ୍ଜୟ ଭାଟିଆ, ଓବିସି ମୋର୍ଚ୍ଚାର ପ୍ରଭାରୀ ବୈଜୟନ୍ତ ପଣ୍ଡା, କୃଷକ ମୋର୍ଚ୍ଚାର ପ୍ରଭାରୀ ଲାଲ୍ ସିଂହ ଆର୍ଯ୍ୟ, ଏସଟି ମୋର୍ଚ୍ଚାର ପ୍ରଭାରୀ ସତୀଶ ପୁନିଆ ଏବଂ ସଂଖ୍ୟାଲଘୁ ମୋର୍ଚ୍ଚାର ପ୍ରଭାରୀ ଗଜେନ୍ଦ୍ର ପଟେଲ ହୋଇଛନ୍ତି। ବିଜେପିର ଏହି ନୂଆ ଦାୟିତ୍ୱ ବଣ୍ଟନରେ ଓଡ଼ିଶାର ବୈଜୟନ୍ତ ପଣ୍ଡାଙ୍କୁ ଓବିସି ମୋର୍ଚ୍ଚାର ପ୍ରଭାରୀ କରାଯାଇଛି। ସେ ବିଜେପିର ଜାତୀୟ ଉପାଧ୍ୟକ୍ଷ ଅଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନରୁ ସାଂସଦ ହୋଇଥିବା ବୈଜୟନ୍ତଙ୍କର ଓଡ଼ିଶାରେ ଦଳର ସଂଗଠନ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବିଜେପି କହିଛି। ଆନ୍ଧ୍ରପ୍ରଦେଶ ବିଜେପିର ପୂର୍ବତନ ରାଜ୍ୟ ସଭାପତି ଡି. ପୁରନ୍ଦେଶ୍ୱରୀଙ୍କୁ ମହିଳା ମୋର୍ଚ୍ଚାର ଦାୟିତ୍ୱ ମିଳିଛି। ହରିୟାଣାର ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ଭାଟିଆ ଏସସି ମୋର୍ଚ୍ଚାର ପ୍ରଭାରୀ ହୋଇଛନ୍ତି। କୃଷକ ମୋର୍ଚ୍ଚାର ଦାୟିତ୍ୱ ପାଇଥିବା ଲାଲ୍ ସିଂହ ଆର୍ଯ୍ୟ ମଧ୍ୟପ୍ରଦେଶ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ରହିଥିଲେ ଏବଂ ଦଳର ଜାତୀୟ ଉପାଧ୍ୟକ୍ଷ ଅଛନ୍ତି। ସେହିପରି ରାଜସ୍ଥାନ ବିଜେପିର ପୂର୍ବତନ ସଭାପତି ସତୀଶ ପୁନିଆ ଦଳର ବରିଷ୍ଠ ନେତା। ହରିୟାଣା ବିଧାନସଭା ନିର୍ବାଚନରେ ସେ ପ୍ରଭାରୀ ଭାବେ ଦଳକୁ ଲଗାତାର ତୃତୀୟ ଥର ସରକାର ଗଠନରେ ସହାୟତା କରିଥିଲେ। ଏବେ ତାଙ୍କୁ ଏସଟି ମୋର୍ଚ୍ଚାର ଦାୟିତ୍ୱ ମିଳିଛି। ମଧ୍ୟପ୍ରଦେଶର ଖରଗୋନ-ବଡ଼ୱାନୀ ଲୋକସଭା ଆସନର ସାଂସଦ ଗଜେନ୍ଦ୍ର ପଟେଲଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ପ୍ରଭାରୀ କରାଯାଇଛି।

# ଭାରତ ଗସ୍ତ କରିବେ ନାହିଁ ବାଂଲାଦେଶ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଢାକା, ୧୦।୯ : ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଅଂଶଗ୍ରହଣ ନ କରିବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦିଆଯାଇଛି। ବାଂଲାଦେଶର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହୁମାୟୁନ କବୀର ଗୁରୁବାର କହିଛନ୍ତି ଯେ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀ ପାଇଁ ତାରିକ ରହମାନଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। ତଥାପି, ସେ କହିଛନ୍ତି ଯେ ବାଂଲାଦେଶ ଏହି କାର୍ଯ୍ୟକ୍ରମକୁ ଜଣେ ପ୍ରତିନିଧି ପଠାଇବ। ସେ ସ୍ପଷ୍ଟ ଭାବରେ ତାରିକ ରହମାନଙ୍କ ଭାରତ ଗସ୍ତ ସମ୍ଭାବନାକୁ ଖଣ୍ଡନ କରିଛନ୍ତି। 'ଦି ଡେଲି ଷ୍ଟାରର ଏକ ରିପୋର୍ଟ ଅନୁଯାୟୀ, ଯେତେବେଳେ ପଚରାଗଲା ଯେ ପ୍ରଧାନମନ୍ତ୍ରୀ ତାରିକ ରହମାନ ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଯିବେ କି ନାହିଁ, ସେତେବେଳେ ହୁମାୟୁନ କବୀର ଉତ୍ତର ଦେଲେ, 'ଆମେ ସେଠାକୁ କିପରି ଯିବୁ? ବାଂଲାଦେଶ ସରକାରଙ୍କ ପକ୍ଷରୁ କାହାକୁ ନିମନ୍ତ୍ରଣ କରାଯାଇଛି କି?' ସେ ସ୍ପଷ୍ଟ କରିଥିଲେ ଯେ ନିମନ୍ତ୍ରଣପତ୍ର ବିମଷ୍ଟେକ ଅଧକ୍ଷଙ୍କ ନିକଟକୁ ପଠାଯାଇଥିଲା, ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ନୁହେଁ; ଆମ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା।

# ଭାରତ ପାଖରେ ୧୯୦ ପରମାଣୁ ବୋମା ରହିଛି



ୱାସିଂଟନ, ୧୦।୯ : ଗତବର୍ଷ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧିକୁ ଲକ୍ଷ୍ୟ କରି ଭାରତ ଏହାର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧି କରିଛି ବୋଲି ଆମେରିକୀୟ ଥିଙ୍କ୍ ଟ୍ୟାଙ୍କ ଫେଡେରେସନ ଅଫ୍ ଆମେରିକୀୟ ସାଇଣ୍ଟିଷ୍ଟ (ଏଫ୍ଏଏସ୍)ର ଏକ ନୂତନ ରିପୋର୍ଟରେ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତ ପାଖରେ ବର୍ତ୍ତମାନ ୧୯୦ଟି ପରମାଣୁ ଅସ୍ତ୍ର ଅଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଆଉ ୩୫ଟି ପରମାଣୁ ଅସ୍ତ୍ର ବିକଶିତ କରିପାରେ, ଯାହା ମୋଟ ସଂଖ୍ୟା ଅସ୍ତ୍ର ସଂଖ୍ୟା ୨୨୫କୁ ବୃଦ୍ଧି କରିବ। ଏଫଏଏସ୍ ରିପୋର୍ଟ ଅନୁଯାୟୀ, ଭାରତ ସମୁଦ୍ରରେ ମଧ୍ୟ ପରମାଣୁ ଆକ୍ରମଣର ମୁକାବିଲା ପାଇଁ ନିଜର କ୍ଷମତାକୁ ମଧ୍ୟ ନିରନ୍ତର ଭାବରେ ମଜବୁତ କରୁଛି। ଭାରତ ସମୁଦ୍ରରେ ନିଜର 'ପରମାଣୁ ସୁରକ୍ଷା କବଚ' ନିର୍ମାଣ କରୁଛି। ଭାରତ ଏପ୍ରିଲ ୨୦୧୬ ରେ ଏହାର ତୃତୀୟ ସ୍ୱଦେଶୀ ପରମାଣୁ ଚାଳିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବୁଡ଼ାଜାହାଜ ଆଇଏନ୍ଏସ୍ ଅରିଦମନକୁ କାର୍ଯ୍ୟକ୍ଷମ କରିଛି। ଭାରତର ୧୯୦ଟି ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟରୁ ୧୬୦ରୁ ଅଧିକ ଅସ୍ତ୍ର ପୂର୍ବରୁ ଥିବା କ୍ଷେପଣାସ୍ତ୍ର ପାଇଁ ଉଦ୍ଦିଷ୍ଟ; ଅବଶିଷ୍ଟ ନୂତନ କ୍ଷେପଣାସ୍ତ୍ର ପାଇଁ ପ୍ରସ୍ତୁତ ହେଉଛି। ଏଫ୍ଏଏସ୍ ଆକଳନ କରିଛି ଯେ ଭବିଷ୍ୟତରେ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି ପାଇପାରେ। ଭାରତ ନିରନ୍ତର ଏହାର ପରମାଣୁ ଶକ୍ତିକୁ ଆଧୁନିକୀକରଣ କରୁଛି। ଗତ କିଛି ବର୍ଷ ମଧ୍ୟରେ ଅନେକ ନୂତନ ପରମାଣୁ-ସମର୍ଥ ଅସ୍ତ୍ରଶସ୍ତ୍ରକୁ ସାମରିକ ଶକ୍ତିରେ ସାମିଲ କରାଯାଇଛି। ଏହି ସମୟରେ କିଛି ନୂତନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବର୍ତ୍ତମାନ ବିକାଶାଧୀନ ଅଛି। ରିପୋର୍ଟ ଅନୁଯାୟୀ, ୨୦୨୬ ଆରମ୍ଭ ସୁଦ୍ଧା ଭାରତରେ ପ୍ରାୟ ୭୩୦ କିଲୋଗ୍ରାମ ଅସ୍ତ୍ର-ଗ୍ରେଡ୍ ପ୍ଲୁଟୋନିୟମ୍ ରହିବ ବୋଲି ଆକଳନ କରାଯାଇଛି। ଏହି ପରିମାଣର ପ୍ଲୁଟୋନିୟମ୍ ୨୨୫ଟି ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ଉତ୍ପାଦନ କରିପାରିବ। ତଥାପି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଏହା କେବଳ ଏକ ଆକଳନ; ପ୍ରକୃତ ସଂଖ୍ୟା ଯୁଦ୍ଧାସ୍ତ୍ର ଡିଜାଇନ୍ ଓ ସଂରକ୍ଷଣରେ ରଖାଯାଇଥିବା ସାମଗ୍ରୀ ଉପରେ ନିର୍ଭର କରେ। ଏଫ୍ଏଏସ୍ ରିପୋର୍ଟରେ ଅଗ୍ନି-୫ ରେ ଉନ୍ନତି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି।

## ଜମି ଠକେଇ ଅଭିଯୋଗ, ଦଲାଲ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମାନସ ଦିଗାଲ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବରମୁଣ୍ଡା ଅଞ୍ଚଳରେ ରହୁଥିବା ଅଭିଯୋଗକାରିଣୀ ଭାନୁ ସନ୍ଧା ନିଜର ଏକ ପ୍ଲଟ କିଣିବା ପାଇଁ ଅଭିଯୁକ୍ତ ମାନସ ଦିଗଲ ଏବଂ ତାଙ୍କ ଭଉଣୀ ପିଙ୍କି ଦିଗଲଙ୍କ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତମାନେ ତାଙ୍କୁ ସଂଘର୍ଷ ବିହାରର ଘଞ୍ଚ ଜଙ୍ଗଲ ନିକଟରେ ଏକ ଖୋଲା ଜମି ଦେଖାଇ ତାହା ଏକ ବିବାଦମୁକ୍ତ ସ୍ଥିତିବାନ ଜମି ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ଏହି ବିଶ୍ୱାସରେ ଅଭିଯୋଗକାରିଣୀ ଉଭୟ ଭାଇଭଉଣୀଙ୍କୁ ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଦୀର୍ଘ ବର୍ଷେ ବିତିଯିବା ପରେ ମଧ୍ୟ ସେମାନେ ଜମି ଦେଇନଥିଲେ କିମ୍ବା ଟଙ୍କା ଫେରାଇ ନଥିଲେ। ଟଙ୍କା ମାଗିବାରୁ ସେମାନେ ଓଲଟା ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୋଲିସ ତଦନ୍ତ ବେଳେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଏହି ଅଭିଯୁକ୍ତମାନେ ସମାନ ଢଙ୍ଗରେ ଜମି ଦେବା ନାଁରେ ବିଦ୍ୟୁଲତା ସ୍ୱାଇଁଙ୍କ ଠାରୁ ୨.୪୦ ଲକ୍ଷ, ଚିନ୍ମୟୀ ନାୟକଙ୍କ ଠାରୁ ୭୦ ହଜାର ଏବଂ ବିଳାସିନୀ ଜେନାଙ୍କ ଠାରୁ ୧.୫୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଚନ୍ଦକା ପୋଲିସ ଏହି ଘଟଣାରେ ସଂଗୃହୀତ ପ୍ରମାଣ ଆଧାରରେ ଏହି ଠକେଇ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ମାନସ ଦିଗଲକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ମୋବାଇଲ୍ ଛଡ଼ାଇ ନେବା ଏବଂ ବିବାଦର ସମାଧାନ ବାହାନାରେ ଡାକି ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ମୈତ୍ରୀବିହାର ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସିବୁନ ଖଟୁଆ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଦିବ୍ୟାଭାରତୀ ନାୟକଙ୍କ ଭାଇ ପୀଡ଼ିତ କିରଣ କୁମାର ନାୟକ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ଗତ ଏପ୍ରିଲ୍ ୦୭ ତାରିଖ ସନ୍ଧ୍ୟା ପ୍ରାୟ ୬.୩୦ ମିନିଟରେ ଜନତା ମୈଦାନ ନିକଟରେ ଅଭିଯୁକ୍ତ ବିଭୁନ୍ ଏବଂ ପାପୁ ଫୋନ୍ କରିବା ବାହାନାରେ ପୀଡ଼ିତଙ୍କ 'ଭିଭୋ' ମୋବାଇଲ୍ ଛଡ଼ାଇ ନେଇଥିଲେ। ମୋବାଇଲ୍ ଫେରାଇବା ବଦଳରେ ସେମାନେ ୧୦,୦୦୦/- ଟଙ୍କା ଦାବି କରିଥିଲେ ଏବଂ ପୋଲିସରେ ଅଭିଯୋଗ ନକରିବାକୁ ଧମକ ଦେଇଥିଲେ। ପରଦିନ ଏପ୍ରିଲ୍ ୦୮ ତାରିଖ ଅପରାହ୍ନ ୩.୩୦ ମିନିଟରେ ଜାଭିୟର୍ କଲେଜ୍ ନିକଟରେ ମଧ୍ୟ ସେମାନେ ପୀଡ଼ିତଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେହି ଦିନ ରାତି ପ୍ରାୟ ୮.୦୦ ଟାରେ ଲୟଲା ସ୍କୁଲ୍ ନିକଟରେ ଉକ୍ତ ବିବାଦର ସାଲିସ୍ ଓ ସମାଧାନ ପାଇଁ ଅଭିଯୁକ୍ତମାନେ ପୀଡ଼ିତଙ୍କୁ ଡାକିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତ ଶିବୁନ୍ ଖଟୁଆ, ବିଭୁନ୍, ପାପୁ, ଲେମନ୍ ଏବଂ ଅନ୍ୟ ସହଯୋଗୀମାନେ ତାଙ୍କୁ ଘେରିଯାଇ ହତ୍ୟା ଉଦ୍ଦେଶ୍ୟରେ ଲୁହା ରଡ୍ ଓ ପଥରରେ ନିସ୍ତୁକ ମାଡ଼ ମାରିଥିଲେ। ମୁଣ୍ଡ ଏବଂ ଆଖିରେ ଗୁରୁତର ଆଘାତ ଲାଗିବାରୁ ପୀଡ଼ିତ ଜଣକ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ ଏମ୍ସ ଏବଂ କିମ୍ସ ହସ୍ପିଟାଲରେ ଆଇସିୟୁ ରେ ଭର୍ତ୍ତି କରାଯାଇ ବହୁବାର ଅସ୍ତ୍ରୋପଚାର କରାଯାଇଥିଲା। ଏହି ସାଂଘାତିକ ଆକ୍ରମଣ ଯୋଗୁଁ ସେ ଏବେ ମଧ୍ୟ ଠିକ୍ ଭାବେ ଚାଲି କିମ୍ବା କଥା କହି ପାରୁନାହାଁନ୍ତି। ମୈତ୍ରୀ ବିହାର ପୋଲିସ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଆଜି ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବୁନ୍ ଖଟୁଆକୁ ଗିରଫ କରିଛି ଏବଂ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

## ଅଗ୍ନିକାଣ୍ଡରେ ଜଳିଗଲା ୫ବଖରା ଘର, ସଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଭୀମଟାଙ୍ଗୀରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୫ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଘରେ କେହି ନଥିବା ସମୟରେ ଏଭଳି ନିଆଁ ଲାଗିଥିବା ଜଣାପଡିଛି। ଅଗ୍ନିଶମ ବିଭାଗ ନିଆଁକୁ ଆୟତ କରିଥିଲେ। ସୂଚନା ଅନୁସାରେ, ଆଜି ସକାଳେ ଏୟାରଫିଲ୍ଡ ଥାନା ଅଧୀନ ଭୀମଟାଙ୍ଗୀ ଲେନ୍-୫ରେ ଥିବା ସଦାନନ୍ଦ ପାତ୍ରଙ୍କ ତିନି ମହଲା ଘରେ ଅଗ୍ନିକାଣ୍ଡ ଘଟିଥିଲା। ଘର ଭିତରୁ ହଠାତ୍ ଧୂଆଁ ଓ ନିଆଁ ବାହାରୁଥିବା ପଡ଼ୋଶୀମାନେ ଦେଖିଥିଲେ। ଏହାପରେ ସେମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। କିଛି ସମୟର ଚେଷ୍ଟା ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ଘରର ବହୁ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ଭାବେ ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବଂ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ସୂଚନା ମିଳିବ। ସୌଭାଗ୍ୟ ବଶତଃ ଘଟଣା ସମୟରେ ଘରେ କେହି ନଥିବାରୁ ବଡ଼ ଧରଣର ମାନବୀୟ କ୍ଷୟକ୍ଷତି ହୋଇନାହିଁ।

### ଗଛ ନ ଲଗାଇ ଖାଇଗଲେ ୭ ଲକ୍ଷ ଟଙ୍କା

## ଆଠଗଡ଼ର ପୂର୍ବତନ ଫରେଷ୍ଟର ଧରାପଡ଼ିଲେ



କଟକ(ନିପ୍ର): ଗଛ ନଲଗାଇ ଫଲ୍‌ସ ବିଲ କରି ୭ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ କଟକ ଜିଲ୍ଲା ଆଠଗଡ଼ର ପୂର୍ବତନ ଫରେଷ୍ଟର ଆଶିଷ ନାଏକଙ୍କୁ ଗୁରୁବାର ଗିରଫ କରିଛି ଭିଜିଲାନ୍ସ। ସେ ଏବେ କଟକ ସ୍ଥିତ ଡିଏଫଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଥିବା ବେଳେ ଆବଶ୍ୟକ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଶ୍ରୀ ନାଏକ ଜାଲ୍ ବିଲ୍ ଦାଖଲ କରି ୭ ଲକ୍ଷ ୪୧ ହଜାର ୨୯୭ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଆଠଗଡ଼ ସଦର ସେକ୍ସନ ଅଧୀନସ୍ଥ କୁଲେଇଲୋ ବିଟ୍ ଏବଂ ସଦର ବିଟ୍‌ରେ ୨୦୨୫-୨୬ ବର୍ଷର ସହାୟକ ପ୍ରାକୃତିକ ପୁନରୁଦ୍ଧାର ବା ଏଏନଆର ରୋପଣ ପ୍ରକଳ୍ପ ପାଇଁ କାମ୍ପା ଯୋଜନା ଅଧୀନରେ ଏହି ଜାଲ୍ ବିଲ୍ ସବୁ ପ୍ରସ୍ତୁତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଶ୍ରୀ ନାୟକ ୧୧,୩୭୬ଟି ଚାରାରୋପଣ ଆଦୌ ନକରି, ସେଗୁଡ଼ିକର କାର୍ଯ୍ୟାନ୍ୱୟନ ଦର୍ଶାଇ ମିଥ୍ୟା ବିଲ ଦେଇ ଅର୍ଥ ଉଠାଇ ନେଇଥିଲେ। ଫଳରେ ସରକାରୀ ରାଜକୋଷର ୭,୪୧,୨୯୭ ଟଙ୍କା କ୍ଷତି ଘଟିଛି। ଏହି ଘଟଣାରେ କଟକ ଭିଜିଲାନ୍ସରେ ଶ୍ରୀ ନାଏକଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଗେଷ୍ଟହାଉସରେ ଗଣ୍ଡଗୋଳ ଓ ଛୁରାମାଡ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ବରମୁଣ୍ଡା ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସ୍‌ର କର୍ମଚାରୀଙ୍କ ମଧ୍ୟରେ ଖାଦ୍ୟକୁ କେନ୍ଦ୍ର କରି ଗଣ୍ଡଗୋଳ ଓ ଛୁରାମାଡ଼ ହେବା ଘଟଣାରେ ଭରତପୁର ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସନ୍ତୋଷ ସ୍ୱାଇଁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବରମୁଣ୍ଡା ବିଡିଏ କଲୋନୀରେ ଥିବା ସୋମି ଷ୍ଟେ ଗେଷ୍ଟ ହାଉସ୍ ରେ ଅଭିଯୁକ୍ତ ସନ୍ତୋଷ ସ୍ୱାଇଁ ଏବଂ ଆହତ ଭୁଟାନ ହାଉସକିପିଂ କର୍ମଚାରୀ ଭାବେ କାମ କରନ୍ତି ଏବଂ ଗେଷ୍ଟ ହାଉସ୍ ମାଲିକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ କର୍ମଚାରୀ ଆବାସରେ ରହନ୍ତି। ବିଗତ କିଛି ଦିନ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ଲାଗିରହିଥିଲା। ଗତକାଲି ତା ୦୯.୦୯.୨୦୨୬ ଦିନ ପ୍ରାୟ ୧.୩୦ ମିନିଟରେ ସନ୍ତୋଷ ଖାଉଥିବା ବେଳେ ଭୁଟାନ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ପୂର୍ବ ଦିନର ଖାଦ୍ୟ ବିବାଦକୁ ନେଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସନ୍ତୋଷ ସେଠାରେ ଥିବା ଏକ ରୋଷେଇ ଛୁରୀ ଆଣି ହତ୍ୟା କରିବା ଉଦ୍ଦେଶ୍ୟରେ ଭୁଟାନର ଛାତିକୁ ଭୁସି ଦେଇଥିଲା। ଗୁରୁତର ଆହତ ଓ ରକ୍ତାକ୍ତ ଅବସ୍ଥାରେ ଭୁଟାନକୁ ଅନ୍ୟ କର୍ମଚାରୀ ମାନେ ତୁରନ୍ତ ମଣିପାଲ୍ ହସ୍ପିଟାଲ୍ ରେ ଭର୍ତ୍ତି କରିଥିଲେ ଏବଂ ପିସିଆର ପୋଲିସକୁ ଖବର ଦେଇଥିଲେ। ଭରତପୁର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସନ୍ତୋଷକୁ କାବୁ କରିବା ସହ ରକ୍ତଭିଜା ଛୁରୀକୁ ଜବତ କରିଥିଲା।

## ଗାଡ଼ି ଭଡା ନେଇ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଗାଡି ଭଡା ନେଇ ଟଙ୍କା ଠକେଇ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଉମେଶ ପରିଜା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସୁମନ୍ତ ପାଢ଼ୀ ଗତ ୦୭.୦୭.୨୦୨୫ ତାରିଖରେ ନିଜର ମାରୁତି ବାଲେନୋ କାର୍ ଟିକୁ ମାସିକ ୧୪,୦୦୦/- ଟଙ୍କା ଭଡ଼ା ସୂତ୍ରରେ ଅଭିଯୁକ୍ତ ଉମେଶ ପରିଜାକୁ ଚୁକ୍ତିନାମା କରି ଦେଇଥିଲେ। ପ୍ରଥମ ଦୁଇ ମାସ ଅଭିଯୁକ୍ତ ଠିକ୍ ଭାବେ ଭଡ଼ା ଦେଇଥିଲା, ମାତ୍ର ପରେ ସେ ଭଡ଼ା ଦେବା ବନ୍ଦ କରିଦେଇଥିଲା ଏବଂ ଅଭିଯୋଗକାରୀଙ୍କ ଫୋନ୍ ଉଠାଇନଥିଲା। ଏହିପରି ପ୍ରାୟ ୧,୫୪,୦୦୦/- ଟଙ୍କାର ଭଡ଼ା ବକେୟା ରହିଥିଲା। ଶେଷରେ ଗତ ଜୁନ୍ ୨୭ ତାରିଖରେ ଅଭିଯୋଗକାରୀ ନିଜେ ଯାଇ ତାଙ୍କ କାର୍ ଟିକୁ ଫେରାଇ ଆଣି ନିଜ ଘର ଆଗରେ ରଖିଥିଲେ। ମାତ୍ର ତା' ପରଦିନ ସକାଳୁ ଦେଖିବା ବେଳକୁ କାର୍ ଟି ଚୋରି ହୋଇଯାଇଥିଲା। ଅଭିଯୁକ୍ତ ଉମେଶ ଚୋରାରେ ଉକ୍ତ କାର୍ ଟିକୁ ନେଇଯାଇଥିବା ନେଇ ଅଭିଯୋଗକାରୀ ତାଙ୍କୁ ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଇନଫୋସିଟି ପୋଲିସ ଏହି ଘଟଣାର ତଦନ୍ତ କରି ବିଶ୍ୱସ୍ତ ସୂଚନା ଆଧାରରେ ଆଜି କଟକ ସିଡିଏ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଉମେଶ ପରିଜାକୁ କାବୁ କରିଛି। ପଚରାଉଚରା ବେଳେ ସେ ଠକେଇ କରିଥିବା କଥା ସ୍ୱୀକାର କରିବା ସହ ଉକ୍ତ କାର୍ ଟିକୁ ଜଣେ ରସାନନ୍ଦ ମହାନ୍ତିଙ୍କୁ ୧ ଲକ୍ଷ ୬୯ ହଜାର ଟଙ୍କା ବିନିମୟରେ ବନ୍ଧା ପକାଇଦେଇଛି ବୋଲି ପ୍ରକାଶ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଆଜି ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ହୋଟେଲରୁ କ୍ୟାସ ବକ୍ସ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ହୋଟେଲରୁ କ୍ୟାସ ବକ୍ସ ଚୋରି କରିବା ଅଭିଯୋଗରେ ଇନଫୋସିଟି ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରସାଦ ସ୍ୱାଇଁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବୁଦ୍ଧବିହାର ବାସିନ୍ଦା ହୋଇଥିବା ବେଳେ, ଇନ୍‌ଫୋସିଟି ଥାନା ପରିସର ଅଞ୍ଚଳରେ ସ୍ୱାଇଁ ହୋଟେଲ ଆଣ୍ଡ ବାର ନାମରେ ଏକ ହୋଟେଲ ବ୍ୟବସାୟ କରୁଥିଲେ। ଗତ ୦୯.୦୯.୨୦୨୬ ରାତି ୯ ଟାରୁ ୧୦ ଟା ମଧ୍ୟରେ ସେ ହୋଟେଲରେ ଉପସ୍ଥିତ ଥିବା ବେଳେ, ଅଭିଯୁକ୍ତ ଆଦିତ୍ୟ ସେଠାକୁ ଯାଇ ଏକ ସିଗାରେଟ ଏବଂ ଏକ ଥଣ୍ଡା ପାନୀୟ ବୋତଲ ମାଗିଥିଲେ। ଅଭିଯୁକ୍ତଙ୍କୁ ସିଗାରେଟ ଏବଂ ଥଣ୍ଡା ଦେଇସାରିବା ପରେ ଅଭିଯୋଗକାରୀ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ସେଠାରୁ କ୍ୟାସ୍ ବାକ୍ସ ନେଇ ଖସି ପଳାଇ ଯାଇଥିଲେ।

## ବୃଦ୍ଧାଙ୍କ ବେକରୁ ଚେନ୍ ଲୁଟ୍, ଲୁଟେରା ଧରାପଡିଲା

ଭୁବନେଶ୍ୱର(ନିପ୍ର): ଠିକଣା ପଚାରିବା ବାହାନାରେ ଜଣେ ୭୬ ବର୍ଷୀୟା ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିବା ଜଣେ ପେସାଦାର ଲୁଟେରାକୁ ଭରତପୁର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମଣ୍ଟୁ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଗତ ଫେବୃଆରୀ ୨୩ ତାରିଖ ଅପରାହ୍ନ ପ୍ରାୟ ୪.୦୦ ଟାରେ ବରମୁଣ୍ଡା ଜଗନ୍ନାଥ ବିହାର ସ୍ଥିତ ନିଜ ଘର ଗେଟ୍ ପାଖରେ ଠିଆ ହୋଇଥିଲେ। ଏହି ସମୟରେ ହେଲମେଟ୍ ପିନ୍ଧିଥିବା ଜଣେ ଅଜଣା ବ୍ୟକ୍ତି ସ୍କୁଟିରେ ଆସି 'ଖାନ୍ ବାବୁଙ୍କ' ଠିକଣା ପଚାରିଥିଲା। ବୃଦ୍ଧା ଜଣକ ତାକୁ ଠିକଣା ବତାଇଦେଉଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କ ବେକରୁ ସୁନା ଚେନ୍ ଟିକୁ ଝାମ୍ପି ନେଇ ସ୍କୁଟିରେ ଫେରାର ହୋଇଯାଇଥିଲା। ଏନେଇ ସେ ଏପ୍ରିଲ୍ ୯ ତାରିଖରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭରତପୁର ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗତକାଲି ଅପରାହ୍ନ ପ୍ରାୟ ୫.୦୦ଟାରେ ଖବର ପାଇଥିଲା ଯେ, ବୀଣା ଭାରତୀ ଛକ ନିକଟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଏକ ଚୋରା ସୁନା ଅଳଙ୍କାର ଧରି ବୁଲୁଛି ଏବଂ ତାକୁ ଶସ୍ତାରେ ବିକ୍ରି କରିବାକୁ ଚେଷ୍ଟା କରୁଛି। ଖବରପାଇ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ମଣ୍ଟୁ ନାୟକକୁ କାବୁ କରିବାରେ ସଫଳ ହୋଇଥିଲା। ଯାଞ୍ଚ ବେଳେ ତା' ନିକଟରୁ ଉକ୍ତ ଲୁଟ୍ ହୋଇଥିବା ୭ଗ୍ରାମ ଓଜନର ଛିଣ୍ଡା ସୁନା ଚେନ୍ ଉଦ୍ଧାର କରାଯାଇ ଜବତ କରାଯାଇଛି। ପଚରାଉଚରା ବେଳେ ସେ ବୃଦ୍ଧାଙ୍କ ଠାରୁ ଏହି ସୁନା ଚେନ୍ ଟି ଲୁଟିଥିବା କଥା ସ୍ୱୀକାର କରିଛି। ଗିରଫ ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ଏବଂ ତା' ନାମରେ ପୂର୍ବରୁ ରାଜଧାନୀର ବିଭିନ୍ନ ଥାନାରେ ଡକାୟତି, ଲୁଟ୍ ଏବଂ ଆକ୍ରମଣ ଭଳି ଏକାଧିକ ସଙ୍ଗିନ ମାମଲା ରହିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ ଆଜି ୧୫ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ହିଞ୍ଜିଳିକାଟୁ(ନିପ୍ର): ଆଉ ୩ ଦିନ ପରେ ପାଳନ ହେବ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାତ୍ସୋବ। ଏଥିପାଇଁ ସ୍ଥାନୀୟ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ଯୁବଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଗଣେଶ ପୂଜା ମଣ୍ଡପ ତୋରଣ ପ୍ରସ୍ତୁତି ବେଳେ ଅଘଟଣ ଘଟିଛି। ବିଦ୍ୟୁତ୍ ଆଘାତରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଗୁରୁବାର ସନ୍ଧ୍ୟାରେ ବେଲଗାଁ ଥାନା ଧୋବାଡି ଗ୍ରାମରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବେଲଗାଁ ଥାନା ଧୋବାଡି ଗ୍ରାମର ଯୁବଗୋଷ୍ଠୀ ପକ୍ଷରୁ ସଂପୃକ୍ତ ଗ୍ରାମରେ ଗଣେଶ ପୂଜା ଲାଗି ପ୍ରସ୍ତୁତି ଚାଲିଥିଲା। ଗୁରୁବାର ସନ୍ଧ୍ୟାରେ ସେହି ଗ୍ରାମର ନାବାଳକ ଜଣଙ୍କ ପୂଜା ମଣ୍ଡପ ତୋରଣ ପ୍ରସ୍ତୁତି କରୁଥିବା ବେଳେ ତୋରଣ ଉପର ଭାଗ ଦେଇ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତରେ ନାବାଳକ ଜଣଙ୍କ ତୋରଣ ଉପରୁ ତଳକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣଙ୍କ ବେଲଗାଁ ଥାନା ଧୋବାଡି ଗ୍ରାମର ପି. ସୁଧାଂଶୁ ପାତ୍ର (୧୬)। ଖବର ପାଇ ବେଲଗାଁ ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ବେଲଗାଁ ଥାନାରେ କେସ ନଂ - ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡଡ଼ାକ୍ତରଖାନାକୁ ପଠାଯିବା ସହ ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

## ଟ୍ରେନ୍ ଧକ୍କାରେ ହାତୀ ମୃତ



ରାୟଗଡା(ନିପ୍ର): ରାୟଗଡ଼ା ଜିଲାର ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ବିଷମକଟକ ବ୍ଲକର ବୃନ୍ଦାବାଡ଼ି ଗ୍ରାମ ନିକଟରେ ଟ୍ରେନ ଇଞ୍ଜିନ ଧକ୍କାରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ବିଷମକଟକ ଓ ଥେରୁବାଲି ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ରେଳ ଲାଇନ ନିକଟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ପ୍ରାୟ ଚାରିଟି ହାତୀ ରେଳ ଲାଇନ ପାର ହେଉଥିବା ସମୟରେ ଏକ ଇଞ୍ଜିନ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଏଥିରେ ଗୋଟିଏ ଦନ୍ତା ହାତୀର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ହାତୀଗୁଡ଼ିକ ଜଙ୍ଗଲ ଆଡ଼କୁ ଚାଲିଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ମୁନିଗୁଡ଼ା ରେଞ୍ଜର ପ୍ରବୀଣ କୁମାର ଦାସ, ମୁନିଗୁଡ଼ା ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ, ବିଷମକଟକ ଫରେଷ୍ଟରଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭେଟେରିନାରୀ ବିଭାଗର ଡାକ୍ତରୀ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୃତ ଦନ୍ତା ହାତୀର ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ହାତୀର ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡ଼ିଛି।

## କେନାଲରେ ଭାସି ଯାଇ ଦେଢ଼ ବର୍ଷର ଶିଶୁ ମୃତ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଜଗନ୍ନାଥପୁର ଗାଁରେ ଅଭାବନୀୟ ଘଟଣା ଘଟିଯାଇଛି । କେନାଲରେ ଭାସିଯାଇ ଜଣେ ଦେଢ଼ ବର୍ଷର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି । ଗ୍ରାମର ମଳୟ ମଲ୍ଲିକଙ୍କ ଦେଢ଼ ବର୍ଷର ଶିଶୁପୁତ୍ରଟି ଘର ନିକଟରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲା । ପ୍ରଥମେ ଘର ନିକଟରେ ଖୋଜା ପଡ଼ିଥିଲା । ଘର ପାଖରେ ଥିବା କୂଅରେ ମଧ୍ୟ ପମ୍ପ ପକାଇ ପାଣି ଶୁଖାଇ ଖୋଜା ଯାଇଥିଲା । କିନ୍ତୁ ପରେ କେନାଲ ଭିତରେ ଶିଶୁଟି ପଡ଼ିଯାଇଥିବା ସନ୍ଦେହ କରାଯାଇଥିଲା । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଶିଶୁଟିକୁ ଖୋଜିବା ପରେ ଘରଠାରୁ ଦେଢ଼ କିଲୋମିଟର ଦୂରରୁ ଶିଶୁ ଉଦ୍ଧାର କରାଯାଇଥିଲା । ଏହା ପରେ ଶିଶୁଟିକୁ ମେଡିକାଲରେ ଭର୍ତ୍ତି କରିଥିଲା । ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଛନ୍ତି । ଘଟଣା ପରେ ଜଗନ୍ନାଥପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବଲାଙ୍ଗିରରେ ଧରାପଡ଼ିଲା ସାଇବର ଠକେଇର ନୂଆ ନେଟୱର୍କ: ୪ ଗିରଫ



ବଲାଙ୍ଗିର: ବଲାଙ୍ଗିର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଏକ ସଂଗଠିତ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କର ପର୍ଦ୍ଦାଫାସ କରିଛି। ସାଇବର ମାଧ୍ୟମରେ ନିବେଶ ଠକେଇରୁ ଆଦାୟ ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତା ମାଧ୍ୟମରେ କାରବାର ଓ ନଗଦ ଉଠାଣ କରାଯାଉଥିବା ନେଇ ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ୧୪ଓ ମାଧ୍ୟମରେ ଫ୍ଲାଗ୍ ହୋଇଥିବା ୩୫ ଲକ୍ଷ ଠକେଇ ଟଙ୍କା ସମ୍ପର୍କରେ ବଲାଙ୍ଗିର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ କେସ୍ ନଂ. ୨୪/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏହି ମାମଲାରେ ପ୍ରକାଶ ଶର୍ମା, ସନ୍ନି ବାର୍ଡେ, ପ୍ରସନ୍ନ କୁମାର ନାଗ ଓ ଯୁବରାଜ ଦୀପଙ୍କୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ସମଲେଶ୍ୱରୀ ଏଣ୍ଟରପ୍ରାଇଜେସ୍', 'ମା' ସମଲେଶ୍ୱରୀ ଏଗ୍ରୋ ଏଣ୍ଟରପ୍ରାଇଜେସ୍' ଏବଂ 'ମା' ଏଗ୍ରୋ ଏଣ୍ଟରପ୍ରାଇଜେସ୍' ଭଳି ବ୍ୟବସାୟିକ ପ୍ରତିଷ୍ଠାନ ନାମରେ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ଠକେଇ ଟଙ୍କା କାରବାର କରାଯାଉଥିଲା। ଠକେଇ ଅର୍ଥକୁ ବିଭିନ୍ନ ଆକାଉଣ୍ଟରେ ଭାଗ ଭାଗ କରି ସ୍ଥାନାନ୍ତର କରିବା, ନଗଦ ଟଙ୍କା ଉଠାଇବା ଏବଂ ଏକାଧିକ ମଧ୍ୟସ୍ଥଙ୍କ ମାଧ୍ୟମରେ ପରବର୍ତ୍ତୀ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଉଥିବା ତଥ୍ୟ ସାମ୍ନାକୁ ଆସିଛି। ଏହି ସମସ୍ତ କାରବାର, ଆକାଉଣ୍ଟ ତଥ୍ୟ ଆଦାନପ୍ରଦାନ, ଅର୍ଥ ସ୍ଥାନାନ୍ତର ଏବଂ ନଗଦ ଉଠାଣ ପାଇଁ ବିଦେଶୀ-ରୁଟେଡ୍ ୱାଟ୍ସଆପ୍ ବିଜନେସ୍ ଭର୍ଚୁଆଲ୍ ନମ୍ବର ବ୍ୟବହାର କରୁଥିବା ତଦନ୍ତରୁ ଜଣାପଡିଛି । ପୋଲିସ ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍ ଫୋନ୍, ଚେକ୍‌ବୁକ୍, ପାସ୍‌ବୁକ୍ ଓ ଡେବିଟ୍ କାର୍ଡ ଜବତ କରିଛି। ଠକେଇ ସହ ଜଡ଼ିତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୁଖ୍ୟ ଅପରାଧୀକୁ ଚିହ୍ନଟ କରିବା, ଠକେଇ ଟଙ୍କା ଫେରାଇ ଆଣିବା ଏବଂ ଏହାର ଆନ୍ତଃ-ରାଜ୍ୟ ଲିଙ୍କ୍, ଆର୍ଥିକ ମାଧ୍ୟମ ଓ ଡିଜିଟାଲ୍ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଭାଙ୍ଗିବା ଦିଗରେ ତଦନ୍ତ ଜାରି ରହିଛି। ସାଇବର ଅପରାଧରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ଓ ନେଟୱର୍କର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

### ଅପରେସନ୍ ଅନ୍ୱେଷଣ

## ୧୭ ରାଜ୍ୟରୁ ୧୦୧ ଶିଶୁ ଉଦ୍ଧାର




ଭୁବନେଶ୍ୱର: "ଅପରେସନ୍ ଅନ୍ୱେଷଣ"କୁ ମିଳିଛି ବଡ଼ ସଫଳତା । ମାତ୍ର ସପ୍ତାହକ ମଧ୍ୟରେ ୧୭ ରାଜ୍ୟରୁ ୧୦୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ସେଥିରେ ୫୪ ବାଳକ ଓ ୪୭ ବାଳିକା ରହିଛନ୍ତି । ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିରୋଧରେ ଅପରାଧ ଶାଖାର ଏଡିଜି ଏସ୍ ସାଇନି ଏହି ସୂଚନା ଦେଇଛନ୍ତି । ଗତ ୨୮ ଅଗଷ୍ଟରୁ ୮ ସେପ୍ଟେମ୍ବର ପର୍ଯ୍ୟନ୍ତ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ମହିଳା ଓ ଶିଶୁ ବିରୋଧରେ ଅପରାଧ ଶାଖା "ଅପରେସନ୍ ଅନ୍ୱେଷଣ" ଆରମ୍ଭ କରିଥିଲା । ଯାହାର ମୂଳ ଲକ୍ଷ୍ୟ ଥିଲା ପରିବାରଠାରୁ ଅଲଗା ହୋଇଯାଇଥିବା ଶିଶୁଙ୍କୁ ସୁରକ୍ଷିତ ଉଦ୍ଧାର କରିବା । ଏଥିରେ ମୋଟ ୧୭ଟି ଟିମ୍ ଦେଶର ୧୭ ରାଜ୍ୟରେ ଚଢ଼ଉ କରିଥିଲା । ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ନୂଆ ଦିଲ୍ଲୀ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା । ଫଳ ସ୍ୱରୂପ ୧୦୧ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି । ସର୍ବାଧିକ ପଶ୍ଚିମବଙ୍ଗରୁ ୩୦, କର୍ଣ୍ଣାଟକରୁ ୧୧, ଝାଡ଼ଖଣ୍ଡରୁ ୧୦ ଓ ତାମିଲନାଡୁର ୧୦ରୁ ଠାବ କରାଯାଇଛି । ଏଥିରେ ଆହୁରି ସମ୍ବେଦନଶୀଳ ଘଟଣା ରହିଛି ଯେଉଁଠି ଏକ ନାବାଳିକାକୁ ତାର ୩ ମାସର ଶିଶୁ ସହିତ ଉଦ୍ଧାର କରାଯାଇଛି । ଉକ୍ତ ନାବାଳିକାଟି ଏକ ସଂସ୍ଥାରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିଲା । ଉଦ୍ଧାର ହୋଇଥିବା ପିଲାଙ୍କୁ ମଧ୍ୟରୁ ୪୬ ଜଣ ପୁଅ ଓ ୩୭ ଜଣ ଝିଅ ମୋଟ ୮୩ ଜଣ ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟରୁ ଉଦ୍ଧାର ହୋଇଛନ୍ତି । ସେହିପରି ଅନ୍ୟ ୬ ଜଣ ପୁଅ ଓ ଗୋଟିଏ ଝିଅ ମୋଟ ୭ ଜଣ ପିଲା ଶ୍ରମିକ ଭାବେ କାମ କରୁଥିବାବେଳେ ଉଦ୍ଧାର ହୋଇଛନ୍ତି । ଏହା ରାଜ୍ୟରେ ନିଖୋଜ ଥିବା ୧୧ ଜଣ ପିଲାଙ୍କୁ ଯେଉଁଥିରେ ୨ ଜଣ ପୁଅ ଏବଂ ୯ ଜଣ ଝିଅ ରହିଛନ୍ତି, ସେମାନଙ୍କୁ ଉଦ୍ଧାର କରାଯାଇଛି । ନିଖୋଜ ନେଇ ଓଡ଼ିଶା ପୋଲିସ ନିକଟରେ ୧୧ଟି ମାମଲା ପଞ୍ଜିକୃତ ହୋଇଥିଲା । ଉଦ୍ଧାର ହୋଇଥିବା ସମସ୍ତ ପିଲାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ପଶ୍ଚିମବଙ୍ଗରେ ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ରଙ୍କ ନେତୃତ୍ୱରେ ଡିଏସପି ବାମଦେବ ନନ୍ଦ ଓ ତାଙ୍କ ଟିମ୍ ଖୋଳତାଡ଼ କରିଥିଲେ । ସେହିପରି ଦକ୍ଷିଣାଞ୍ଚଳ ଡିଏସପି ପ୍ରଶାନ୍ତ କୁମାର ପାତ୍ର କର୍ଣ୍ଣାଟକ, ଉତ୍ତରାଞ୍ଚଳ ରେଞ୍ଜ ଡିଏସପି ଜ୍ୟୋତ୍ସ୍ନାରାଣୀ ବେହେରା ଝାଡ଼ଖଣ୍ଡ ଓ ଦକ୍ଷିଣାଞ୍ଚଳ ରେଞ୍ଜ ଡିଏସପି ଗିରିଜାନନ୍ଦନ ପଟ୍ଟନାୟକଙ୍କ ଟିମ୍ ତାମିଲନାଡୁର ନେତୃତ୍ୱ ନେଇଥିଲେ । ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଆୟୁକ୍ତ ତଥା ସଚିବ ମୃଣାଳିନୀ ଦରସ୍ୱାଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ସାମ୍ବାଦିକ ଦମ୍ପତି ଆହତ

ଧାମନଗର(ନିପ୍ର): ଧାମନଗର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସାମ୍ବାଦିକ ନେତା ବାସୁଦେବ ତ୍ରିପାଠୀ ଏବଂ ତାଙ୍କ ଧର୍ମପତ୍ନୀ ତିଳୋତ୍ତମା ତ୍ରିପାଠୀ ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ସନ୍ଧ୍ୟାରେ ବାଲେଶ୍ୱରରୁ କାର୍ ଯୋଗେ ତାଙ୍କ ଘର ଧାମନଗରକୁ ଫେରୁଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ମଇତାପୁରଠାରେ ସେମାନଙ୍କ ଗାଡ଼ିଟି ପଛପଟୁ ଏକ ଟ୍ରଲରକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ପ୍ରଥମେ ସେମାନଙ୍କୁ ଭଦ୍ରକ ଡାକ୍ତରଖାନାର ଭର୍ତ୍ତି କରାଯାଇଥିଲା ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଡାକ୍ତରଙ୍କ ପ୍ରାଥମିକ ଚିକିତ୍ସା ଓ ପ୍ରଚେଷ୍ଟା ପରେ ବର୍ତ୍ତମାନ ଉଭୟେ ବିପଦମୁକ୍ତ ଅଛନ୍ତି ଏବଂ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏହି ଦୁଃଖଦ ଖବର ପାଇବା ପରେ ସାମ୍ବାଦିକ ମହଲ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉଭୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶ୍ରୀ ତ୍ରିପାଠୀ ସବୁବେଳେ ସାମ୍ବାଦିକଙ୍କ ସମସ୍ୟାରେ ସାମିଲ ହୋଇଥାନ୍ତି।

## ଗତବର୍ଷଠାରୁ ଅଧିକ ୧୩,୫୦୧ ଚାଷୀ ପଞ୍ଜିକୃତ

ଭବାନୀପାଟଣା, ୧୦/୯(ନିପ୍ର): କଳାହାଣ୍ଡି ଜିଲାରେ ଚଳିତ ଖରିଫ ପାଇଁ ଗତ ଅଗଷ୍ଟ ୬ ତାରିଖରୁ ଚାଲିଥିବା ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ତେବେ ପଞ୍ଜିକରଣ ପାଇଁ ଏଥର ସରକାରଙ୍କ ନୂଆଁ ଗାଇଡ୍ ଲାଇନ ସତ୍ତ୍ୱେ ମଧ ଗତବର୍ଷଠାରୁ ଅଧିକ ୧୩ହଜାର ୫୦୧ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ଖରିଫରେ ଜିଲାରେ ୧ ଲକ୍ଷ ୨୧ ହଜାର ୧୮୧ ଚାଷୀ ପଞ୍ଜୀକରଣ କରିଥିବାବେଳେ ଏଥର ୧ ଲକ୍ଷ ୩୪ ହଜାର ୬୮୨ ଜଣ ଚାଷୀ ପଞ୍ଜିକରଣ କରିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଏହି ପଞ୍ଜିକରଣ ଜିଲାର ୭୧ଟି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ୩ଟି ଲ୍ୟାମ୍ପସରେ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଚଳିତ ଖରିଫ ପଞ୍ଜିକରଣ ପାଇଁ ସରକାରଙ୍କ ନୂଆ ଗାଇଡ୍ ଲାଇନ ଆରମ୍ଭରୁ ସମସ୍ୟା ଦେଖାଦେଇଥିଲା ପ୍ରଥମେ ଏଗ୍ରିଷ୍ଟାକ୍ ଆଇଡ଼ିକୁ ନେଇ



ଚାଷୀମାନେ ହଟହଟାର ସମ୍ମୁଖୀନ ହୋଇଥିଲେ। ପରେ ଚାଷୀ ଆନ୍ଦୋଳନ ଚାପରେ ସରକାର ଏହାକୁ ପ୍ରତ୍ୟାହାର କରି ନେଇଥିଲେ। ଏହା ପରେ ଦେବୋତ୍ତର ଜମିରେ ଧାନବିକ୍ରି ପଞ୍ଜୀକରଣକୁ ନେଇଁ ସମସ୍ୟା ଉପୁଜିଥିବାବେଳେ ସର୍ଭର ଡାଉନ ଯୋଗୁଁ ମଧ ଚାଷୀ ମାନଙ୍କ ପଞ୍ଜିକୃତ ବିଳମ୍ବିତ ହୋଇଥିଲା।



ୟୁନିଟ୍-୩ରେ ବସ୍ତିଭଙ୍ଗାକୁ ନେଇ ଉତ୍ତେଜନା (ଫଟୋ-ଦିନଲିପି)

## ଚିଲିକାରୁ ୫୪୦ ଏକର ବେଆଇନ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ, ୧୦/୯(ନିପ୍ର): ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ନିଳାମ୍ଭୁ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଚିଲିକାକୁ ଘେରିମୁକ୍ତ କରି ସୁନ୍ଦର ପରିବେଶ ଗଠନ କରିବା ଉଦ୍ୟମ ଚାଲିଥିବା ବେଳେ ଏହା ଉପରେ ନିର୍ଭର କରି ଚାଲୁଥିବା ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି । ଚିଲିକାରୁ ଜାଲ ବାଡ଼ ଉଚ୍ଛେଦ କରାଯାଇଛି। ଗୁରୁବାର କୃଷ୍ଣପ୍ରସାଦ ରାଜସ୍ୱ ସର୍କଲ ଅଧିନ ଜେଟି, ଚଟେଇକୋଣ, ସୋଲାକୁଦି ବାହାର ଚିଲିକା ଅଞ୍ଚଳରୁ ୫୪୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି ।



ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ସବଇନ୍ସପେକ୍ଟର ନାରାୟଣ ରେଡ୍ଡୀଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର କିଷାନ ସମେତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରିମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

## ଶ୍ରୀମନ୍ଦିରରେ କୃଷ୍ଣ ବଳରାମ ବେଶ

ପୁରୀ, ୧୦/୯(ନିପ୍ର): ଗତକାଲି ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କର ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେବାପରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଯାଇଛି । ଏହି ବେଶ ଦ୍ୱିପ୍ରହର ଧୂପ ପରେ ଆରମ୍ଭ ହୋଇ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ରହିଥିଲା ।ଏହି ବେଶରେ ଜଗନ୍ନାଥଙ୍କୁ କୃଷ୍ଣ ଓ ଶ୍ରୀ ବଳଭଦ୍ରଙ୍କୁ ବଳରାମ ରୂପରେ ସୁସଜ୍ଜିତ କରାଯାଇଥିଲା। ଦେବୀ ସୁଭଦ୍ରା ଚତୁର୍ଭୁଜ ଧାରଣ କରି ଭିନ୍ନଭିନ୍ନ ଆୟୁଧ ସହ ପଦ୍ମାସନରେ ଉପବେସନ କରିଥିଲେ । ଉଭୟ କୃଷ୍ଣ ଏବଂ ବଳରାମ କାଷ୍ଠ ନିର୍ମିତ ଦୁଇ ଗୋଡ଼ ଛନ୍ଦି ଛନ୍ଦପୟର ମୁଦ୍ରାରେ ରହିଥିଲେ। ଜଗନ୍ନାଥଙ୍କ ଗୋଟିଏ ହାତରେ ସୁବର୍ଣ୍ଣ ବଂଶୀ ଓ ଅନ୍ୟ ହସ୍ତରେ ପଦ୍ମ ଫୁଲ ଶୋଭାପାଉଥିଲା । ବଳରାମଙ୍କ ଡାହାଣ ହାତରେ ଶିଙ୍ଘ ଓ ବାମ ହସ୍ତରେ ପଦ୍ମ ଫୁଲ ମଧ ଶୋଭାପାଉଥିଲା ।



କିରୀଟ ଉପରେ ସୋଲରେ ନିର୍ମିତ ସପ୍ତଫେଣିଆ ସର୍ପ ବିରାଜମାନ କରିଥିଲା । ଏହି ବେଶରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଭଦ୍ର ଗୋଟିଏ ଗୋଟିଏ ପାଗ ପିନ୍ଧିଥାନ୍ତି । ସେହି ପାଗ ଦ୍ୱୟ କିରୀଟଯୁକ୍ତ ହୋଇଥାଏ । ରନ୍ ସିଂହାସନ ଉପରେ ଖଞ୍ଜାଯାଇଥିବା ଏକ କ୍ଷୁଦ୍ରକାଷ୍ଠ ନିର୍ମିତ ତଥା ଜରି ଜମ୍ବୁରାରେ ଆଚ୍ଛାଦିତ ସିଂହାସନରେ ଚକାମୁଣ୍ଡି ପକାଇ ପ୍ରଭୁ ପଦ୍ମାସନରେ ଉପନିବେଶ କରିଥିଲେ। ବାଙ୍କଚୂଳ କିରୀଟ ଉପରେ ପତ୍ରଲଗା କଦମ୍ବ ଫୁଲ ଶୋଭାପାଏ । ଏହି ବେଶରେ ଶ୍ରୀପୟର, ପାଉଁଜି, ବାଙ୍କି, ପାହୁଡ଼, ଗୋଡ଼ମୁଦି, ମଲ୍ଲୀକଢ଼,ଚନ୍ଦ୍ର, ଚିତା, ନାକଚଣା, ହାତଫେର, ଖଡ୍ଡୁ ଇତ୍ୟାଦିରେ ସାରା ଶରୀର ମହାପ୍ରଭୁଙ୍କ ଶୋଭା ପାଇଥିଲା। ସୁଭଦ୍ରାଙ୍କ ମସ୍ତକରେ ମଧ ଏକ କିରୀଟ ଶୋଭା ପାଇଥିଲା । ଶ୍ରୀ ବଳଭଦ୍ର ଓ ଶ୍ରୀ ଜଗନ୍ନାଥଙ୍କ ଦୁଇ ପାର୍ଶ୍ୱରେ ନନ୍ଦ, ଉପନନ୍ଦ, ବସୁଦେବ, ଗୋପାଳ ବାଳକମାନେ, ଗୋପୀ, ବ୍ରହ୍ମା, ସହସ୍ର ଚକ୍ଷୁ ଇନ୍ଦ୍ର, ନାରଦ, ରୋହିଣୀ ଓ ଯଶୋଦାଙ୍କୁ ଦଣ୍ଡାୟମାନ ଭଙ୍ଗୀରେ ରଖାଯାଇଥିଲା। ଠାକୁରଙ୍କ ଆଗରେ ଚାରୋଟି ଗାଈ ଦଣ୍ଡାୟମାନ ଭଙ୍ଗୀରେ ଠିଆ ହୋଇଥାନ୍ତି। ଏହି ବେଶରେ ଖିରି ଓ ଅମାଲୁ ଭୋଗ ମଧ ଲାଗିଥାଏ । ଏହି ବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ଭାପୁରରେ ସାଇବର ଠକେଇ

**ଭାପୁର, ୧୦/୯(ନିପ୍ର):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ସାଇବର ଠକେଇ ବୃଦ୍ଧି ପାଇବାରେ ଲାଗିଛି। କେତେବେଳେ ଆବାସ ଯୋଜନାରେ ସାଇବର ଠକେଇ ତ ଏବେ ପୁରୁଣା ପାଞ୍ଚ ଟଙ୍କିଆ ନୋଟ୍ ଠକେଇ ନେଇ ମାତିଲେଣି ସାଇବର ଠକ। ଘଟଣାରୁ ପ୍ରକାଶ, ଫତେଗଡ ଥାନା ଅନ୍ତର୍ଗତ ଚକ୍ରଧର ପ୍ରସାଦ ଗ୍ରାମର ଜଣେ ଯୁବକ ସୋସିଆଲ ମିଡ଼ିଆରେ ଏକ ନ୍ୟୁଜ୍ ଦେଖିବାକୁ ପାଇଥିଲେ ଯେ କୌଣସି ବ୍ୟକ୍ତି ପାଖରେ ପୁରୁଣା ପାଞ୍ଚ ଟଙ୍କିଆ ଓ ଦଶ ଟଙ୍କାର ନୋଟ୍‌ଥିବ ସେ ବ୍ୟକ୍ତିଙ୍କୁ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯିବ। ସେଥିପାଇଁ ଗୋଟିଏ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଯୁବକ ଜଣକ ପାଖରେ ଥିବା ପୁରୁଣା ପାଞ୍ଚ ଟଙ୍କିଆ ନୋଟ୍ ଥିବାରୁ ସେ ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ସେପଟରୁ ସାଇବର ଠକ କହିଥିଲେ ଆପଣଙ୍କ ପାଞ୍ଚ ଟଙ୍କିଆ ନୋଟ୍ ନମ୍ବର ଠିକ୍ ଅଛି ଆପଣ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ଯୋଗ୍ୟ। ହେଲେ ନୋଟ୍ ବିଷୟରେ କାହାକୁ କିଛି କହିବେ ନାହିଁ। ଯୁବକଙ୍କ ଫୋନ ନମ୍ବରକୁ ଏକ ଟଙ୍କା ଭର୍ତ୍ତି ବାକ୍ସର ଭିଡିଓ ପଠାଇଥିଲେ। ଯୁବକ ଜଣକ ଟଙ୍କା ବାକ୍ସ ଭିଡିଓ ଦେଖି ମନରେ ବିଶ୍ୱାସ ଆସି ଯାଇଥିଲା। ଏହାପରେ ସାଇବର ଠକ କହିଥିଲେ ଯେ ଆମେ ଦୁଇଜଣ ଫ୍ଲାଇଟରେ ଓଡିଶା ଯିବୁ ସେଥିପାଇଁ ଆପଣ କିଛି ଟଙ୍କା ପଠାନ୍ତୁ। ଯୁବକ ଜଣକ ଫୋନ ପେ ମାଧ୍ୟମରେ ଟଙ୍କା ପଠାଇ ଦେଇଥିଲେ। ଏହାପରେ ଯୁବକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେବାପରେ ସେମାନଙ୍କ ମୋବାଇଲ ସୁଇଚ ଅଫ୍ ହୋଇ ଯାଇଥିଲା। । ପୋଲିସ ପ୍ରଶାସନ ତରଫରୁ ବାରମ୍ବାର ସାଇବର ଠକେଇ ସଚେତନତା କରୁଥିବା ବେଳେ ଗାଁ ଗହଳିରେ ଏବେ ମଧ ଅଧିକାଂଶ ବ୍ୟକ୍ତି ସାଇବର ଠକେଇର ଶିକାର ହେଉଥିବାବେଳେ ଲୋକଲଜ୍ଜା ଭୟରେ ଥାନାରେ ମଧ ଅଭିଯୋଗ କରୁ ନଥିବା ଜଣାପଡିଛି।

## ବିପଜ୍ଜନକ ଅବସ୍ଥାରେ ଶ୍ରେଣୀଗୃହ

ପୁରୀ, ୧୦/୯(ନିପ୍ର): ପୁରୀ ରେଡକ୍ରସ ରୋଡ଼ରେ ଥିବା ପୋଲିସ ହାଇସ୍କୁଲର ଶ୍ରେଣୀ ଗୃହ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ। ଶ୍ରେଣୀ ଗୃହର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସୁଥିବା ବେଳେ ଅନେକ ସ୍ଥାନରେ କାନ୍ଥ ଫାଟି ଆଁ କରିଛି। କୌଣସି ମୂହୁର୍ତ୍ତରେ ଛାତ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଗତକାଲି ସ୍କୁଲ୍ ଚାଲିଥିବା ବେଳେ ଅଷ୍ଟମ ଏବଂ ନବମ ଶ୍ରେଣୀର ଛାତ୍ରଛାତ୍ରୀ ପଢୁଥିବା ଶ୍ରେଣୀ ଗୃହ ଛାତରୁ ହଠାତ୍ ସିମେଣ୍ଟ ପ୍ଲାଷ୍ଟର ଖସିଥିଲା। ସୌଭାଗ୍ୟ ବଶତଃ ଏଥିରେ କୌଣସି ଛାତ୍ରଛାତ୍ରୀ ଆହତ ହୋଇ ନାହାନ୍ତି। ଏହି ଖବର ଜଣାପଡ଼ିବା ପରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଗୁରୁତ୍ୱ ନ ଦେବା ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଶ୍ରେଣୀ ଗୃହ ମରାମତି ନେଇ ଅଭିଭାବକମାନେ ଅବଗତ କରାଇଥିବା ବେଳେ ଏହାକୁ ଗୁରୁତ୍ୱ ଦିଆ ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଯଦି ସ୍କୁଲ ଛାତ୍ରଛାତ୍ରୀଙ୍କର କୌଣସି ଅଘଟଣ ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି, ପୋଲିସ ହାଇସ୍କୁଲର ବିପଦସଙ୍କୁଳ କୋଠାକୁ ସମ୍ପୂର୍ଣ୍ଣ ସିଲ୍ କରି ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଶ୍ରେଣୀ ଗୃହରେ ପାଠ ପଢ଼ାଇବାର ବ୍ୟବସ୍ଥା କରାଯାଇଛି।

## ସ୍ଥାଣୁ ପାଲଟିଛି ପ୍ରଶାସନ, ଅବାଧରେ ଚାଲିଛି ପଲିଥିନ କାରବାର

କଣ୍ଟିଲୋ,୧୦।୯ (ନିପ୍ର): ପଲିଥିନ କାରବାର ଉପରେ ରାଜ୍ୟ ସରକାର କଟକଣା କଡ଼ାକଡ଼ି ଭାବେ ଲାଗୁ କରିବା ସହ ତାହାକୁ ସଂପୂର୍ଣ୍ଣ ରୂପେ ବେଆଇନ ବୋଲି ଘୋଷଣା କରିଛନ୍ତି। ମାତ୍ର ଧର୍ମକୁ ଆଖିଠାର ମାରିଲା ପରି ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳରେ ପଲିଥିନର ବ୍ୟବହାର ଖୁଲମଖୁଲା ଭାବେ ଚାଲିଥିବା ପରିଲକ୍ଷିତ ହେଉଛି। ପାନ ଦୋକାନ, ଜଳଖିଆ ଦୋକାନ, ତେଜରାତି ଦୋକାନଠାରୁ ଆରମ୍ଭ କରି ହୋଟେଲ ଓ ଢାବାରେ ପଲିଥିନର କାରବାର ବହୁଳ ମାତ୍ରାରେ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ସବୁ ଦେଖି କିଛି ନ ଦେଖିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଯେଉଁଠି ଦେଖିବ ସେଇଠି ଅଳିଆ, ଆବର୍ଜନାରେ କୁଢକୁଢ ପଲିଥିନ ପଡୁଥିବା ବେଳେ ରାସ୍ତାପାର୍ଶ୍ୱରେ ଉଠା ଦୋକାନୀଙ୍କଠାରୁ ଆରମ୍ଭ କରି ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ ଗୁଡିକ ପଲିଥିନର ବହୁଳ ବ୍ୟବହାରକୁ ପ୍ରାଥମିକତା ଦେଇ ଆସୁଥିବା ଜଣାପଡିଛି। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାର ପଲିଥିନର ବ୍ୟବହାର ଉପରେ ଲାଗୁ କରିଥିବା କଟକଣାର କିଛିମାନେ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଏଥିପ୍ରତି ପୁଲିସ ପ୍ରଶାସନ, ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ବେଆଇନ ବାଲି ଚୋରାଚାଲାଣ ବେଳେ ହାଇୱା ଜବତ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଖଣି ବିଭାଗ

ଆସିକା, ୧୦/୯(ନିପ୍ର): ଆସିକା ପୋଲିସ ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢାଉ କରାଯାଉଥିଲେ ବେଳେ ଖଣି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ବାଲି ମାଫିଆମାନେ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ରୀତିମତ ଲକ୍ଷଲକ୍ଷ ଟଙ୍କାର ବାଲି ବେଆଇନ ଭାବେ ଚୋରାଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଜୁଲାଇ ୧୫ ତାରିଖଠାରୁ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ନଦୀ ବାଲିଘାଟରୁ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ବାଲି ମାଫିଆମାନେ ରାତି ଅଧରେ ଋଷିକୂଲ୍ୟା ଓ ବଡ଼ନଦୀ ବାଲିଘାଟରୁ ବାଲି ଉତ୍ତୋଳନ କରି ହାଇୱା ଯୋଗେ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି । ଆସିକା ବ୍ଲକ ଜୟପୁର ପଞ୍ଚାୟତ କେନ୍ଦୁପଦରରୁ ମଧ ପ୍ରତିଦିନ ଲକ୍ଷଲକ୍ଷ ଟଙ୍କାର ବେଆଇନ ବାଲି ଚୋରାଚାଲାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରୁଥିବା ଜଣାଯାଇଛି। ଆସିକା ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗତକାଲି ରାତିରେ ପାଟ୍ରୋଲିଂ ସମୟରେ ଆସିକା ଥାନା କାଳକଣ୍ଠପୁର ଠାରେ ସୋରଡ଼ା ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଓଡ଼ି ୦୭ବିଏଫ ୦୪୭୫ ନମ୍ବର ବିଶିଷ୍ଟ ଗୋଟିଏ ବାଲି ବୋଝେଇ ହାଇୱାକୁ ଅଟକାଇ ଜବତ କରିବା ସହ ଗାଡ଼ିର ମାଲିକକୁ ଗିରଫ କରିଛି। ଏ ନେଇ ଆସିକା ଥାନାରେ ୫୦୯/୨୬ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଜିନ୍ଦଲ ଫାଉଣ୍ଡେସନର 'ଉତ୍କର୍ଷ'କାର୍ଯ୍ୟକ୍ରମରେ ୧୦ ଓପିଏସସି ପ୍ରାର୍ଥୀ ସମ୍ବର୍ଦ୍ଧିତ



ଅନୁଗୋଳ, ୧୦/୯(ନିପ୍ର): ଜିନ୍ଦଲ ଫାଉଣ୍ଡେସନ୍‌ର ପ୍ରମୁଖ କୋଚିଂ କାର୍ଯ୍ୟକ୍ରମ 'ଉତ୍କର୍ଷ'ଜରିଆରେ ପ୍ରସ୍ତୁତି କରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପରୀକ୍ଷାରେ ସଫଳତା ହାସଲ କରିଥିବା ୧୦ ଜଣ ସଫଳ ପ୍ରାର୍ଥୀଙ୍କୁ ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିନ୍ଦଲ ଷ୍ଟିଲ୍, ଅନୁଗୋଳଠାରେ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସମାରୋହରେ ଜିନ୍ଦଲ ଷ୍ଟିଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର ଏବଂ ଜିନ୍ଦଲ ଫାଉଣ୍ଡେସନ୍‌ର ସିଏସଆର ଗୋଷ୍ଠୀ ମୁଖ୍ୟ ରିଷି ପଠାନିଆ ଉପସ୍ଥିତ ଥିଲେ। ଏହି ଅବସରରେ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସଂଗ୍ରାମ ପ୍ରଧାନ (୫ମ ସ୍ଥାନ), ସୁଶ୍ରୀ ସୁମନ ଗୁପ୍ତା (୧୫ତମ ସ୍ଥାନ), ସୋମନାଥ ପତି (୧୭ତମ ସ୍ଥାନ), ସୌରଭ ମହାପାତ୍ର (୩୦ତମ ସ୍ଥାନ), ସୁଶ୍ରୀ ଶୁଭଲକ୍ଷ୍ମୀ ପାତ୍ର (୩୪ତମ ସ୍ଥାନ), ସୁଶ୍ରୀ ଶତରୂପା ମିତ୍ର (୪୯ତମ ସ୍ଥାନ), ସୁଶ୍ରୀ ଅକ୍ଷତା ସାହୁ (୭୧ତମ ସ୍ଥାନ), ରବୀନ୍ଦ୍ର ରାଉତ (୧୦୭ତମ ସ୍ଥାନ), ସୁଶ୍ରୀ ସୁଭାସ୍ମିତା ଜେନା (୧୧୧ତମ ସ୍ଥାନ) ଏବଂ ଶ୍ରୀ ସଞ୍ଜୟ ପୁର୍ତ୍ତି (୧୪୧ତମ ସ୍ଥାନ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ରାଜୀବ କୁମାର ସେମାନଙ୍କ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପକୁ ପ୍ରଶଂସା କରିବା ସହ ନିଜ ସ୍ୱପ୍ନକୁ ସାକାର କରିଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଶିକାରୀଙ୍କୁ ଧରାଇଲା ଟ୍ରାପ୍ କ୍ୟାମେରା

ନୀଳଗିରି, ୧୦/୯: ବନ ବିଭାଗକୁ ବଡ଼ ସଫଳତା । ଧରାହେଲା ଶିକାରୀ । କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ଧରାଉଛି ଶିକାରୀ । କିଛିଦିନ ତଳେ ନିୟମିତ ଯାଞ୍ଚ ସମୟରେ ଅଭିଯୁକ୍ତଙ୍କ ଫଟୋ କ୍ୟାମେରାରେ ରେକର୍ଡ ହୋଇଥିବା ବେଳେ ସେମାନଙ୍କୁ ଚିହ୍ନଟ କରି ଧରାଯାଉଛି । ସେହି ଫଟୋ ଆଧାରରେ କୁଲଡିହା ରେଞ୍ଜର ଓ ବନ କର୍ମଚାରୀ କପ୍ତିପଦା ରେଞ୍ଜ କର୍ମଚାରୀଙ୍କ ସହାୟତାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧିନ ମାଙ୍କଡ଼ପଡା ରଘୁନାଥପୁର ଗ୍ରାମର ମାସଙ୍ଗ ମୁର୍ମୁ (୩୯)କୁ ବନ ବିଭାଗ ଗିରଫ କରିଛନ୍ତି । ତାଙ୍କଠାରୁ ଗୋଟିଏ ବନ୍ଧୁକ, ୫ଟି ଜିଆଇ ଫାଶ, ଗୋଟିଏ ଧନୁ, ଦୁଇଟି ତୀର, ଦୁଇଟି ଭଙ୍ଗା ଟ୍ରାପ୍ କ୍ୟାମେରା ଜବତ କରାଯାଇଛି।

## ଅକ୍ଟୋବର ୨୬ରୁ ରାଈ ଦାମୋଦର ବ୍ରତ

ପୁରୀ, ୯/୯(ନିପ୍ର): ଚଳିତବର୍ଷ ଅକ୍ଟୋବର ୨୬ରୁ ଆରମ୍ଭ ହେବ କାର୍ତ୍ତିକ ମାସର ରାଈ ଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ। ଏହି ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ ହବିଷ କରିବାକୁ ଆସୁଥିବା ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅପରାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧକ୍ଷତା କରିବା ସହ ଚଳିତବର୍ଷ ୩ ଟି ହବିଷ୍ୟାଳୀ ନିବାସ ଯଥା ବୃନ୍ଦାବତୀ ନିବାସ, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ମୋଚି ସାହି ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ହବିଷ୍ୟାଳି ମା'ମାନେ ରହି ବ୍ରତ ପାଳନ କରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ମା'ମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସଂଧାରେ ଭଜନ,ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ମଧ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇଥିଲେ। କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରାଯାଇ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରାଗଲା। ମା'ମାନଙ୍କ ରହିବାର ୩ଟି ରହଣି ସ୍ଥଳକୁ ପ୍ରସ୍ତୁତ କରିବା, ସ୍ୱାସ୍ଥ୍ୟସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା'ମାନଙ୍କୁ ପରିଚୟପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା,ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ଏହାର ଲିଙ୍କ ଓ ସାଇଟ ବିଭିନ୍ନ ଖବରକାଗଜମାନଙ୍କରେ ପ୍ରକାଶ କରାଯିବ। ଆବେଦନ ପତ୍ର ଯାଞ୍ଚପରେ ଯୋଗ୍ୟ ହିତାଧିକାରୀ ହୋଇଥିବା ହବିଷ୍ୟାଳୀ ମା'ମାନଙ୍କୁ ସେମାନଙ୍କ ପ୍ରଦତ୍ତ ମୋବାଇଲ ଓ ମେଲ ମାଧ୍ୟମରେ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଚିନିଶିଳ୍ପ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଦାବିରେ ଧାରଣା

**ଆସିକା, ୧୦/୦୯(ନିପ୍ର):** ଆସିକା ସମବାୟ ଚିନି ଶିଳ୍ପରେ ଦୀର୍ଘଦିନ ଧରି କାର୍ଯ୍ୟରତ ୯୯ ଜଣ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଦାବିରେ ଆସିକା ଚିନି ଶିଳ୍ପ ଶ୍ରମିକ ସଂଘ ଓ ଅଲ ଇଣ୍ଡିଆ ଟ୍ରେଡ଼ ୟୁନିୟନ କଂଗ୍ରେସ ମିଳିତ ଭାବରେ ଚିନି କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିରେ ଶତାଧିକ କର୍ମଚାରୀ ଓ ଶ୍ରମିକ ଯୋଗଦେଇଥିଲା ବେଳେ ଧାରଣାସ୍ଥଳରେ ସଂଘର ସଭାପତି ରାମକୃଷ୍ଣ ପଣ୍ଡା, ଉପସଭାପତି ପ୍ରଦୀପ ସେଠୀ, ତାଜେନ୍ଦ୍ର ପ୍ରସାଦ ଦାସ, ଅଳକା ମିଶ୍ର, ଦାମୋଦର ସିଅ, କୈଳାସ ପଟନାୟକ, ସନ୍ତୋଷ ପଟନାୟକ, ବିଦେଶୀ ନାୟକ, ନାରାୟଣ ଜେନାଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଶ୍ରମିକ ଉପସ୍ଥିତ



ଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ଚିନି ଶିଳ୍ପରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ୯୯ ଜଣ ଏନଏମଆର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ତ୍ରିପାକ୍ଷିକ କମିଟିର ରିପୋର୍ଟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରିଛି। ସଂଘର ସୂଚନା ଅନୁଯାୟୀ, ଗତ ୨୩/୧୧/୨୦୨୫ରେ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ତ୍ରିପାକ୍ଷିକ କମିଟି ଏନଏମଆର କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲା। କିନ୍ତୁ ଉକ୍ତ ରିପୋର୍ଟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଦାବି ନେଇ ପୂର୍ବରୁ ଆରମ୍ଭ ହୋଇଥିବା ଧାରଣାକୁ ୨୩/୦୩/୨୦୨୬ରେ ସ୍ଥଗିତ ରଖାଯାଇଥିଲା। ରିପୋର୍ଟ କାର୍ଯ୍ୟକାରୀ ନହେଲେ ପୁନର୍ବାର ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ପୂର୍ବରୁ ଲିଖିତ ଭାବେ ଜଣାଇଥିବା କୁହାଯାଇଛି। ଏନେଇ ସଂଘ ପକ୍ଷରୁ ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ, ସମବାୟ ନିବନ୍ଧକ, ଗଞ୍ଜାମ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଶ୍ରମ ଅଧିକାରୀ, ଆସିକା ସହକାରୀ ଶ୍ରମ ଅଧିକାରୀ, ଆସିକା ଏସଡିପିଓ ଓ ଆସିକା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଏନଏମଆର କର୍ମଚାରୀଙ୍କ ଦୀର୍ଘଦିନର ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଆଧୁନିକ ଚାଉଳ, ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୧୦।୯ : ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ), ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ୩,୮୪୫ ବର୍ଗ ମିଟର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ, ଉଚ୍ଚ ପ୍ରୋଟିନ୍ ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତ୍ତା ପରୀକ୍ଷା କରାଯାଇଛି। ବିଶେଷ କରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଚାଉଳ, କଳାଜିରା ଧାନ ଏବଂ ରପ୍ତାନି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି। କେବଳ ଚାଉଳ ପ୍ରସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଓଜଜଓ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଏବଂ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରି କରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରୟ ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତ୍ତିଭୂମି ଓ କମ୍ୟୁନିଟି ଭାଗୀଦାରିର ଏହି ମିଳିତ ପ୍ରଚେଷ୍ଟା ଓଡ଼ିଶାର କୃଷି ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀ ଓ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ